

ମହିଳା ବିଚାରପତି ବି ଯୌନ ଶୋଷଣର ଶିକାର

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 162 ଭାଗ ୩୪ | ସଂଖ୍ୟା ୧୬୨ | Wednesday 2 September 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର, ୨ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ବିଭୀଷିକା ନେଇ ନେପାଳର କୂଟନୈତିକ ଆକ୍ରମଣ

# ସହାୟତା ନୁହେଁ, କ୍ଷତିପୂରଣ ଦରକାର

**ଭାରତ ସମେତ ୩ ଦେଶକୁ ଅଙ୍ଗୁଳି ନିର୍ଦ୍ଦେଶ**

**ଅନ୍ତର୍ଜାତୀୟ ଫୋରମ୍‌ରେ ବି ଦାବି କରିବ**

**ଦୁଇ ବିଲିଅନ୍ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇଲା**

**ମୃତ୍ୟୁସଂଖ୍ୟା ହଜାରେ ଟପିଲା, ପ୍ରାୟ ୪ ହଜାର ନିଖୋଜ**



କାଠମାଣ୍ଡୁ,୧।୯: ହିମସ୍ଖଳନ ପରେ ରାସୁଓ୍ୱା ନଦୀରେ ସୃଷ୍ଟି ହୋଇଥିବା ଆକସ୍ମିକ ଜଳ-ପ୍ରଳୟକୁ ନେଇ ନେପାଳ ସରକାର ବିଶ୍ୱର ପ୍ରମୁଖ ଗ୍ରୀନହାଉସ୍ ଗ୍ୟାସ୍ ଉତ୍ସର୍ଜନକାରୀ ରାଷ୍ଟ୍ରଗୁଡ଼ିକ ଉପରେ କୂଟନୈତିକ ଆକ୍ରମଣ କରିଛନ୍ତି। ଭୟାବହ ଜଳ ବିଭୀଷିକା ପରେ ନେପାଳକୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ସହାୟତାର ସୁଅ ଛୁଟୁଛି। ତେବେ ସହାୟତା ନୁହେଁ, ଗ୍ରୀନହାଉସ୍ ଗ୍ୟାସ ଉତ୍ସର୍ଜନ କରୁଥିବା ବିଶ୍ୱର ପ୍ରମୁଖ ରାଷ୍ଟ୍ର ଚୀନ, ଆମେରିକା ଓ ଭାରତ ପକ୍ଷରୁ ଏହା କ୍ଷତିପୂରଣ ଚାହେଁ ବୋଲି ନେପାଳ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି। ମଙ୍ଗଳବାର ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ କହିଛନ୍ତି ଯେ ନେପାଳର ନିଜସ୍ୱ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ 'ବ୍ୟାବହାରିକ ଭାବରେ ଖୁବ୍ ନଗଣ୍ୟ'। ମାତ୍ର ଦୁର୍ଭାଗ୍ୟର ବିଷୟ ନେପାଳକୁ ହିଁ ଗ୍ରୀନହାଉସ୍ ଗ୍ୟାସ ଦ୍ୱାରା ସୃଷ୍ଟି ହେଉଥିବା ସଂକଟର ଭାରକୁ ବହନ କରିବାକୁ ପଡୁଛି, ଯେଉଁଥିପାଇଁ ଏହାର ଭୂମିକା ବହୁତ କମ୍ ରହିଛି।

ଆଞ୍ଚଳିକ ଟେଲିଭିଜନ୍ ଚ୍ୟାନେଲ୍ 'କାନ୍ତିପୁର ଟିଭି'କୁ ସାକ୍ଷାତକାର ଦେବା ଅବସରରେ ଖନାଲ କହିଛନ୍ତି, ନେପାଳ ତା'ର କୂଟନୈତିକ ଢାଞ୍ଚାରେ ପରିବର୍ତ୍ତନ ଆଣିଛି। ନେପାଳକୁ କୌଣସି ପ୍ରକାର 'ସହାୟତା'ର ଆବଶ୍ୟକତା ନାହିଁ। ବରଂ ନେପାଳ ନ୍ୟାୟ ଓ କ୍ଷତିପୂରଣ ପାଇବା ଲାଗି ଦାବିଦାର। ଏହା କୌଣସି ଦାନ ବା ଭିକ୍ଷାର ବିଷୟ ନୁହେଁ; ଏହା ହେଉଛି ପୂର୍ଣ୍ଣତଃ ଏକ ନ୍ୟାୟ ଓ ନୈତିକତାର ପ୍ରସଙ୍ଗ। ବିଶ୍ୱର ପ୍ରମୁଖ ଶିଳ୍ପଭିତ୍ତିକ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନକାରୀ ରାଷ୍ଟ୍ର ତାଲିକାରେ ପ୍ରଥମେ ଚୀନ୍, ଦ୍ୱିତୀୟରେ ଆମେରିକା ଓ ତୃତୀୟ ସ୍ଥାନରେ ଭାରତ ରହିଛି। ସେଥିଲାଗି ନେପାଳ ଭଳି ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ କ୍ଷତିପୂରଣ ଦେବାରେ ସେମାନଙ୍କର ଏକ ଐତିହାସିକ ଦାୟିତ୍ୱ ରହିଛି ବୋଲି ଖନାଲ୍ ସ୍ପଷ୍ଟ ଶବ୍ଦରେ ଉଲ୍ଲେଖ କରିଛନ୍ତି।

ଅପରପକ୍ଷରେ ପ୍ରଧାନମନ୍ତ୍ରୀ ବାଲେନ୍ ଶାହ ମଧ୍ୟ ଅନ୍ତର୍ଜାତୀୟ ସମୁଦାୟ ନିକଟରେ 'ସହାୟତା' ନୁହେଁ, 'କ୍ଷତିପୂରଣ' ପ୍ରସଙ୍ଗକୁ ଜୋରଦାର କରିବା ପାଇଁ ନେପାଳର ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ନେପାଳର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଇତିମଧ୍ୟରେ ଏହାର ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଆନୁଷ୍ଠାନିକ ଭାବେ 'ଆନୁଷ୍ଠାନିକ ଜଳବାୟୁ କ୍ଷତିପୂରଣ' ଦାବିପତ୍ର ପଠାଇଛି।

ନେପାଳ ବିଭୀଷିକା ନେଇ ଜାତିସଂଘ ତଥା ଅନ୍ତର୍ଜାତୀୟ ସମୁଦାୟର ଭୂମିକା ଉପରେ ଆଲୋକପାତ କରି ଖନାଲ୍ କହିଛନ୍ତି ଯେ ଆମେ ପ୍ରତ୍ୟେକ ଆଗାମୀ ଅନ୍ତର୍ଜାତୀୟ ଫୋରମରେ ସମ୍ପୂର୍ଣ୍ଣ ଦୃଢ଼ତା ଓ ସ୍ପଷ୍ଟତାର ସହ ଏହି ପ୍ରସଙ୍ଗ ଉଠାଇବୁ। ଏଠାରେ କେବଳ ନେପାଳର କ୍ଷୟକ୍ଷତି ପ୍ରସଙ୍ଗ ନୁହେଁ, କିମ୍ବା ଆମେ କେବଳ ନେପାଳର ଲୋକଙ୍କ ପାଇଁ ଓକିଲାତି କରୁନାହୁଁ, ଏହା ପଛରେ ରହିଛି ଏକ ସଭ୍ୟତା ତିଷ୍ଠି ରହିବାର ପ୍ରଶ୍ନ। ଯଦି ହିମାଳୟର ଗ୍ଲାସିଅର ଉଭାନ ହୋଇଯାଏ, ତା'ହେଲେ ଗଙ୍ଗା ଓ ତ୍ରିଶୂଳୀ ନଦୀ ଉପରେ ନିର୍ଭରଶୀଳ ହୋଇ ରହିଥିବା ଦକ୍ଷିଣ ଏସିଆର ଦୁଇ ବିଲିଅନ୍ ଲୋକଙ୍କ ଜଳ ସୁରକ୍ଷା ପ୍ରତି ଭୟଙ୍କର ବିପଦ ସୃଷ୍ଟିହେବ। ସେଥିଲାଗି ➪ପୃଷ୍ଠା-୬

## ଦିଲ୍ଲୀ ଗସ୍ତରେ ମୋହନ-ନବୀନ





ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ସେହିପରି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଦିଲ୍ଲୀ ଗସ୍ତ କରିଛନ୍ତି। ଉଭୟଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜ୍ୟ ରାଜନୀତିରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଅପରାହ୍ନ ୩.୨୦ରେ ତାଙ୍କ ସରକାରୀ ବାସଭବନ ଛାଡି ଅପରାହ୍ନ ପ୍ରାୟ ୩: ୪୦ରେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ସନ୍ଧ୍ୟା ୫.୪୦ ସୁଦ୍ଧା ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ପହଞ୍ଚିଛନ୍ତି। ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ଜଳ ସଂରକ୍ଷଣ ସମ୍ପର୍କିତ ବୈଠକରେ ଯୋଗଦେବେ। ଅନ୍ୟ ରାଜ୍ୟ ସହ ଓଡ଼ିଶା ପକ୍ଷରୁ ମଧ୍ୟ ଜଳ ସଂରକ୍ଷଣ ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ରକୁ ଅବଗତ କରାଯିବ । ସେହିପରି ନବୀନ ପଟ୍ଟନାୟକ ଆଜି ଦିନ ୧ଟାରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏକାସାଙ୍ଗରେ ଉଭୟ ଶାସକ ଓ ବିରୋଧୀ ଶିବିରର ଶୀର୍ଷ ନେତାଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ବିରୋଧୀ ଦଳ ନେତା ମଧ୍ୟ ୭ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି।

### ସରକାରୀ ଯୋଜନାର ତଦାରଖ ପାଇଁ ଜିଲ୍ଲା ଯିବେ ସଚିବ

## ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳକୁ କରିବେ ସରପ୍ରାଇଜ ଭିଜିଟ୍

**ଅକ୍ଟୋବର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

**ଉପଖଣ୍ଡ ମୁଖ୍ୟାଳୟରେ ରାତିରେ ରହିବେ**



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ରାଜ୍ୟରେ ସରକାରୀ ଓ କେନ୍ଦ୍ର ପ୍ରାୟୋଜିତ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଏବଂ ତୃଣମୂଳ ସ୍ତରରେ ଏହାର ବାସ୍ତବ ସ୍ଥିତି ଯାଞ୍ଚ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟର ତଦାରଖ କରିବା ନିମନ୍ତେ ୩୦ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ସଚିବମାନଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏକ ବିଧିବଦ୍ଧ ଚିଠି ଜାରି କରିଛନ୍ତି। ସମସ୍ତ ପ୍ରମୁଖ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ଆସନ୍ତା ଅକ୍ଟୋବର ସୁଦ୍ଧା ନିଜକୁ ଆବଣ୍ଟିତ ହୋଇଥିବା ଜିଲ୍ଲାଗୁଡ଼ିକୁ ଗସ୍ତ କରିବା ପାଇଁ ଏହି ଚିଠିରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଅଧିକାରୀ ନିଜ ଦାୟିତ୍ୱରେ ଥିବା ଜିଲ୍ଲାରେ ଅତି କମ୍‌ରେ ୨ରୁ ୩ଦିନିଆ ଗସ୍ତ କରିବା ସହ ଗୋଟିଏ ରାତି ଜିଲ୍ଲା କିମ୍ବା ଉପଖଣ୍ଡ ମୁଖ୍ୟାଳୟରେ ରହିବା ବାଧ୍ୟତାମୂଳକ କରାଯାଇଛି।

ଗସ୍ତ ସମୟରେ ଅଧିକାରୀମାନେ ସ୍ୱାସ୍ଥ୍ୟସେବା ଉପରେ ବିଶେଷ ଗୁରୁତ୍ୱ ଦେବେ। ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ➪ପୃଷ୍ଠା-୬

# କଲେଜ ଛାତ୍ରୀଙ୍କୁ ସୁରକ୍ଷା ଦେବେ 'ଶକ୍ତି ଅପା'

**ପ୍ରତିଷ୍ଠିତ ମହିଳା ପ୍ରତିଭାଙ୍କୁ ଏହି ଦାୟିତ୍ୱ ଦିଆଯିବ**

**ସବୁ ନୋଡାଲ ଡିଗ୍ରୀ କଲେଜକୁ ନିର୍ଦ୍ଦେଶନାମା ଜାରି**

**ପ୍ରତି ଜିଲ୍ଲାରେ ୫ରୁ ୧୦ଜଣ ଶକ୍ତି ଅପା ନିଯୁକ୍ତି ପାଇବେ**




ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇବା ସହ ସେମାନଙ୍କୁ ଆତ୍ମବିଶ୍ୱାସୀ ଓ ସଶକ୍ତ କରିବା ଲାଗି ରାଜ୍ୟ ସରକାର ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। କଲେଜ ପରିସରରେ ଛାତ୍ରୀମାନଙ୍କୁ ସଠିକ୍ ଦିଗଦର୍ଶନ, ମାନସିକ ସମ୍ବଳ ଓ ସୁରକ୍ଷାର ଭରସା ଯୋଗାଇବା ପାଇଁ ପ୍ରତି ଜିଲ୍ଲାରେ ନିଯୁକ୍ତ ପାଇବେ 'ଶକ୍ତି ଅପା'। ରାଜ୍ୟ ସରକାରଙ୍କ ପ୍ରମୁଖ 'ଶକ୍ତିଶ୍ରୀ' ଯୋଜନା ଅଧୀନରେ ରାଜ୍ୟର ପ୍ରତିଷ୍ଠିତ ମହିଳା ପ୍ରତିଭାମାନଙ୍କୁ ଏହି ଦାୟିତ୍ୱ ଦିଆଯିବ, ଯେଉଁମାନେ ଛାତ୍ରୀମାନଙ୍କ ପାଇଁ ରୋଲ୍ ମଡେଲ୍ ଓ ମେଣ୍ଟର ସାଜିବେ। ଏହି ମହତ୍ୱାକାଂକ୍ଷୀ ଯୋଜନାକୁ ତ୍ୱରାନ୍ୱିତ କରିବା ଲାଗି ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଆଜି ସମସ୍ତ ଜିଲ୍ଲାସ୍ତରୀୟ ନୋଡାଲ ଡିଗ୍ରୀ କଲେଜର ଅଧ୍ୟକ୍ଷମାନଙ୍କୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ, ପ୍ରତି ଜିଲ୍ଲାରେ ନୋଡାଲ ଡିଗ୍ରୀ କଲେଜ ପକ୍ଷରୁ ପ୍ରାଥମିକ ଭାବେ ୫ ଜଣ ବିଶିଷ୍ଟ ମହିଳାଙ୍କୁ 'ଶକ୍ତି ଅପା' ଭାବେ ମନୋନୀତ କରାଯିବ। ଜିଲ୍ଲାର ଆବଶ୍ୟକତା ଓ ଭୌଗୋଳିକ ସ୍ଥିତିକୁ ବିଚାରକୁ ନେଇ ଜିଲ୍ଲାପାଳ ଚାହିଁଲେ ଏହି ସଂଖ୍ୟାକୁ ସର୍ବାଧିକ ୧୦ ପର୍ଯ୍ୟନ୍ତ ବଢ଼ାଇ ପାରିବେ।

ମନୋନୀତ ଶକ୍ତି ଅପାମାନେ ପ୍ରତି ୩ ମାସରେ ଅତି କମରେ ଥରେ ଲେଖାଏଁ ନିଜ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଗସ୍ତ କରି ଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ବୁଝିବେ। ଏହି ଗସ୍ତ ପାଇଁ ଆବଶ୍ୟକ ➪ପୃଷ୍ଠା-୬

## ଆମେରିକାର ପୁଣି ଆକ୍ରମଣ

ୱାଶିଂଟନ, ୧।୯: ଆମେରିକା ଆଜି ଦ୍ୱିତୀୟ ଦିନରେ ପୁଣିଥରେ ଇରାନର ଇସଲାମିକ୍ ରିଭଲ୍ୟୁସନ୍ ଗାର୍ଡ କର୍ପସ(ଆଇଆରଜିସି)ର ବିଭିନ୍ନ ସାମରିକ ସ୍ଥଳ ଉପରେ ଆକ୍ରମଣ କରିଛି। ଆଇଆରଜିସି ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବାଣିଜ୍ୟିକ ଜାହାଜ ଓ ଉପସାଗରୀୟ ଅଞ୍ଚଳରେ ମୁତୟନ ହୋଇଥିବା ଆମେରିକା ସୈନ୍ୟଙ୍କ ଉପରେ ଆକ୍ରମଣ କରୁଥିବା ଅଭିଯୋଗ କରି ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ) ଏଭଳି ଆକ୍ରମଣ କରାଯାଇଥିବା କୁହାଯାଇଛି। ଗତକାଲି ଆମେରିକା ଇରାନର ହର୍ମୁଜ ପ୍ରଣାଳୀରେ ଥିବା ରକେଟ୍ ପ୍ରକ୍ଷେପଣ ସ୍ଥଳ ଉପରେ ଆକ୍ରମଣ କରି ପୁଣିଥରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରିଥିଲା। ଯୁଦ୍ଧ କରିବା ବଦଳରେ ତେହରାନ ଉପରେ ଅର୍ଥନୈତି ଚାପ ପକାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଏହି ଆକ୍ରମଣ କରାଯାଇଛି।

### ଚେରମୂଳି ଔଷଧ ଖାଇ ଦମ୍ପତିଙ୍କ ମୃତ୍ୟୁ ମାମଲା

## ସହଯୋଗୀ ସମେତ ଗୁଣିଆ ଗିରଫ



ଫୁଲବାଣୀ,୧।୯(ସଂଚାର ବ୍ୟୁରୋ): କିଛି ଦିନ ତଳେ ସନ୍ତାନ ପାଇବା ଆଶାରେ ଗୁଣିଆଙ୍କଠାରୁ ଔଷଧ ଖାଇ ଶେଷରେ ନିଃସନ୍ତାନ ଦମ୍ପତିଙ୍କ ମୃତ୍ୟୁ ଘଟଣାର ଆଜି ପର୍ଦ୍ଦାଫାସ ହୋଇଛି। ଔଷଧ ନାଁରେ ଉକ୍ତ ଦମ୍ପତିଙ୍କୁ ବିଷ ଦିଆଯାଇଥିଲା ବୋଲି ଆଜି କନ୍ଧମାଳ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୨ ଜଣଙ୍କୁ ଗିରଫ କରାଯିବା ପରେ ସ୍ପଷ୍ଟ ହୋଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ମିଥୁନ ଦିଗାଲ ଓରଫ ଅନିଲ ପ୍ରଧାନ (୪୨) ଓ ତାଙ୍କ ସହଯୋଗୀ ସୀତା କହଁର (୫୬) ଆଜି ପୁଲିସ୍ ହାବୁଡ଼ରେ ପଡ଼ିଛନ୍ତି। ଗୋଛାପଡ଼ା ଥାନା ଅଧୀନସ୍ଥ କଟିଙ୍ଗିଆ ପଞ୍ଚାୟତର ନେଡିପଙ୍ଗା ଗାଁର କାହ୍ନୁ ଚରଣ କହଁର ଓ ତାଙ୍କ ପତ୍ନୀ ଲଳିତା କହଁର ଦୀର୍ଘ ବର୍ଷ ଧରି ନିଃସନ୍ତାନ ରହିବା ପରେ ଶେଷରେ ଉପରୋକ୍ତ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଉଭୟ ଅନିଲ ଓ ସୀତା ସେମାନଙ୍କୁ ସନ୍ତାନ ହେବାର ପ୍ରତିଶ୍ରୁତି ଦେଇ ନାନାଦି ଚେରମୂଳି ଦେଇଥିଲେ। ଏ ବାବଦରେ ସେମାନେ କହଁର ଦମ୍ପତିଠାରୁ ଟଙ୍କା ଓ ସୁନା ଅଳଙ୍କାର ନେଇଥିବା ଆଜି ପୁଲିସ୍‌ର ପଚରାଉଚରା ➪ପୃଷ୍ଠା-୬

### ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ନିର୍ମାଣ ଲାଗି ବିଡରଙ୍କ ମଧ୍ୟରେ ଆଗ୍ରହ

## ୮,୩୦୦.୭୯ କୋଟିରେ ନିର୍ମାଣ ହେବ ଉପକୂଳ ରାଜପଥ



ନୂଆଦିଲ୍ଲୀ,୧।୯(ସଂଚାର ବ୍ୟୁରୋ): ଓଡ଼ିଶାର ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୦ କିମି ଲମ୍ବ ଉପକୂଳ ଜାତୀୟ ରାଜପଥ ନିର୍ମାଣ ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)କୁ ନିଲାମ କ୍ରେତା ବା ବିଡର୍‌ଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଏନ୍‌ଏଚ୍‌ଏଆଇ ଦୁଇଟି ପ୍ୟାକେଜରେ ଏହି ପ୍ରକଳ୍ପ ପାଇଁ ନିଲାମ ଆହ୍ୱାନ କରିଥିଲା ଓ ଉଭୟ ପ୍ୟାକେଜ ନିମନ୍ତେ ନିଲାମୀ ପ୍ରକ୍ରିୟାରେ ବହୁସଂଖ୍ୟକ ବିଡର୍ ଅଂଶଗ୍ରହଣ କରିଛନ୍ତି। ପ୍ରକଳ୍ପର ପ୍ରଥମ ଭାଗ (ପ୍ୟାକେଜ୍ ୧) ଅଧୀନରେ ରାମେଶ୍ୱରମ୍‌ରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪ କିମି ଲମ୍ବା, ଚାରି ଲେନ୍ ବିଶିଷ୍ଟ, ଆକ୍ସେସ୍-କଣ୍ଟ୍ରୋଲ୍ଡ ରାସ୍ତା ପାଇଁ ୧୦ଟି ପ୍ରସ୍ତାବ ବା ବିଡ୍ ମିଳିଛି। ଅନ୍ୟପଟେ ଦ୍ୱିତୀୟ ଭାଗ (ପ୍ୟାକେଜ୍ ୨) ଅଧୀନରେ ୮୦.୭ କିମି ଲମ୍ବା, ଦୁଇ ଲେନ୍ ବିଶିଷ୍ଟ ପେଭ୍‌ଡ ଶୋଲ୍ଡର୍ ରାସ୍ତା ପାଇଁ ୭ଟି ପ୍ରସ୍ତାବ ହସ୍ତଗତ ହୋଇଛି। ଏହା ନିଲାମୀରେ ଭାଗ ନେଇଥିବା ଠିକା ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଓ ଆଗ୍ରହକୁ ପ୍ରତିଫଳିତ କରୁଛି। ପ୍ରକଳ୍ପଟି ➪ପୃଷ୍ଠା-୬

### ପୁଣି ଠପ୍ ହୋଇପାରେ ରାସନ ବଣ୍ଟନ ସେବା

## ଆଜିଠୁ ଯୋଗାଣ ସହାୟକଙ୍କ ସାମୂହିକ ଛୁଟି

ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ରାଜ୍ୟରେ ପୁଣି ଠପ୍ ହୋଇପାରେ ରାସନ ବଣ୍ଟନ ସେବା। ସ୍ଥାୟୀ ନିଯୁକ୍ତି ଓ ଉଚିତ ମଜୁରୀ ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ। ଦାବି ପୂରଣ ନ ହେଲେ ଆସନ୍ତାକାଲିଠାରୁ ସାମୂହିକ ଛୁଟିରେ ଯିବାକୁ ସଂଘ ନିଷ୍ପତ୍ତି ନେଇଛି। ସଂଘର ଚେତାବନୀ ଅନୁସାରେ, ଆସନ୍ତା ୭ ତାରିଖ ସୁଦ୍ଧା ସରକାର ସେମାନଙ୍କ ଦାବି ଉପରେ କୌଣସି ଠୋସ୍ ପଦକ୍ଷେପ ନିଆ ନ ଗଲେ ୭ ତାରିଖରୁ ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ। ଏଥିସହ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇବାକୁ ସଂଘ ଚେତାବନୀ ଦେଇଛି। ସଂଘର ଦାବି ଅନୁସାରେ, ରାଜ୍ୟରେ ପ୍ରାୟ ୩,୫୦୦ ଯୋଗାଣ ସହାୟକ ଦୀର୍ଘ ୧୪ ବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି। ତେବେ ଏତେ ବର୍ଷ ଧରି କାମ କରିବା ପରେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ଏଥିସହ ଉଚିତ୍ ମଜୁରୀ ମଧ୍ୟ ମିଳୁ ନ ଥିବା ସଂଘ ଅଭିଯୋଗ କରିଛି। ବର୍ତ୍ତମାନ ମାସିକ ୧୫ରୁ ୧୮ ହଜାର ଟଙ୍କା ଦରମାରେ ମହଙ୍ଗା ଯୁଗରେ ➪ପୃଷ୍ଠା-୬



## କାନ ଡେରିଥା

ପ୍ରକୃତିର କୋପ ନେପାଳ ଛୁଇଁଲା
ପ୍ରଳୟ ଆସିଲା ବହି
ମାନବିକତାର ବିଳାପ ଘଟିଲା
ଗଲା ଯେ ଶୂନ୍ୟେ ମିଳାଇ
ବିବର୍ଣ୍ଣ ଦୃଶ୍ୟ ଯେ ଏଇ...
ଧ୍ୱଂସ ସ୍ତୂପ ତଳୁ କୁଢ଼ କୁଢ଼ ଶବ
ପାଣି ସୁଅରେ ଭାସଇ ।

■ ଦେବାଶିଷ

# ଅତିଥି ଭବନରେ ରହୁଛି କିଏ ?

**ପୂର୍ବତନ ବିଧାୟକ ପାଉନାହାନ୍ତି କୋଠରି**

**ଭୁଆଁ ବୁଲାଉଛନ୍ତି କେୟାର୍ ଟେକର୍**

**ଅଣବିଧାୟକଙ୍କୁ ଭଡ଼ା ଦେଇ ଚାଲିଛି ରୋଜଗାର**




ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ପୂର୍ବତନ ବିଧାୟକମାନଙ୍କ ପାଇଁ ରାଜ୍ୟ ବିଧାନସଭା ନିକଟରେ ଥିବା ଅତିଥି ଭବନରେ ରହୁଛି କିଏ? ଗତକାଲି ଦୁଇ ଦୁଇ ଜଣ ପୂର୍ବତନ ବିଧାୟକ କୋଠରୀ ନ ପାଇବା ଓ ଅତିଥି ଭବନରେ କେଉଁ ପୂର୍ବତନ ବିଧାୟକ ରହୁଛନ୍ତି, ତା'ର ଖୋଳତାଡ଼ କରିବା ପରେ ଏବେ ଏହି ଆଲୋଚନା ଜୋର ଧରିଛି।

କଂଗ୍ରେସ ଦଳରେ ଯୋଗ ଦେଇଥିବା ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ଓ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଗତକାଲି ରାଜଧାନୀରେ ଥିବା ବେଳେ ପୂର୍ବତନ ବିଧାୟକମାନଙ୍କ ପାଇଁ ଉଦ୍ଦିଷ୍ଟ ଅତିଥି ଭବନରେ ରହିବାକୁ ଚାହିଁଥିଲେ। ହେଲେ ଦାୟିତ୍ୱରେ ଥିବା କେୟାର ଟେକର ସେମାନଙ୍କ କୋଠରି ଖାଲି ନ ଥିବା କହିଥିଲେ। ଏଥିରେ ସନ୍ଦେହ ପ୍ରକାଶ କରି ଶ୍ରୀ ହାଁସଦା କୋଠରିରେ କେଉଁ କେଉଁ ବିଧାୟକ ରହିଛନ୍ତି, ସେମାନଙ୍କୁ ଦେଖିବାକୁ ଚାହିଁଥିଲେ। ହେଲେ କେୟାର ଟେକର ଏଥିରେ ରାଜି ହୋଇ ନ ଥିଲେ। ଏପିରିକି ସେ କୋଠରି ବି ଦେଖିବାକୁ ଦେଇ ନ ଥିଲେ।

ଉଲ୍ଲେଖନୀୟ ଯେ ଏହି ଅତିଥି ଭବନରେ ୨୨ଟି କୋଠରି ଥିବା ବେଳେ ଏବେ ଆଉ କିଛି କୋଠରୀ ନିର୍ମାଣ ଚାଲିଛି। ସମସ୍ତ କୋଠରୀ ଶୀତତାପ ନିୟନ୍ତ୍ରିତ। ଦିନଟିଏ ରହିଲେ ମାତ୍ର ହଜାରେ ଟଙ୍କା ଦେବାକୁ ପଡ଼ିଥାଏ। ଏହି କୋଠରୀଗୁଡ଼ିକରେ ମୁଖ୍ୟତଃ ରାଜ୍ୟର ଦୂର ଦୂରାନ୍ତରୁ ଆସୁଥିବା ପୂର୍ବତନ ବିଧାୟକମାନେ ରହିଥାନ୍ତି। କାରଣ ଉପକୂଳିଆ ଓ ଧନୀ ବିଧାୟକମାନେ ନିଜ ନିଜ ବନ୍ଧୁବାନ୍ଧବ କିମ୍ବା ହୋଟେଲରେ ରହିବାକୁ ପସନ୍ଦ କରନ୍ତି। ହେଲେ ଏବେ ପୂର୍ବତନ ବିଧାୟକମାନେ ଏଠାରେ କୋଠରିଟିଏ ନ ପାଇବା ଚର୍ଚ୍ଚାର ବିଷୟ ପାଲଟିଛି।

ହେଉଥିବା ଆଲୋଚନା ଅନୁଯାୟୀ, ଅତିଥି ଭବନ ଦାୟିତ୍ୱରେ ଥିବା କର୍ମଚାରୀମାନେ ବହୁ ସମୟରେ କୋଠରୀ ସଂରକ୍ଷଣ ଥିବା ଦେଖାଇ ଦେଉଛନ୍ତି। ଇଚ୍ଛା ହେଲେ ପୂର୍ବତନ ବିଧାୟକଙ୍କୁ କୋଠରୀ ଦେଉଛନ୍ତି, ନ ହେଲେ ନାହିଁ। ବିଧାୟକଙ୍କ କାଟ୍‌ତି ଦେଖି ସେମାନଙ୍କୁ ରହିବାର ସୁଯୋଗ ମିଳୁଛି। ଅତିଥି ଭବନଟି ରାଜଧାନୀର ପ୍ରମୁଖ ସ୍ଥାନରେ ହୋଇଥିବାରୁ ବାହାର ଲୋକେ ଏଠାରେ କର୍ମଚାରୀଙ୍କୁ ଧରାଧରି କରି ରହିବାର ସୁଯୋଗ ପାଉଛନ୍ତି। ଭୋଜିଭାତର ଆସର ବି ବହୁ ସମୟରେ ଜମୁଥିବା ନେଇ ଆଲୋଚନା ହେଉଛି।

ଗତ କିଛିଦିନ ହେଲା ଏହି ଅତିଥି ଭବନରେ ଏଭଳି ମନମାନୀ ଚାଲିଛି। କୋଠରି ନଥିବା କଥା ଶୁଣି ଅନେକ ନିଜ ନିଜ ବ୍ୟବସ୍ଥା କରୁଥିବାରୁ ଘଟଣାଟି ପଦାକୁ ଆସୁ ନ ଥିଲା। ହେଲେ ଗତକାଲି ଦୁଇ ଦୁଇ ଜଣ ବିଧାୟକ ସନ୍ଦେହ କରି କୋଠରି ତଲାସୀ ପାଇଁ ଜିଦ୍ ଧରିବାକୁ ଘଟଣାର ପର୍ଦ୍ଦାଫାସ ହୋଇଛି। ତେଣୁ ପୂର୍ବତନ ବିଧାୟକମାନଙ୍କ ନାଁରେ ସଂରକ୍ଷିତ କୋଠରିରେ କିଏ କିଏ ରହୁଛନ୍ତି, ଲାଗିଥିବା ସିସିଟିଭି ଯାଞ୍ଚ କଲେ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି।

# ମରଣଯନ୍ତା ପାଲଟିଛି କେନାଲ ବନ୍ଧ

## ରାସ୍ତାସାରା ଖାଲଖମା, ବଢ଼ୁଛି ଦୁର୍ଘଟଣା ଆଶଙ୍କା



**ମହାକାଳପଡ଼ା,୧୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ଗୌଡବାଡପୁର-ମଙ୍ଗଳପୁର ଜଳସେଚନ କେନାଲ ବନ୍ଧ ରାସ୍ତା ଏବେ ଅତ୍ୟନ୍ତ ଦୟନୀୟ ହୋଇ ପଡିଛି। ଦୀର୍ଘଦିନ ଧରି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଉପରେ ସୃଷ୍ଟି ହୋଇଛି ବଡ଼ ବଡ଼ ଗାତ। ରାସ୍ତାର ଅନେକ ସ୍ଥାନରୁ ପିଚୁ ଉଠିଯାଇଛି ଏବଂ ଖାଲଖମାରେ ଭରିଯାଇଛି। ବର୍ଷା ହେଲେ ଏହି ଗାତଗୁଡ଼ିକ ପାଣିରେ ଭରିଯାଉଥିବାରୁ ଗାତର ଗଭୀରତା ଜଣାପଡୁନାହିଁ। ଫଳରେ ଏହି ରାସ୍ତା ଯାତାୟାତ ପାଇଁ ମରଣଯନ୍ତା ପାଲଟିବାର ଆଶଙ୍କା ସୃଷ୍ଟି ହୋଇଛି।

ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଲୋକେ ଯାତାୟାତ କରୁଛନ୍ତି। କିନ୍ତୁ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିବ। ବିଶେଷକରି ରାତି ସମୟରେ ଗାତଗୁଡ଼ିକ ଦେଖା ନଯିବାରୁ ବାଇକ୍ ଓ ସାଇକେଲ ଚାଳକମାନେ ଅଧିକ ବିପଦରେ ପଡୁଛନ୍ତି।

ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ସହ ଜଡ଼ିତ ଏହି ରାସ୍ତା ପ୍ରତି ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

### କୋମାରେ ଗ୍ରାମ୍ୟ ଉନ୍ନୟନ ବିଭାଗ

# ଗରାମ କେନାଲ ବନ୍ଧଠାରୁ ଡେଲଟା କଲେଜ ରାସ୍ତା ବିପର୍ଯ୍ୟସ୍ତ

## ଯାତାୟାତ ବାଧାପ୍ରାପ୍ତ

**ଡେରାବିଶ,୧୯ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ରାସ୍ତାଘାଟର ଉନ୍ନତିକରଣ ପାଇଁ ସରକାର ବିଭିନ୍ନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଡେରାବିଶ ବ୍ଲକ ଜଅଁରାବାରିମୂଳ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗରାମ କେନାଲ ବନ୍ଧଠାରୁ ଡେଲଟା କଲେଜ ରାସ୍ତା ଦେଇ ତିହଡା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟଉନ୍ନୟନ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଅଞ୍ଚଳବାସୀ ଯାତାୟାତରେ ହୀନସ୍ତା ଭୋଗୁଛନ୍ତି।

ଏହି ରାସ୍ତା ଉପରେ ଭିତରବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡେଲଟା ଡିଗ୍ରୀ କଲେଜ, ପଞ୍ଚାୟତ ହାଇସ୍କୁଲ, କୃଷ୍ଣଚନ୍ଦ୍ର ସଂସ୍କୃତ ମହିଳା ମହାବିଦ୍ୟାଳୟ ଓ ତିହଡା ପ୍ରାଥମିକ ବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀଙ୍କ ସମେତ ତିହଡା ଓ ଜଅଁରାବାରିମୂଳ ଗ୍ରାମର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ତେବେ ରାସ୍ତାର ଦୁରବସ୍ଥା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ବେଳେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧା ରେ ସମ୍ମୁଖୀନ ହେବା ସହ ଏଥିରେ କ୍ଷତିଗ୍ରସ୍ତ ହେଉଛନ୍ତି । ଏପରିକି ଜରୁରୀକାଳୀନ ସମୟରେ ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଯାତାୟାତ କରିବା ମଧ୍ୟ ସମ୍ଭବ ହେଉନାହିଁ।

ଅଞ୍ଚଳବାସୀଙ୍କ କହିବାନୁଯାୟୀ, ଦୁଇ ବର୍ଷ ପୂର୍ବେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାଟି ପିଚୁ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆନଯିବାରୁ ରାସ୍ତାର ଏଭଳି ଦୁରବସ୍ଥା ହୋଇଛି । ରାସ୍ତା ନିର୍ମାଣ ସମୟରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଓ ଠିକାଦାରଙ୍କ ମନମାନୀ ଯୋଗୁଁ ରାସ୍ତାଟି କିଛିଦିନ ମଧ୍ୟରେ ନଷ୍ଟ ହୋଇଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ରାସ୍ତାଟିକୁ ତୁରନ୍ତ ଯାତାୟାତ ଉପଯୋଗୀ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଗ୍ରାମ ବାସି ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା କେବେ ନଜର ପଡୁଛି ଅଧିକାରୀ ମାନଙ୍କର।



# କରିଲୋପାଟଣା ଡିଗ୍ରୀ କଲେଜରେ ଅଧ୍ୟକ୍ଷ ପଦକୁ ନେଇ ବିବାଦ

## ସରକାରୀ ନିର୍ଦ୍ଦେଶ ଓ ହାଇକୋର୍ଟ ରାୟକୁ ନେଇ ପ୍ରଶ୍ନ

## ଲଳିତମୋହନଙ୍କୁ ପ୍ରିନ୍ସିପାଲ ପଦ ଫେରାଇବାକୁ ସାଂସଦଙ୍କ ସୁପାରିସ

**କେନ୍ଦ୍ରାପଡ଼ା,୧୯ (ସଂଚାର ବ୍ୟୁରୋ):** କରିଲୋପାଟଣା ଡିଗ୍ରୀ କଲେଜର ଅଧ୍ୟକ୍ଷ ପଦକୁ ନେଇ ଏବେ ବିବାଦ ଦେଖାଦେଇଛି । କଲେଜର ପ୍ରଶାସନିକ ଦାୟିତ୍ୱ, ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ପଦ ଓ ଡିଡିଓ ଦାୟିତ୍ୱ କାହାକୁ ଦିଆଯିବ, ତାହାକୁ ନେଇ ଉଚ୍ଚଶିକ୍ଷା ବିଭାଗର ପୂର୍ବ ନିର୍ଦ୍ଦେଶ ଏବଂ ହାଇକୋର୍ଟଙ୍କ ରାୟର ପ୍ରସଙ୍ଗ ଉଠାଇ ସାଂସଦଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି ।

ଉପଲବ୍ଧ ଦଲିଲ ଅନୁଯାୟୀ, କରିଲୋପାଟଣା ଡିଗ୍ରୀ କଲେଜର ଫିଲୋସଫି ଅଧ୍ୟାପକ ଲଳିତ ମୋହନ ସାମନ୍ତରାୟଙ୍କୁ ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ଭାବେ ଦାୟିତ୍ୱ ଦେବା ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ନିର୍ଦ୍ଦେଶ ଜାରି ହୋଇଥିଲା । ସରକାରୀ ଚିଠିରେ ତାଙ୍କୁ ନିଜ ବିଷୟରେ ଶିକ୍ଷାଦାନ ସହିତ ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ଦାୟିତ୍ୱ ତୁଲାଇବା ଏବଂ କଲେଜର ଦରମା ଓ ଅନ୍ୟାନ୍ୟ ବିଲ୍‌ର ଦେଣନେଣ ପାଇଁ ଡିଡିଓ କ୍ଷମତା ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି।

ଅନ୍ୟପକ୍ଷରେ, ପରବର୍ତ୍ତୀ ସମୟରେ ଡକ୍ଟର ସୁବ୍ରତ କୁମାର ନାୟକଙ୍କୁ ପ୍ରିନ୍ସିପାଲ-ଇନ୍-ଚାର୍ଜ ଭାବେ ଦାୟିତ୍ୱ ଦିଆଯାଇଥିବା ନେଇ ଦଲିଲରେ ଉଲ୍ଲେଖ ରହିଛି । ଏହି ନିଯୁକ୍ତି ବ୍ୟବସ୍ଥାକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ରାୟ ଏବଂ ଉଚ୍ଚଶିକ୍ଷା ବିଭାଗର ପୂର୍ବ ଚିଠିର ପ୍ରସଙ୍ଗ ଉଠାଯାଇଛି ।

ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗର ପ୍ରଧାନ ସଚିବଙ୍କୁ ପଠାଯାଇଥିବା ଚିଠିରେ ଏହି ବିଷୟରେ ପୁନର୍ବିଚାର ପାଇଁ ଅନୁରୋଧ କରାଯାଇଛି । ଚିଠିରେ କରିଲୋପାଟଣା ଡିଗ୍ରୀ କଲେଜର +୩ ୱିଙ୍ଗ୍ ଓ +୨ ୱିଙ୍ଗ୍ ମଧ୍ୟରେ ଥିବା ପ୍ରଶାସନିକ ଓ ଆର୍ଥିକ ବ୍ୟବସ୍ଥାର ଭିନ୍ନତା ଉଲ୍ଲେଖ କରାଯାଇଛି।

ଦଲିଲରେ ଆହୁରି ଦର୍ଶାଯାଇଛି ଯେ କଲେଜର ନିୟମିତ କର୍ମଚାରୀମାନେ ହେଡ୍ ଅଫ୍ ଆକାଉଣ୍ଟ ୨୧୭୨ରୁ ଦରମା ଗ୍ରହଣ କରୁଥିବା ବେଳେ ଡକ୍ଟର ସୁବ୍ରତ କୁମାର ନାୟକ ହେଡ୍ ଅଫ୍ ଆକାଉଣ୍ଟ ୦୯୭୩ରୁ ଦରମା ଗ୍ରହଣ କରୁଥିବା କଥା ଉଲ୍ଲେଖ ହୋଇଛି । ଏହି ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି ।

ସାଂସଦଙ୍କ ଚିଠିରେ ଉଚ୍ଚ ନ୍ୟାୟାଳୟଙ୍କ ୦୮.୦୪.୨୦୧୬ର ରାୟ ଏବଂ ଅନ୍ୟାନ୍ୟ ସରକାରୀ ନିର୍ଦ୍ଦେଶର ପ୍ରସଙ୍ଗ ଉଠାଇ ଡକ୍ଟର ସୁବ୍ରତ କୁମାର ନାୟକଙ୍କଠାରୁ ପ୍ରିନ୍ସିପାଲ-ଇନ୍-ଚାର୍ଜ ଓ ସେକ୍ରେଟାରୀ ଦାୟିତ୍ୱ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି । ଏଥିସହ ଲଳିତ ମୋହନ ସାମନ୍ତରାୟଙ୍କୁ ପୁନର୍ବାର ପ୍ରିନ୍ସିପାଲ-କମ୍-ସେକ୍ରେଟାରୀ ସହ ଡିଡିଓ ଦାୟିତ୍ୱ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି ।

ଏହି ଦଲିଲ ସାମ୍ନାକୁ ଆସିବା ପରେ କରିଲୋପାଟଣା ଡିଗ୍ରୀ କଲେଜର ପ୍ରଶାସନିକ ବ୍ୟବସ୍ଥାକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି ।

# ପାଣି ଘେରରେ ଶହଶହ ହେକ୍ଟର ଚାଷ ଜମି, ଚିନ୍ତାରେ ଚାଷୀ



## କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି

**ଆଳି,୧୯ (ସଂଚାର ବ୍ୟୁରୋ):** ଦେଢ଼ମାସ ହେଲାଣି ପାଣିରେ ବୁଡ଼ି ରହିଛି ଚାଷଜମି ।ଧାନତଳି ସବୁ ପଚିଶଢ଼ି ନଷ୍ଟ ହୋଇଗଲାଣି। ଆଳି ବ୍ଲକ ଅନ୍ତର୍ଗତ ବାଳକାଟି ପଞ୍ଚାୟତ ଚାଷ ଜମିର ଏବେ ବି ଶହଶହ ହେକ୍ଟର ଚାଷ ଜମି ବର୍ଷା ଓ ବନ୍ୟା ପାଣିରେ ବୁଡ଼ୀକି ରହିଛି।ପାଣି ଛାଡିବାର ନାଁ ନେଉନାହିଁ। ଫଳରେ ଉଜୁଡ଼ା କ୍ଷେତ୍ରକୁ ଦେଖି ଚିନ୍ତାରେ ପଡିଛି ଚାଷୀ। ଏଭଳି ସ୍ଥିତିରେ ଶତାଧିକ ଚାଷୀ ଏକାଠି ହୋଇ ନଷ୍ଟ ହୋଇଥିବା ତଳିକୁ ସାଙ୍ଗରେ ଧରି ଆଳିର ତହସିଲଦାରଙ୍କୁ ଭେଟି ଗୁହାରି କରିଛି।

ଚାଷୀ ମାନେ ଚେତାବନୀ ଦେଇଛନ୍ତି ଯଦି କ୍ଷୟକ୍ଷତି ୭ଦିନ ମଧ୍ୟରେ ଆକଳନ ନକଲେ ରାଜରାସ୍ତାକୁ ଓହ୍ଲାଇବାକୁ କହିଛନ୍ତି। ଅନ୍ୟପଟେ ଆଳି ବ୍ଲକର ୩୪ଟି ପଞ୍ଚାୟତରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଖୁବଶୀଘ୍ର କ୍ଷୟକ୍ଷତି ଆକଳନ କରିବା ସହ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ଦାବି ହୋଇଛି। ଅନ୍ୟପଟେ ଅତିରିକ୍ତ ତହସିଲଦାର କହିଛନ୍ତି ଖୁବ୍ ଶୀଘ୍ର ଅକଳନ କରାଯାଇ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ।

# ସିଏସଆର କାର୍ଯ୍ୟ ପାଇଁ ଏଏମ୍/ଏନ୍ଏସ୍ ପୋର୍ଟସ୍ ସମ୍ମାନିତ



**ପାରାଦୀପ,୧୯ (ସଂଚାର ବ୍ୟୁରୋ):** ସ୍ୱାୟତ୍ତ ଶାସନ ଦିବସ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ଏଏମ୍/ଏନ୍ଏସ୍ ପୋର୍ଟସ୍‌କୁ ସିଏସଆର ଉତ୍କର୍ଷ ସମ୍ମାନ- ୨୦୨୬ ପ୍ରଦାନ କରାଯାଇଛି। ପୌରାଞ୍ଚଳରେ ଗୋଷ୍ଠୀ ବିକାଶ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ କମ୍ପାନୀର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ମିଳିଛି। ଜୟଦେବ ସଦନରେ ଆୟୋଜିତ ସମାରୋହରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏଏମ୍/ଏନ୍ଏସ୍ ପୋର୍ଟସ୍ ପକ୍ଷରୁ ମେକାନିକାଲ୍ ହେଡ୍ ଶ୍ରୀ ଲକ୍ଷ୍ମୀକାନ୍ତ ସାହୁ ଓ ଲିଡ୍- ସିଏସଆର ଶ୍ରୀ ଯୁଗଜ୍ୟୋତି ମହାନ୍ତି ସମ୍ମାନ ଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ଶ୍ରୀ ପି.ଏଲ୍. ହରନାଧ, ଏଡିଏମ୍ ଶ୍ରୀ ନିରଞ୍ଜନ ବେହେରା, ପୌରପାଳିକା ଅଧ୍ୟକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷା ଶ୍ରୀମତୀ ଛବିଲତା ରାଉତ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡାଙ୍କ ସମେତ କାଉନସିଲର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାରାଦୀପ ଅଞ୍ଚଳରେ ଟେଲରିଂ ଟ୍ରେନିଂ, ଭିଜନ୍ ସେଣ୍ଟର, 'ବେଟି ପଢ଼ାଓ' ବୃତ୍ତି, ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ ଓ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଏଏମ୍/ଏନ୍ଏସ୍ ପୋର୍ଟସ୍ ଗୋଷ୍ଠୀ ବିକାଶରେ ସହଯୋଗ କରିଆସୁଛି। ଏଏମ୍/ଏନ୍ଏସ୍ ଇଣ୍ଡିଆର ଓଡ଼ିଶା ଅପରେସନ୍ସ ମୁଖ୍ୟ ଶ୍ରୀ ୟୁ.ଏସ୍.ଆର୍. ରାଜୁ ଏହି ସମ୍ମାନକୁ କମ୍ପାନୀର ସାମାଜିକ ପ୍ରତିବଦ୍ଧତାର ସ୍ୱୀକୃତି ବୋଲି କହିଛନ୍ତି।

### ସଂଚାର ପ୍ରଭାବ

# ମୁକୁଳା ବିଦ୍ୟୁତ୍ ବକ୍ସ ମରାମତି ହେଲା

**ମହାକାଳପଡ଼ା,୧୯ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ମେରଦା ଗ୍ରାମର ଶେଷ ମୁଣ୍ଡରେ ବଳିଆବାବ ଆଶ୍ରମ ସାମ୍ନାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ବିପଦ ବଢ଼ିବାର ଆଶଙ୍କା ରହିଥିଲା। ଭୂମି ଠାରୁ ଦୁଇ ଫୁଟ ଉଚ୍ଚତାରେ ଯେଉଁ କଟ୍ ଆଉଟ୍ ବକ୍ସ ରହିଛି ସେଥିରେ କଭର ନଥିଲା। ଯାହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ଏନେଇ ୩୦ ଅଗଷ୍ଟ ରେ ସଂଚାର ରେ ଖବର ପ୍ରକାଶ ପାଇବା ପରେ ଆଜି ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି। ମୁକୁଳା ଓ ବିପଦଶଙ୍କୁଳ ଭାବରେ ଥିବା କଟ୍‌ଆଉଟ୍ ବକ୍ସ ମରାମତି ହେବା ସହ ସେଥିରେ କଭର୍ ଲଗାଯାଇଛି।




# ୧୦୮ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା-ବାରାଣସୀ ଯାତ୍ରା

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା




**କେନ୍ଦ୍ରାପଡ଼ା,୧୯ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭ ଅଧିନରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରାରେ ବାହାରିଛନ୍ତି । ଏହି ତୀର୍ଥଯାତ୍ରା ୧ସେପ୍ଟେମ୍ବର ରୁ ୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅବସରରେ ଆଜି ଅପରାହ୍ନ ୪ଟାରେ କେନ୍ଦ୍ରାପଡ଼ା ସଂସ୍କୃତି ଭବନରେ ଆୟୋଜିତ ଫ୍ଲାଗ୍-ଅଫ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆଜି ତୀର୍ଥଯାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ ସେମାନଙ୍କ ନିଜ ନିଜ ବ୍ଲକ୍‌ରୁ କେନ୍ଦ୍ରାପଡ଼ା ସଂସ୍କୃତି ଭବନକୁ ଅଣାଯାଇଥିଲା । ସଂସ୍କୃତି ଭବନରେ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା । ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଯାଇଛି । ଭୁବନେଶ୍ୱରରେ ରାତ୍ରି ରହଣି ପରେ ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା-ବାରାଣସୀ ଅଭିମୁଖେ ଯାତ୍ରା କରିବେ।

କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଉଥିବା ମୋଟ ୧୦୮ ଜଣ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୬୩ ଜଣ ପୁରୁଷ ଓ ୪୫ ଜଣ ମହିଳା ଅଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଜଣ ଏକକ ତୀର୍ଥଯାତ୍ରୀ ଥିବାବେଳେ ୨୪ ଜଣ ଦମ୍ପତି ଅର୍ଥାତ୍ ୪୮ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଳରୁ ଚୟନ ହୋଇଥିବା ବରିଷ୍ଠ ନାଗରିକମାନେ ଏହି ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି ।

ଏହି ଯାତ୍ରା ମାଧ୍ୟମରେ ସେମାନେ ଅଯୋଧ୍ୟା ଓ ବାରାଣସୀର ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀ ପରିଦର୍ଶନର ସୁଯୋଗ ପାଇବେ। ତୀର୍ଥଯାତ୍ରୀମାନଙ୍କ ସୁବିଧା, ସୁରକ୍ଷା ଓ ସୁସ୍ଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରା ପୂର୍ବରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ସିଆ ଫାଉଣ୍ଡେସନ ପକ୍ଷରୁ ରିଲିଫ ବଣ୍ଟନ



**ପଟ୍ଟାମୁଣ୍ଡାଇ,୧୯ (ସଂଚାର ବ୍ୟୁରୋ):** ଅଗ୍ରଣୀ ସମାଜସେବା ସଂଗଠନ ସିଆ ଫାଉଣ୍ଡେସନ ପକ୍ଷରୁ ସଭାପତି ସଂଗୀତା ବେହୁରାଙ୍କ ନେତୃତ୍ୱ ରେ ଟିମ ସଦସ୍ୟମାନେ ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଅଂଚଳର ତନୁପୁର ଓ ଚଢ଼େଇଡିଆ ଗ୍ରାମର ୨୦୦ ପରିବାରକୁ ଅଟା ଚୁଡା ମୁଡି ଚିନି ପାଉଁରୁଟି ବିସ୍କୁଟ ଆଦି ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ବନ୍ୟା ବିପନ୍ନ ଲୋକମାନଙ୍କ ବିପଦ ସମୟରେ ଠିଆ ହୋଇ ସହାୟତାର ହାତ ବଢ଼ାଇବାର ଲକ୍ଷ୍ୟ ନେଇ ସଂଗଠନ କାମ କରି ଚାଲିଛି ବୋଲି ସଭାପତି ଶ୍ରୀମତୀ ବେହୁରା ପ୍ରକାଶ କରିଛନ୍ତି ।

# ଖାଦ୍ୟ ନିରାପତ୍ତା ବିଭାଗ ଓ ତହସିଲର ମିଳିତ ଚଢ଼ାଉ

## ଅପମିଶ୍ରିତ ଖାଦ୍ୟ ନଷ୍ଟ, ୫୮,୫୦୦ ଟଙ୍କା ଜୋରିମାନା ଆଦାୟ

**ସତ୍ୟବାଦୀ,୧୯ (ସଂଚାର ବ୍ୟୁରୋ):** ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାକ୍ଷୀଗୋପାଳ ଅଞ୍ଚଳରେ ସତ୍ୟବାଦୀ ତହସିଲ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ପ୍ରାୟ ୧୦ଟି ଜଳଖିଆ ଦୋକାନ, ଭୋଗ ଦୋକାନ ଓ ଢାବାରେ ଚଢ଼ାଉ କରାଯାଇ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୫୮,୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି।



ଚଢ଼ାଉ ସମୟରେ ବିଭିନ୍ନ ମିଠା ଦୋକାନରେ ଛେନାର ମାନ ଯାଞ୍ଚ କରାଯାଇଥିଲା। କେତେକ ଦୋକାନରେ ଅପମିଶ୍ରିତ ଛେନା ଥିବା ଯାଞ୍ଚରୁ ଜଣାପଡ଼ିବା ପରେ ତାହାକୁ ନଷ୍ଟ କରାଯାଇଥିଲା। କେତେକ ଫାଷ୍ଟଫୁଡ୍ ଦୋକାନରେ ଆବଶ୍ୟକ ଲାଇସେନ୍ସ ନଥିବାରୁ ଜୋରିମାନା କରାଯାଇଥିଲା। ସେହିପରି ବିଭିନ୍ନ ଢାବାର ଫ୍ରିଜରରୁ ଦୀର୍ଘଦିନ ଧରି ରଖାଯାଇଥିବା ପଚାସଢ଼ା ଖାଦ୍ୟ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଥିଲା। ପଟ୍ଟନାୟିକୀୟା ଛକ ସ୍ଥିତ ସ୍ମୃତି ଢାବାରୁ ଜବତ ହୋଇଥିବା ଅପମିଶ୍ରିତ ପନିର ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ଅଧିକାରୀଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଥିଲା। ସେହିପରି ସାକ୍ଷୀଗୋପାଳ ଡାକ୍ତରଖାନା ଛକସ୍ଥିତ ମହାମାୟା ସୁଇଟ୍ସରୁ ନିମ୍ନମାନର ମିଠା ସାମଗ୍ରୀ ନଷ୍ଟ କରାଯାଇଥିଲା ଚନ୍ଦନପୋଖରୀ ସ୍ଥିତ ଜେନା ସୁଇଟ୍ସରେ ମଧ୍ୟ ଚଢ଼ାଉ କରାଯାଇ ଅପମିଶ୍ରିତ ଛେନା ନଷ୍ଟ କରାଯାଇଥିଲା। ଦୋକାନରେ ଅସ୍ୱାସ୍ଥ୍ୟକର ପରିବେଶ ରହିଥିବା ଏବଂ ପୂର୍ବରୁ ଜୋରିମାନା କରାଯାଇଥିଲେ ମଧ୍ୟ ପରିସ୍ଥିତିରେ ସୁଧାର ନଆସିବାରୁ ଦୋକାନ ମାଲିକଙ୍କୁ ୫ ହଜାର ଟଙ୍କା ଜୋରିମାନା ସହ ୭ ଦିନ ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପାରାଦୀପ ବନ୍ଦରର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ନେଲେ ସୁଶାନ୍ତ କୁମାର ପୁରୋହିତ



**ପାରାଦୀପ, ୧୯ (ସଂଚାର ବ୍ୟୁରୋ):** ଦେଶର ଅନ୍ୟତମ ପ୍ରମୁଖ ବନ୍ଦର ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ଶ୍ରୀ ସୁଶାନ୍ତ କୁମାର ପୁରୋହିତ। ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ଆଇଆରଏସଇଇର ୧୯୯୬ ବ୍ୟାଚର ବରିଷ୍ଠ ଅଧିକାରୀ ଶ୍ରୀ ପୁରୋହିତ ବର୍ତ୍ତମାନ ଭି.ଓ. ଚିଦାମ୍ବରନାର ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ଦାୟିତ୍ୱ ସହ ସେ ପାରାଦୀପ ବନ୍ଦର ପ୍ରାଧିକରଣର ନେତୃତ୍ୱ ମଧ୍ୟ ନେବେ।

ପାରାଦୀପ ବନ୍ଦର ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ପି. ଏଲ୍. ହରନାଦ ଦୀର୍ଘ ପ୍ରାୟ ୫ ବର୍ଷ ଧରି ବନ୍ଦରର ନେତୃତ୍ୱ ନେଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ପାରାଦୀପ ବନ୍ଦରର ବିକାଶ, ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ତାଙ୍କ ପରେ ଏବେ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଅତିରିକ୍ତ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଶାସନ, ଇଞ୍ଜିନିୟରିଂ, ଭିତ୍ତିଭୂମି ବିକାଶ, ନୀତି ପ୍ରଣୟନ ଓ ସାର୍ବଜନୀନ କ୍ଷେତ୍ର ପରିଚାଳନାରେ ଶ୍ରୀ ପୁରୋହିତଙ୍କର ଦୀର୍ଘ ଓ ସମୃଦ୍ଧ ଅଭିଜ୍ଞତା ରହିଛି। ପୂର୍ବରୁ ସେ ଭାରତ ସରକାରଙ୍କ ରସାୟନ ଓ ପେଟ୍ରୋକେମିକାଲ୍ସ ବିଭାଗରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରି ନୀତି ପ୍ରଣୟନ ଓ କ୍ଷେତ୍ରୀୟ ବିକାଶ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ତାଙ୍କର କାର୍ଯ୍ୟଜୀବନରେ ସେ ଭାରତୀୟ ରେଳବାଇ, ଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ କାର୍ଯ୍ୟ କରିଛନ୍ତି।

# ଶିଶୁ ଯତ୍ନ ଏବଂ ପରିବାରରୁ ଶିଶୁ ବିଚ୍ଛିନ୍ନତା ରୋକିବାକୁ ଗୁରୁତ୍ୱ

**କୋରାପୁଟ,୧୯ (ସଂଚାର ବ୍ୟୁରୋ):** ଶିଶୁର ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ପରିବାର ହିଁ ପ୍ରଥମ ଓ ସର୍ବୋତ୍ତମ ଆଶ୍ରୟ। ତେଣୁ ଶିଶୁମାନେ ଯେପରି ପରିବାରଠାରୁ ବିଚ୍ଛିନ୍ନ ନ ହୁଅନ୍ତି, ସେଥିପାଇଁ ବିପଦସଙ୍କୁଳ ପରିବାରକୁ ଆଗୁଆ ଚିହ୍ନଟ କରି ଆବଶ୍ୟକ ସହାୟତା ଓ ଥଇଥାନ ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କୋରାପୁଟସ୍ଥିତ ସଦଭାବନା ଗୃହଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଶିଶୁ ଯତ୍ନ ଏବଂ ପରିବାରରୁ ଶିଶୁ ବିଚ୍ଛିନ୍ନତା ନିବାରଣ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଛି।



କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଯୋଗଦେଇ ଶିଶୁ ସୁରକ୍ଷାରେ ପରିବାରର ଭୂମିକା ଉପରେ ମତ ରଖିଥିଲେ। ସେ କହିଥିଲେ, ପ୍ରତ୍ୟେକ ଶିଶୁ ପାଇଁ ପରିବାର ଓ ପ୍ରୀତିପୂର୍ଣ୍ଣ ପରିବେଶ ଅତ୍ୟନ୍ତ ଜରୁରୀ। ଗ୍ରାମ୍ୟସ୍ତରୀୟ କମିଟିଗୁଡ଼ିକ ମାଧ୍ୟମରେ ବିପଦସଙ୍କୁଳ ପରିବାର ଚିହ୍ନଟ କରାଯାଇ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସହ ଯୋଡ଼ି ଥଇଥାନ କରିବା ଆବଶ୍ୟକ। ଏହାଦ୍ୱାରା ଶିଶୁମାନଙ୍କୁ ପରିବାରରୁ ବିଚ୍ଛିନ୍ନ ହେବାରୁ ରୋକାଯାଇପାରିବ ବୋଲି ସେ ମତ ଦେଇଥିଲେ।

କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଵାନ ମହାଜନ, ଭା.ପ୍ର.ସେ. ଶିଶୁ ବିଚ୍ଛିନ୍ନତା ପଛରେ ଥିବା ମୂଳ କାରଣ ଚିହ୍ନଟ ଉପରେ ଗୁରୁତ୍ୱ ଦେଇଥିଲେ। ଶିଶୁ ଓ ପରିବାର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ ପାରସ୍ପରିକ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। କର୍ମଶାଳାରେ କୋରାପୁଟ ସମେତ ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ କଲ୍ୟାଣ କମିଟିର ସଦସ୍ୟ, ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ୟୁନିସେଫ୍‌ର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଓ ଅଙ୍କିତ କେଶରୀ ଶିଶୁ ସୁରକ୍ଷା ଏବଂ ପରିବାରଭିତ୍ତିକ ଯତ୍ନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

### ଛତ୍ରପୁର ଅଷ୍ଟମ ବାଟାଲିୟନ ସଂଘ ନିର୍ବାଚନ

# ନାମାଙ୍କନ କଲା ଗୋଟିଏ ଗୋଷ୍ଠୀ, ଦୂରେଇ ରହିଲା ଅନ୍ୟ ଗୋଷ୍ଠୀ



**ଛତ୍ରପୁର,୧୯ (ସଂଚାର ବ୍ୟୁରୋ):** ଓଏସଏପି ୮ମ ବାଟାଲିୟନ, ଛତ୍ରପୁରର ହାବିଲଦାର ଓ ସିପାହୀ ଶାଖା ସଂଘର ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆସନ୍ତା ସେପ୍ଟେମ୍ବର ୨୦ରେ ନିର୍ବାଚନ ହେବାକୁ ଥିବା ବେଳେ କେବଳ ହାବିଲଦାର ଯଶୋବନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟ କୌଣସି ଗୋଷ୍ଠୀ କିମ୍ବା ପ୍ରାର୍ଥୀ ନାମାଙ୍କନ ଦାଖଲ କରିନଥିବାରୁ ଯଶୋବନ୍ତଙ୍କ ଟିମ୍ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବାର ସମ୍ଭାବନା ରହିଛି।

ସଂଘର ସଭାପତି ପଦ ପାଇଁ ଯଶୋବନ୍ତ ସ୍ୱାଇଁ, ଉପସଭାପତି ପାଇଁ ଜୟଧର ଶବର ଏବଂ ସମ୍ପାଦକ ପାଇଁ ସୁଶାନ୍ତ ସେଠୀ ନାମାଙ୍କନ ଦାଖଲ କରିଛନ୍ତି। ଯୁଗ୍ମ ସମ୍ପାଦକ ପାଇଁ ରତିକାନ୍ତ ସାହୁ ଓ ଚିନ୍ମୟ ପାତ୍ର, କୋଷାଧ୍ୟକ୍ଷ ପାଇଁ ଜଗନ୍ନାଥ ସେଠୀ ଏବଂ କାର୍ଯ୍ୟକାରୀ ସଦସ୍ୟ ପାଇଁ ବିଶ୍ୱନାଥ ସେଠୀ, ଲକ୍ଷ୍ମଣ ସାହୁ, କେ. ହେମାନନ୍ଦ ରେଡ୍ଡୀ, ସତ୍ୟମ୍ ରେଡ୍ଡୀ ଓ ଜଗନ୍ନାଥ ରେଡ୍ଡୀ ନାମାଙ୍କନ କରିଛନ୍ତି।

ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୫ରେ ନାମାଙ୍କନ ଯାଞ୍ଚ ହେବ। ୬ରେ ପ୍ରତ୍ୟାହାର ଏବଂ ୧୭ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଫଳାଫଳ ଘୋଷଣା କରାଯିବ।

### ଫେମ୍ ଇଣ୍ଡିଆ-ଏସିଆ ପୋଷ୍ଟର '୨୫ ପ୍ରଭାବଶାଳୀ ପୁଲିସ ଅଫିସର'ଙ୍କ ତାଲିକା ପ୍ରକାଶ

# ଓଡ଼ିଶାରୁ ଝାରସୁଗୁଡ଼ା ଏସ୍‌ପି ମନୋନୀତ




ଝାରସୁଗୁଡ଼ା,୧।୯(ସଂଚାର ବ୍ୟୁରୋ): ଦେଶର ପୁଲିସ ପ୍ରଶାସନରେ ଉଲ୍ଲେଖନୀୟ ନେତୃତ୍ୱ, ଆଇନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା ଓ ଜନସେବାରେ ସଫଳତା ପାଇଁ ପ୍ରତିଷ୍ଠିତ ପତ୍ରିକା 'ଫେମ୍ ଇଣ୍ଡିଆ' ଓ 'ଏସିଆ ପୋଷ୍ଟ' ପକ୍ଷରୁ ଦେଶର ୨୫ ଜଣ ପ୍ରଭାବଶାଳୀ ପୁଲିସ ଅଫିସରଙ୍କ ସମେତ ବିଶେଷ 'ସୁପର-୫'

**ସ୍ମାର୍ଟ ପୋଲିସିଂ ସହ ମାଓ ବିରୋଧୀ ରଣନୀତିରେ ଦକ୍ଷ**

କ୍ୟାଟାଗୋରୀର ତାଲିକା ପ୍ରକାଶ ପାଇଛି। ଏହି ଗୌରବପୂର୍ଣ୍ଣ ଜାତୀୟ ତାଲିକାରେ ଓଡ଼ିଶାରୁ ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର (ଆଇପିଏସ) ସ୍ଥାନ ପାଇଛି। ଫେମ୍ ଇଣ୍ଡିଆର ସମ୍ପାଦକ ଧୀରଜ କୁମାର ଓ ପରିଚାଳନା ସମ୍ପାଦକ ଅନିଲ ସିଂହଙ୍କ ସୂଚନା ଅନୁଯାୟୀ, ଆଜିକାଲି ପୋଲିସିଂର ଶୈଳୀ ବଦଳିବାରେ ଲାଗିଛି। ପାରମ୍ପରିକ ଅପରାଧ ନିୟନ୍ତ୍ରଣ ସହ ସାଇବର ଅପରାଧ, ନିଶାଦ୍ରବ୍ୟ କାରବାର, ମହିଳା ଓ ଶିଶୁ ସୁରକ୍ଷା ଓ ଟ୍ରାଫିକ ପରିଚାଳନା ଭଳି ନୂତନ ଆହ୍ୱାନର ସାମ୍ନା କରିବାକୁ ପୁଲିସ ଅଫିସରମାନଙ୍କ କ୍ଷେତ୍ର ଅଭିଜ୍ଞତା, ନିଷ୍ପତ୍ତି ନେବାର ଦକ୍ଷତା, ଆଧୁନିକ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ ଜନସାଧାରଣଙ୍କ ଆସ୍ଥାଭାଜନ ହେବାର କ୍ଷମତାକୁ ଆଧାର କରି ଏହି ସମ୍ମାନଜନକ ଚୟନ କରାଯାଇଛି। କେବଳ ପଦବୀ କିମ୍ବା ବରିଷ୍ଠତା ନୁହେଁ, ବରଂ କ୍ଷେତ୍ରସ୍ତରରେ ସେମାନଙ୍କର ପ୍ରତ୍ୟକ୍ଷ କାର୍ଯ୍ୟଦକ୍ଷତା ଏହି ଚୟନର ମୁଖ୍ୟ ମାପଦଣ୍ଡ ସାଜିଛି। ଦେଶର ପ୍ରମୁଖ ୨୫ ଓ 'ସୁପର-୫' ଅଫିସର ତାଲିକାରେ ଅଦିତି ସିଂହ (ପଞ୍ଚକୁଲା, ହରିୟାଣା), ଆକାଶ ପଟେଲ (ଚନ୍ଦୌଲି, ଉତ୍ତର ପ୍ରଦେଶ), ଅନନ୍ତ ମିତ୍ତଲ (ଦକ୍ଷିଣ ଦିଲ୍ଲୀ), ନବଜୋତ ସିମି (ଆରଓ୍ୱାଲ, ବିହାର) ଓ ପ୍ରଭାତ କୁମାର (ଧନବାଦ, ଝାଡ଼ଖଣ୍ଡ)ଙ୍କ ଭଳି ପ୍ରମୁଖ ଅଫିସର ସ୍ଥାନ ପାଇଛନ୍ତି। ଏହାଛଡ଼ା ଉଲ୍ଲେଖନୀୟ କାର୍ଯ୍ୟ କରି ଅଳ୍ପ କିଛି ବ୍ୟବଧାନ ପାଇଁ ଟପ୍-୨୫ରୁ ବାଦ୍ ପଡ଼ିଥିବା ୫ ଜଣ ଦକ୍ଷ ପୁଲିସ ଅଧିକାରୀଙ୍କୁ 'ସୁପର-୫' ଶ୍ରେଣୀରେ ସ୍ଥାନିତ କରାଯାଇଛି। ଫେମ୍ ଇଣ୍ଡିଆ-ଏସିଆ ପୋଷ୍ଟର ଏହି ସମ୍ମାନଜନକ ପଦକ୍ଷେପ ଦେଶବ୍ୟାପୀ ପୁଲିସ ଅଧିକାରୀମାନଙ୍କୁ ସେମାନଙ୍କ କ୍ଷେତ୍ରରେ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତିବିଦ୍ୟା-ଆଧାରିତ ଓ ଜନସେବା-ପରାୟଣ ହେବା ପାଇଁ ଉତ୍ସାହିତ କରିବ। ଓଡ଼ିଶାରୁ ଏକମାତ୍ର ଅଫିସର ଭାବେ ତାଲିକାଭୁକ୍ତ ହୋଇଥିବା ୨୦୧୯ ବ୍ୟାଚର ଆଇପିଏସ ଶ୍ରୀ ରାଘବେନ୍ଦ୍ର ପୂର୍ବରୁ ବାଲିଗୁଡ଼ା ଏସଡିପିଓ, ନୂଆପଡ଼ା ଏସପି ଦାୟିତ୍ୱ ତୁଲାଇଛନ୍ତି। ନୂଆପଡ଼ା ଭଳି ସମ୍ବେଦନଶୀଳ ମାଓ-ପ୍ରବଣ ଜିଲ୍ଲାରେ ଏସପି ଥିବା ସମୟରେ ତାଙ୍କର ସୁଚିନ୍ତିତ ଗୁଇନ୍ଦା ରଣନୀତି ଓ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ସାହସିକ ଅଭିଯାନ ଯୋଗୁଁ ୧୬ ଜଣ ମାଓବାଦୀ ନିପାତ ହୋଇଥିଲେ। ଏହି ବିଶେଷ ସଫଳତା ପାଇଁ ତାଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପଦକ ଓ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ 'ଡିସ୍କ ଆୱାର୍ଡ'ରେ ସମ୍ମାନିତ କରାଯାଇଛି।

### ମହିଳା ସୁରକ୍ଷା ପାଇଁ ଏକାଠି ହେଲେ ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ

# ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସମନ୍ୱିତ ଆଭିମୁଖ୍ୟ ଜରୁରୀ



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଏଠାରେ ଆୟୋଜିତ 'ଶକ୍ତି ସମ୍ମିଳନୀ'ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି।

ସମାବେଶକୁ ସମ୍ବୋଧନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ମହିଳା ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ଭିନ୍ନ ଭିନ୍ନ ଭାବେ ଦେଖାଯାଇପାରିବ ନାହିଁ। ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଓ ସାମୂହିକ ଉତ୍ତରଦାୟିତ୍ୱ ମାଧ୍ୟମରେ ଏଗୁଡ଼ିକ ସହ-ସମ୍ବନ୍ଧିତ ହୋଇ ଆଗେଇବା ଆବଶ୍ୟକ। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିବା, ସମନ୍ୱୟ ବୃଦ୍ଧି କରିବା ଓ ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସୁଯୋଗ ସହ ଜୀବନଯାପନ କରିପାରିବେ, ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି। ଜାତୀୟ ମହିଳା ଆୟୋଗ (ଏନସିଡବ୍ଲ୍ୟୁ) ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ଉଦ୍ୟମରେ ଆୟୋଜିତ ଏହି ସମ୍ମିଳନୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିଜର ସଫଳ ପଦକ୍ଷେପ ବାଣ୍ଟିବା, କାର୍ଯ୍ୟକାରିତାରେ ଥିବା ଅଭାବକୁ ଚିହ୍ନଟ କରିବା ଓ ଅଧିକ ଆନୁଷ୍ଠାନିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କୌଶଳ ବିକଶିତ କରିବା ପାଇଁ ଏକ ଜାତୀୟ ମଞ୍ଚ ଯୋଗାଇଦେଉଛି। ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହଟକର ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶସାରା ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଆଗକୁ ନେବା ପାଇଁ ଅଧିକ ସୁଦୃଢ଼ ଓ ନିରନ୍ତର ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶକ୍ତି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳା ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ଆନୁଷ୍ଠାନିକ ସହଯୋଗ ଓ ଆଲୋଚନାକୁ ପ୍ରୋତ୍ସାହିତ କରିବା। ଏଥିସହ ନୂତନ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସମନ୍ୱିତ ରଣନୀତି ପ୍ରସ୍ତୁତ କରିବା।

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ

## ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଗଲେ ୧୯୭ ବରିଷ୍ଠ ନାଗରିକ



କଟକ, ୧।୯ (ସଂଚାର ବ୍ୟୁରୋ): ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ମଙ୍ଗଳବାର କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କଟକ ଦତ୍ତାତ୍ରୟ ଭାଉସାହେବ ଶିଣ୍ଡେ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ସକାଳ ୮ଟାରୁ ଜିଲ୍ଲାପାଳଙ୍କ ସଦ୍ଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୧୧ ଘଟିକା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିବେ। କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୭ ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି।

## ବନ୍ୟା ଦୁର୍ଗତଙ୍କ ସେବାରେ କ୍ଷତ୍ରିୟ ଖଣ୍ଡାୟତ ମହାସଂଘ



କେନ୍ଦ୍ରାପଡ଼ା,୧।୯(ସଂଚାର ବ୍ୟୁରୋ): କ୍ଷତ୍ରିୟ ଖଣ୍ଡାୟତ ମହାସଂଘ, କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ରାଜନଗର ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ଓ ଦାଣ୍ଡି ପଞ୍ଚାୟତର କେତେକ ଗ୍ରାମର ଅନ୍ୟୂନ ୫୦୦ ବନ୍ୟା ଦୁର୍ଗତ ପରିବାରଙ୍କୁ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ବିପର୍ଯ୍ୟୟ ପରି କଠିନ ସମୟରେ ଦୁର୍ଗତ ପରିବାରଙ୍କ ପାଖରେ ଠିଆ ହୋଇ ଚୁଡ଼ା, ଗୁଡ଼, ବିସ୍କୁଟ, ମୁଢ଼ି, ପାଣି ବୋତଲ, ମହମବତୀ ଆଦି ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଛି। ମହାସଂଘ ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ପୀତବାସ ବେହେରା, ସଂଗ୍ରାମ ଜେନା, ପ୍ରକାଶ ପରିଡ଼ା, ସୁଶୀଲ ସାମଲ, ତରୁଣ ପ୍ରଧାନ, ରାଜକିଶୋର ରାଉତରାୟ, ବାବାଜୀ ଧଳ, ଜଗନ୍ନାଥ ଧଳ, ସୁକାନ୍ତ ମହାନ୍ତି, ସତ୍ୟଭାମା ସାହୁ, ଆଦୈତ୍ୟ ମଲ୍ଲିକ, ମହେନ୍ଦ୍ର ଧଳ, ବିଷ୍ଣୁ ସାହୁ, ପ୍ରଭାବତୀ ମହାନ୍ତି, ଜୟରାମ ରାଉତ, ପଟ୍ଟାମୁଣ୍ଡାଇ ନଗର ସଭାପତି ତଥା ସନ୍ତୋଷ ରାଉତ, ରାଜନଗର ବ୍ଲକ୍ ସଭାପତି ଉପସ୍ଥିତ ରହି ସହଯୋଗ କରିଥିଲେ। ବିପଦ ସମୟରେ ଦୁର୍ଗତଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ସେବା। ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ଏହି ପ୍ରୟାସ ମହାସଂଘର ସେବାମୂଳକ ଚିନ୍ତାଧାରାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ।

### ସ୍ୱାୟତ୍ତ ଶାସନ ଦିବସ ପାଳନରେ ରାଜନୈତିକ ଛକାପଞ୍ଝା

# ଲକ୍ଷାଧିକ ଟଙ୍କା ହେରଫେର ସନ୍ଦେହ



କଟକ,୧।୯(ସଂଚାର ବ୍ୟୁରୋ): ସ୍ୱାୟତ୍ତ ଶାସନ ଦିବସ ପାଳନକୁ ନେଇ କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକାରେ ଏଥର ଉତ୍ସବ ସାଙ୍ଗକୁ ରାଜନୈତିକ ଛକାପଞ୍ଝା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ପୌରପାଳିକା ପକ୍ଷରୁ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂକୁ ନେଇ ବିବାଦ ଦେଖାଯାଇଛି। ଅଭିଯୋଗ ଅନୁଯାୟୀ, ସ୍ୱାୟତ୍ତ ଶାସନ ଦିବସ

**ସାଂସଦଙ୍କ ସ୍ୱାଗତକୁ ନେଇ ବିବାଦ**

ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂକୁ ପୌର ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇ ନ ଥିଲା। ସେହିଭଳି କନଫରେନ୍ସିଂରେ ପ୍ରକଳ୍ପଗୁଡ଼ିକର ବିବରଣୀ ପ୍ରଦାନ ବେଳେ ଷ୍ଟେଜ ଉପରେ ଚେୟାର ପଡ଼ିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ଏହାକୁ ନେଇ କାର୍ଯ୍ୟକ୍ରମ ପୂର୍ବରୁ ଓ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସେହିପରି ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ କାର୍ଯ୍ୟକ୍ରମର ମଞ୍ଚରେ ଅଳ୍ପ ସମୟ ରହି ପରେ ଫେରିଯାଇଥିବା ଘଟଣା ମଧ୍ୟ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଛି। ଅନ୍ୟପକ୍ଷରେ ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ରଙ୍କୁ ବିଜେଡି ପକ୍ଷର ବିପ୍ଲବ କୁଲର ଏକ ର୍ୟାଲିରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି ସ୍ୱାଗତ ସମୟରେ ଦଳୀୟ ଗୀତ ବଜାଯାଇଥିବା ନେଇ ଅଭିଯୋଗ ହୋଇଛି। ଏକ ସରକାରୀ ପୌର କାର୍ଯ୍ୟକ୍ରମରେ ଦଳୀୟ ଗୀତ ବଜାଇବା ଓ ଦଳୀୟ ଢଙ୍ଗରେ ସ୍ୱାଗତ କରାଯିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ମର୍ଯ୍ୟାଦା ପ୍ରତି ନିନ୍ଦନୀୟ ବୋଲି ମତ ଦେଇଛନ୍ତି। ଚୌଦ୍ୱାର ପୌରପାଳିକା ଇତିହାସରେ ଏଭଳି ଘଟଣା ପ୍ରଥମ ଥର ଘଟିଥିବା ଅଭିଯୋଗ ହୋଇଛି। ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ ରାଜନୀତିର ରୂପରେ ରଙ୍ଗ ଦେବା ଉଚିତ ନୁହେଁ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ସ୍ୱାୟତ୍ତ ଶାସନ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସ୍ୱଶାସନ ବ୍ୟବସ୍ଥାର ଗୁରୁତ୍ୱ, ନଗରର ବିକାଶ ଓ ଜନସାଧାରଣଙ୍କ ସେବାକୁ ପ୍ରାଧାନ୍ୟ ଦେବା। ତେଣୁ ଏଭଳି ସରକାରୀ ମଞ୍ଚରେ ଦଳୀୟ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କୌଣସି କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ନ କରି ପୌରପାଳିକା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅସ୍ଥାୟୀ ଷ୍ଟେଜ୍ କରି କାର୍ଯ୍ୟକ୍ରମ ସାରିଛି। ଏଥିରେ ଟଙ୍କା ହେରଫେର ହୋଇଥିବା ସନ୍ଦେହ କରାଯାଉଛି।

## ଓଡ଼ିଶା ଅଭିଭାବକ ମହାସଂଘର ଶିକ୍ଷା ଯୋଦ୍ଧା ସମ୍ମାନ

**କେଜିରୁ ପିଜିକୁ ସମ୍ପୂର୍ଣ୍ଣ ମାଗଣା କରିବାକୁ ଦୁଇ ବିଜେଡି ବିଧାୟକଙ୍କ ଦାବି**



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶିକ୍ଷା ଅଧିକାର ଅଭିଭାବକମାନଙ୍କୁ ଶିକ୍ଷା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଅରୁଣ କୁମାର ସାହୁ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ଓ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାଗ୍ୟରାମ ପାଇକରାୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଭୁବନେଶ୍ୱରର ବିଭିନ୍ନ ସାହି ଓ ବସ୍ତି ଅଞ୍ଚଳରେ ଶିକ୍ଷା ଅଧିକାର ଆଇନ ଅନୁସାରେ ପଢୁଥିବା ପିଲାଙ୍କ ଅଭିଭାବକଙ୍କୁ ସହଯୋଗ କରୁଥିବା କମିଟି ସଦସ୍ୟ ଓ ସଦସ୍ୟାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି, ଯେଉଁମାନେ ୧୦୦ରୁ ଉର୍ଦ୍ଧ୍ୱ ଅଭିଭାବକଙ୍କୁ ଏହି ନାମଲେଖାରେ ସହଯୋଗ କରିଥିଲେ। ମହାସଂଘ ପକ୍ଷରୁ କରାଯାଇଥିବା ଆମରଣ ଅନଶନ ସମୟରେ ଯେଉଁ ଦାବି କରାଯାଇଥିଲା, ତାହାକୁ ବିଧାନସଭାରେ ଉଠାଇବା ସହ ଏହାକୁ କାର୍ଯ୍ୟକାରୀ କରିବାକୁ ସଭାରେ ଘୋଷଣା କରିଥିଲେ। ସମାନ ଭାବେ ବିଧାୟକ ଡ଼ ଅରୁଣ କୁମାର ସାହୁ, ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ କୁମାର ରାଉତ ଆଗାମୀ ବିଧାନସଭାରେ ଉଠାଇ ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ କରିବାକୁ ଘୋଷଣା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓଡ଼ିଶା ଅଭିଭାବକ ମହାସଂଘର ଏହି ପ୍ରୟାସକୁ ପ୍ରଶଂସା କରିବା ସହ ସବୁ ପିଲାଙ୍କ ନ୍ୟାଯ୍ୟ ଅଧିକାର ପାଇଁ ଲଢୁଥିବା ଯୋଦ୍ଧାମାନଙ୍କୁ ଆଗକୁ ଦୁର୍ବାର ଲଢ଼େଇର ଆହ୍ୱାନ ଦେଇଥିଲେ। କେଜିରୁ ପିଜିରେ ବିଭିନ୍ନ ବୈଷୟିକ କୋର୍ସକୁ ସାମିଲ କରିବା ସହ ରୋଜଗାର ଥିବା ସମସ୍ତ କୋର୍ସକୁ ସାମିଲ ପାଇଁ ମହାସଂଘ ସଭାପତି ଦାବି କରିଥିଲେ।

■ ରାହୁଲ ଗାନ୍ଧିଙ୍କ ନାମରେ ଏତଲାକୁ ବିରୋଧ

## ମହିଳା କଂଗ୍ରେସର ବିକ୍ଷୋଭ, ମନୁସ୍ମୃତି ବିରୋଧରେ ନାରା

ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଉତ୍ତରାଖଣ୍ଡର ବିଜେପି ନେତା ଓ କର୍ମୀ ଏବଂ ଏକ ଗୈରିକ ସଂଗଠନ ପକ୍ଷରୁ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧିଙ୍କ ନାମରେ ଦିଆଯାଇଥିବା ଏତଲା ପ୍ରତିବାଦରେ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ମହିଳା କଂଗ୍ରେସ କର୍ମୀ ଏକ ର୍ୟାଲିରେ ଆସି ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମୀତ ଶାହଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିସହ ମନସ୍ମୃତି ଫଟୋ ଥିବା ବ୍ୟାନରରେ ଛକି ଚିହ୍ନ ଦେଇ ପ୍ରଦର୍ଶନ କରାଯାଇଥିଲା। ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଆମେ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନକୁ ସମ୍ମାନ କରୁ ଓ ସମ୍ବିଧାନରେ ନିର୍ଦ୍ଦେଶିତ ପଥକୁ ଅନୁସରଣ କରୁ। ମନସ୍ମୃତି ମଣିଷ ଭିତରେ ଉଚ୍ଚନୀଚ ଭେଦଭାବକୁ ଜାହିର କରିଥାଏ। ଆଜିର ଦିନରେ ମନସ୍ମୃତି ଗ୍ରହଣୀୟ ହୋଇନାହିଁ। ଉତ୍ତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲିଳା ମଇଦାନରେ ଏକ ସଭାକୁ ଗତ ୮ରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ସମ୍ବୋଧିତ କରିଥିଲେ। ଗତ ୧୧ରେ ବିଜେପି ପ୍ରରୋଚନାରେ ଏକ ଗୈରିକ ସଂଗଠନ ରାମଲୀଳା ମଇଦାନ ସଭାସ୍ଥଳରେ ଗଙ୍ଗାଜଳ ଓ ଗୋମୂତ୍ର ଛିଞ୍ଚି ଏବଂ ହୋମ କରି ଶୁଦ୍ଧିକରଣ କରିଥିଲେ। ସେହିପରି ଗତ ୨୯ରେ ରାହୁଲ ଗାନ୍ଧି ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ଦୃଢ଼ ନିନ୍ଦା କରିଥିଲେ। ଯେଉଁ ବିଜେପି କର୍ମୀ ଓ ତାଙ୍କ ସହଯୋଗୀ ସଂଗଠନର କର୍ମୀମାନେ ଏହି 'ଶୁଦ୍ଧିକରଣ' କାର୍ଯ୍ୟ କରିଛନ୍ତି, ସେମାନଙ୍କ ବିରୋଧରେ ଏତଲା ଦରଜ କରିବା ଦରକାର। ମାତ୍ର ଉତ୍ତରାଖଣ୍ଡ ପୁଲିସ ରାହୁଲଙ୍କ ଦାବିକୁ ଗ୍ରହଣ କରିବା ବଦଳରେ ଓଲଟା ତାଙ୍କ ନାମରେ ଏତଲା ଦରଜ କରିଛନ୍ତି। ମଲ୍ଲିକାର୍ଜୁନ କେବଳ କଂଗ୍ରେସ ସଭାପତି ନୁହଁନ୍ତି, ସେ ରାଜ୍ୟସଭାରେ ବିରୋଧୀ ଦଳର ନେତା ମଧ୍ୟ। ଯଦି ସଂସଦର ରାଜ୍ୟସଭା ବିରୋଧୀ ଦଳର ନେତା ଜଣେ ଦଳିତ ବର୍ଗର ହୋଇଥିବାରୁ ବିଜେପି ଚକ୍ରାନ୍ତ କରି ତାଙ୍କୁ ଏଭଳି ଅପମାନିତ କରୁଛି, ତା'ହେଲେ ଦେଶରେ ମନୁବାଦୀଙ୍କ ପ୍ରଭାବ ତଳେ ଦଳିତ ଲୋକଙ୍କର ଅବସ୍ଥା କ'ଣ ହେଉଥିବ ବୋଲି ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଶ୍ନ କରିଛନ୍ତି।




## ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଉଛି ବେଦାନ୍ତ




ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ବେଦାନ୍ତ ଆଲୁମିନିୟମରେ ସ୍ୱାସ୍ଥ୍ୟସେବା ଓ ଗୋଷ୍ଠୀ କଲ୍ୟାଣ ଦୀର୍ଘ ଦିନ ଧରି ଏହାର ବିକାଶ ପ୍ରୟାସର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଏକ ସାମଗ୍ରିକ ଆଭିମୁଖ୍ୟ ମାଧ୍ୟମରେ ରାୟଗଡ଼ା ଓ କଳାହାଣ୍ଡିର ସିଜିମାଳି ଓ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିରେ ଏହାର ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରସାରକୁ ବିସ୍ତାର କରୁଛି। ଗତ ଏପ୍ରିଲରୁ ଜୁଲାଇ ମଧ୍ୟରେ ବେଦାନ୍ତର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମ୍‌ଏଚୟୁ) ରାୟଗଡ଼ା ଓ କଳାହାଣ୍ଡି ଅଞ୍ଚଳରେ ୨୨୫ଟି ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ୱାସ୍ଥ୍ୟସେବାକୁ ସିଧାସଳଖ ଦୁର୍ଗମ ଅଞ୍ଚଳର ଲୋକଙ୍କ ଦୁଆରେ ପହଞ୍ଚାଇଥିଲା। ରାୟଗଡ଼ାରେ ୮୫ଟି ଏମ୍‌ଏଚୟୁ ଶିବିର ୨୫୫୮ ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିବା ବେଳେ କଳାହାଣ୍ଡିରେ ୧୪୦ଟି ଶିବିର ଅନେକ ସମ୍ବେଦନଶୀଳ ଗାଁର ୨୯୩୬ ଲୋକଙ୍କୁ ଉପକୃତ କରିଛି। ମିଳିତ ଭାବେ ଏହି ପ୍ରୟାସ ୫୪୯୪ ରୋଗୀଙ୍କୁ ଡାକ୍ତରୀ ପରାମର୍ଶ, ମୌଳିକ ନିଦାନ ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଥିଲା। ବେଦାନ୍ତ-ସମର୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ଏହି ସେବାଗୁଡ଼ିକର ପରିପୂରକ, ଯାହା ଘର ନିକଟରେ ଦିନରାତି ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ। ରାୟଗଡ଼ାର ପିଏଚସି ସୁଙ୍ଗରରେ ଗତ ମେ'ରୁ ଜୁଲାଇ ମଧ୍ୟରେ ମୋଟ ୨୫୬୩ ରୋଗୀ ସ୍ୱାସ୍ଥ୍ୟସେବାର ଲାଭ ଉଠାଇଥିଲେ। କେନ୍ଦ୍ର ମଧ୍ୟ ୬୦ଟି ପ୍ରସବ ସୁବିଧା ପ୍ରଦାନ କରିଥିଲା, ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କୁ ଅନ୍ୟ ଡାକ୍ତରଖାନାକୁ ପଠାଇଥିଲା ଏବଂ ଶୂନ୍ୟ ନବଜାତ ମୃତ୍ୟୁ ବଜାୟ ରଖିଥିଲା, ଯାହା ଏହି ଅଞ୍ଚଳରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବାରେ ଏହାର ଭୂମିକାକୁ ଦର୍ଶାଇଥିଲା।

# ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟ

■ ୧,୭୬୩ ଶିକ୍ଷାନୁଷ୍ଠାନରେ ସଚେତନତା

■ ୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନିଶା ବିରୋଧୀ ବାର୍ତ୍ତା



କଟକ,୧।୯(ସଂଚାର ବ୍ୟୁରୋ): ନିଶାମୁକ୍ତ ଓଡ଼ିଶା ଗଠନର ସଂକଳ୍ପକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ନିଶାମୁକ୍ତ ଭାରତ ଅଭିଯାନ' (ଏନଏମବିଏ) ଅଧୀନରେ ରାଜ୍ୟବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ ଜାରି ରହିଛି। ଗତ ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୫ଟି ପୁଲିସ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମୟ ମଧ୍ୟରେ ୧,୭୬୩ ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ନିଶା ବିରୋଧୀ ବାର୍ତ୍ତା ପହଞ୍ଚାଯାଇଥିଲା। ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୧୬୨ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗଞ୍ଜାମରେ ୧୧୭ଟି, ଖୋର୍ଦ୍ଧାରେ ୧୦୧ଟି, ରାୟଗଡ଼ାରେ ୮୫ଟି ଓ କଳାହାଣ୍ଡିରେ ୭୯ଟି ଶିକ୍ଷାନୁଷ୍ଠାନରେ ଏହି ଅଭିଯାନ ପହଞ୍ଚିଛି। ଏହି ରାଜ୍ୟବ୍ୟାପୀ ଅଭିଯାନରେ ୨୬ଟି ପୁଲିସ ଜିଲ୍ଲା ନିଜ ଏସ୍‌ପିମାନଙ୍କ ନେତୃତ୍ୱ, ପୁଲିସ କର୍ମଚାରୀଙ୍କ ପ୍ରୟାସ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ସକ୍ରିୟ ସହଯୋଗ ଯୋଗୁଁ ନିଶା ବିରୋଧୀ ସଚେତନତାର ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚାଇବା ସମ୍ଭବ ହୋଇଛି। ନିଶାଦ୍ରବ୍ୟ ସେବନ ଦ୍ୱାରା ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ, ପରିବାର, ଶିକ୍ଷା, ଜୀବନ ଓ ଭବିଷ୍ୟତ ପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ସହ ନିଶାବିରୋଧୀ ଲଢ଼େଇରେ ସକ୍ରିୟ ଭାବେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଡିଜିପି ବିନୟତୋଷ ମିଶ୍ର ଆସନ୍ତା ୨୦୨୯ ସୁଦ୍ଧା ଏକ ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ଓଡ଼ିଶା ପୁଲିସର ଦୃଢ଼ ସଂକଳ୍ପ ବୋଲି କହିଛନ୍ତି।

# ସୌର ପ୍ରକଳ୍ପ, ସରକାରୀ କ୍ୱାର୍ଟର୍ସରେ ମନା



ଭୁବନେଶ୍ୱର,୧।୯: ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ଆର୍ଥିକ ପ୍ରୋତ୍ସାହନ ଦେଇ ଲୋକଙ୍କୁ ନିଜ ଘରର ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରୁଥିବା ବେଳେ ସରକାରୀ କ୍ୱାର୍ଟର୍ସରେ ଏହା ସ୍ଥାପନ ପାଇଁ କିନ୍ତୁ ନୀତି ପ୍ରଣୟନ ହୋଇପାରୁନାହିଁ। ଫଳରେ ସରକାରୀ କ୍ୱାର୍ଟର୍ସରେ ଯେଉଁମାନେ ରହୁଛନ୍ତି, ସେମାନେ ଚାହିଁଲେ ମଧ୍ୟ ସରକାରଙ୍କ ମାଗଣା ବିଜୁଳି ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ବର୍ତ୍ତମାନ ୩ କିଲୋୱାଟ ପର୍ଯ୍ୟନ୍ତ ପ୍ରକଳ୍ପ ଲାଗି ସବସିଡି ପ୍ରଦାନ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଟାଟା ପାୱାର ଏହାକୁ କାର୍ଯ୍ୟକାରୀ କରୁଛି। ଲୋକେ କିଭଳି ଏହି ମାଗଣା ବିଜୁଳି ଯୋଜନାରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହେବେ ସେଥିପାଇଁ ବହୁ ଅର୍ଥ ବ୍ୟୟରେ ବିଜ୍ଞାପନ ଦିଆଯାଉଛି। ହେଲେ ବିଜୁଳି ବ୍ୟବହାର କ୍ଷେତ୍ରରେ ଆଗରେ ଥିବା ସହରାଞ୍ଚଳର ସରକାରୀ କ୍ୱାର୍ଟର୍ସଗୁଡ଼ିକରେ କିନ୍ତୁ ଏହା ସ୍ଥାପନ ହୋଇପାରୁନାହିଁ। ଯେଉଁମାନେ କ୍ୱାର୍ଟର୍ସ ପାଇଛନ୍ତି, ସେମାନେ ସରକାରୀ ରିହାତି ଯୋଜନାରେ ଏହାକୁ ସ୍ଥାପନରେ ସଫଳ ହୋଇପାରୁନାହାନ୍ତି। ସୌର ପ୍ରକଳ୍ପ ସ୍ଥାପନ ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥାମାନେ ସିଧାସଳଖ ମନାକରି ଦେଉଛନ୍ତି। ଖୋଦ ରାଜଧାନୀରେ ଏହା ସମ୍ଭବପର ହୋଇପାରୁନାହିଁ। ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଲୋକ ଭବନ ପୁରସ୍କୃତ ହେଉଥିବା ବେଳେ ଅନ୍ୟ ସରକାରୀ ଦପ୍ତରଗୁଡ଼ିକରେ କିନ୍ତୁ ଏହି ପ୍ରକଳ୍ପ ଆଖିଦୃଶିଆ ଭାବେ ସ୍ଥାପନ ହେଉନାହିଁ। କର୍ମଚାରୀମାନେ ରହୁଥିବା ସରକାରୀ କ୍ୱାର୍ଟର୍ସ ତ ଦୂରର କଥା, ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ରହୁଥିବା ସରକାରୀ ଘରଗୁଡ଼ିକରେ ମଧ୍ୟ ସୌରଶକ୍ତି ସ୍ଥାପନ ପାଇଁ ନୀତି ପ୍ରସ୍ତୁତ ହୋଇପାରୁନାହିଁ। ଯେହେତୁ ମନ୍ତ୍ରୀ, ବିଧାୟକଙ୍କଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀମାନେ ନିଜ ନିଜ ସରକାରୀ ଘରେ ସୌର ପ୍ରକଳ୍ପ ସ୍ଥାପନ କରୁନାହାନ୍ତି, ତେଣୁ ଆଖପାଖରେ ବେସରକାରୀ ଘରେ ରହୁଥିବା ଲୋକଙ୍କର ବି ସୌର ପ୍ରକଳ୍ପ ସ୍ଥାପନ ପାଇଁ ଭରସା ପାଇପାରୁନାହିଁ। ସେହିଭଳି ବିଭିନ୍ନ ଆପାର୍ଟମେଣ୍ଟରେ ରହୁଥିବା ଲୋକେ ବି କିଭଳି ସୌର ପ୍ୟାନେଲ ସ୍ଥାପନ କରିବେ, ତାହା ଜାଣିପାରୁନାହାନ୍ତି। ଅଧିକାଂଶ ଆପାର୍ଟମେଣ୍ଟରେ ଛାତ ଉପର ବ୍ୟବହାର ପାଇଁ ଅନୁମତି ନଥିବା ବେଳେ ଯେଉଁଠାରେ ବି ଏହା ରହିଛି ସେଠାରେ ସମସ୍ତ ବାସିନ୍ଦାଙ୍କର ସୌର ପ୍ୟାନେଲ ସ୍ଥାପନ ସମ୍ଭବପର ନୁହେଁ। ରାଜ୍ୟରେ ଏବେ ଇଭି ଯାନ ବ୍ୟବହାର ବୃଦ୍ଧି ପାଉଥିବା ବେଳେ ବିଜୁଳି ବିଲ୍‌ରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି। ନିଜ ନିଜ ଘର ଛାତରେ ସୌର ପ୍ରକଳ୍ପ ସ୍ଥାପନ ଏହାର ମୁଖ୍ୟ ବିକଳ୍ପ ହୋଇଥିବା ବେଳେ ସରକାରୀ କ୍ୱାର୍ଟର୍ସ, ଆପାର୍ଟମେଣ୍ଟ ଆଦି ପାଇଁ ସ୍ପଷ୍ଟ ନୀତି ନ ଥିବାରୁ ଭୁବନେଶ୍ୱର, କଟକ, ରାଉରକେଲା ଆଦି ସହରରେ ଏହି ପ୍ରକଳ୍ପ ଯେଭଳି ଆଗେଇବା କଥା ତାହା ହୋଇପାରୁନାହିଁ। (ତଥ୍ୟ)

## ଯୋଗଦେଲେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଭାରତୀୟ ରେଳ ଆକାଉଣ୍ଟସ ସର୍ଭିସ୍ (ଆଇଆର୍‌ଏଏସ୍)ର ୧୯୯୧ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ବିଜୟ କୁମାର ମିଶ୍ର ଭୁବନେଶ୍ୱରସ୍ଥିତ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଯୋଗଦେଇଛନ୍ତି। ରେଳ ଆର୍ଥିକ ପରିଚାଳନା, ପ୍ରକଳ୍ପ ପରିଚାଳନା, ଟ୍ରେନ୍ ପରିଚାଳନା ଓ ପ୍ରଶାସନ କ୍ଷେତ୍ରରେ ୩୫ ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ଶ୍ରୀ ମିଶ୍ର ଭାରତୀୟ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ବର୍ତ୍ତମାନ ସେ ପୂର୍ବତଟ ରେଳପଥର ପ୍ରମୁଖ ଆର୍ଥିକ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ଏହି ପଦରେ ସେ ଆକାଉଣ୍ଟ୍ସ, ଫାଇନାନ୍ସ, ବଜେଟ୍ ପରିଚାଳନା ଓ ଆଭ୍ୟନ୍ତରୀଣ ଅଡିଟ୍‌ର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ନେତୃତ୍ୱ ଦେଉଛନ୍ତି। ଏହା ପୂର୍ବରୁ ଶ୍ରୀ ମିଶ୍ର ଉତ୍ତର-ପୂର୍ବାଞ୍ଚଳ ସୀମାନ୍ତ ରେଳବାଇର ତିନସୁକିଆ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆର୍‌ଏମ୍) ଭାବେ କାର୍ଯ୍ୟ କରିଥିଲେ। ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଂ ମଣ୍ଡଳରେ ସେ ସଫଳତାର ସହ ପ୍ରଶାସନିକ ଓ ପରିଚାଳନାଗତ ଦାୟିତ୍ୱ ନିର୍ବାହ କରିଥିଲେ। ଡେପୁଟେସନ୍ ସମୟରେ ସେ ଆଇରକନ୍ ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର କୁଆଲାଲାମ୍ପୁର ପ୍ରକଳ୍ପରେ ପ୍ରୋଜେକ୍ଟ ଫାଇନାନ୍ସ ହେଡ୍ ଭାବେ କାର୍ଯ୍ୟ କରି ଅନ୍ତର୍ଜାତୀୟ ସ୍ତରର ବୃହତ୍ ରେଳ ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନାରେ ନେତୃତ୍ୱ ପ୍ରଦାନ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ବୁଧବାର ୨ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Wednesday 2 September 2026, Bhubaneswar



# ଶକ୍ତିଶାଳୀ ଦେଶମାନଙ୍କ ଭୟ

ଆଜିର ବିଶ୍ୱରେ ରୁଷିଆ, ଚୀନ, ଦକ୍ଷିଣ କୋରିଆ ଓ ଆମେରିକା ଭଳି ଶକ୍ତିଶାଳୀ ଦେଶଗୁଡ଼ିକ ବୈଜ୍ଞାନିକ ଅଗ୍ରଗତି, ଅର୍ଥନୈତିକ ଶକ୍ତି ଓ ସାମରିକ ସାମର୍ଥ୍ୟରେ ଅଗ୍ରଣୀ। ତଥାପି ଏମାନେ ଶାନ୍ତିର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ବାରମ୍ବାର ଯୁଦ୍ଧ କିମ୍ବା ଯୁଦ୍ଧ-ଭୟର ସୃଷ୍ଟି କରୁଛନ୍ତି। ଏହା କେବଳ ଏକ ରାଜନୈତିକ ପ୍ରଶ୍ନ ନୁହେଁ; ଏହା ମାନବତାର ଗଭୀର ଦ୍ୱନ୍ଦ୍ୱ। କାହିଁକି ଏମାନେ ଶାନ୍ତିକୁ ନେତୃତ୍ୱ ଦେବା ପରିବର୍ତ୍ତେ ଯୁଦ୍ଧର ପଥ ବାଛନ୍ତି?

ପ୍ରଥମତଃ, ଭୌଗୋଳିକ ଓ କୌଟନୀତିକ ସ୍ୱାର୍ଥ। ରୁଷିଆର ଉକ୍ରେନ ଆକ୍ରମଣ, ଚୀନର ତାଇୱାନ ଓ ଦକ୍ଷିଣ ଚୀନ ସାଗର ଉପରେ ଦାବି, ଆମେରିକାର ମଧ୍ୟପ୍ରାଚ୍ୟ ଓ ଏସିଆରେ ହସ୍ତକ୍ଷେପ-ଏସବୁ ମୂଳତଃ ପ୍ରଭାବ ବଳୟ ବଜାୟ ରଖିବାର ଚେଷ୍ଟା। ଦକ୍ଷିଣ କୋରିଆ ମଧ୍ୟ ଉତ୍ତର କୋରିଆ ସହିତ ଚଳିତ ଉତ୍ତେଜନା ଓ ଆମେରିକୀୟ ସେନା ଉପସ୍ଥିତି ମାଧ୍ୟମରେ ନିଜ ସୁରକ୍ଷା ନୀତିକୁ ଦୃଢ଼ କରୁଛି। ଶକ୍ତିଶାଳୀ ଦେଶମାନେ ଭୟ କରନ୍ତି ଯେ ଯଦି ସେମାନେ ନିଜ ପ୍ରଭାବ କ୍ଷେତ୍ର ଛାଡ଼ନ୍ତି, ତେବେ ପ୍ରତିଦ୍ୱନ୍ଦ୍ୱୀ ସେହି ଶୂନ୍ୟସ୍ଥାନ ପୂରଣ କରିବ। ଏହା 'ସୁରକ୍ଷା ଦ୍ୱନ୍ଦ୍ୱ', ଯେଉଁଠାରେ ଗୋଟିଏ ଦେଶର ସୁରକ୍ଷା ବୃଦ୍ଧି ଅନ୍ୟ ଦେଶପାଇଁ ଭୟର କାରଣ ହୋଇଯାଏ।



ଦ୍ୱିତୀୟତଃ, ଅର୍ଥନୈତିକ ଓ ସମ୍ପଦ ପ୍ରତିଯୋଗିତା। ତେଲ, ଗ୍ୟାସ, ଖଣିଜ ପଦାର୍ଥ, ବାଣିଜ୍ୟ ପଥ ଓ ଟେକ୍ନୋଲୋଜି ଉପରେ ନିୟନ୍ତ୍ରଣ ଆଜି ଯୁଦ୍ଧର ମୁଖ୍ୟ କାରଣ। ଆମେରିକା ଓ ଚୀନ ମଧ୍ୟରେ ଟେକ୍ନୋଲୋଜି ଯୁଦ୍ଧ, ରୁଷିଆର ଶକ୍ତି ସମ୍ପଦ ଉପରେ ନିର୍ଭରଶୀଳତା, ଏସବୁ ଦେଖାଏ ଯେ ଅର୍ଥନୈତିକ ସ୍ୱାର୍ଥ ରାଜନୈତିକ ସିଦ୍ଧାନ୍ତକୁ ପ୍ରଭାବିତ କରେ। ଯୁଦ୍ଧ କେବଳ ଧ୍ୱଂସ ନୁହେଁ; ଏହା କେତେକ ଶିଳ୍ପ ଓ ଅସ୍ତ୍ର ନିର୍ମାତାଙ୍କ ପାଇଁ ଲାଭଜନକ ମଧ୍ୟ ହୋଇପାରେ। ଫଳରେ 'ଯୁଦ୍ଧ ଅର୍ଥନୀତି' ଶାନ୍ତି ଅର୍ଥନୀତିଠାରୁ ଅଧିକ ଆକର୍ଷଣୀୟ ହୋଇପଡ଼େ।

ତୃତୀୟତଃ, ଘରୋଇ ରାଜନୀତି ଓ ଜାତୀୟତାବାଦୀ ଶାସକମାନେ ବାହ୍ୟ ଶତ୍ରୁ ସୃଷ୍ଟି କରି ଆଭ୍ୟନ୍ତରୀଣ ଅସନ୍ତୋଷକୁ ଆଡ଼କୁ ରଖନ୍ତି। ରୁଷିଆରେ ପୁଟିନ୍‌ଙ୍କ ଶାସନ, ଚୀନରେ ପାର୍ଟିର ନିୟନ୍ତ୍ରଣ, ଆମେରିକାରେ ନିର୍ବାଚନୀ ରାଜନୀତି-ସମସ୍ତେ ଜାତୀୟ ଗର୍ବ ଓ 'ଶତ୍ରୁ ବିରୋଧୀ' ଭାବନାକୁ ବ୍ୟବହାର କରନ୍ତି। ଦକ୍ଷିଣ କୋରିଆରେ ମଧ୍ୟ ଉତ୍ତର କୋରିଆ ପ୍ରତି ଭୟ ଘରୋଇ ରାଜନୀତିକୁ ପ୍ରଭାବିତ କରେ। ଯେତେବେଳେ ଲୋକମାନେ ଅର୍ଥନୈତିକ ସଙ୍କଟ କିମ୍ବା ଅସମାନତାରେ ଭୁଗୁଥାନ୍ତି, ସେତେବେଳେ ବାହ୍ୟ ଯୁଦ୍ଧ ଏକ ଃ ଏକତାର ଆହ୍ୱାନ' ଭାବରେ କାମ କରେ।

ଚତୁର୍ଥତଃ, ଐତିହାସିକ ଅଭିଜ୍ଞତା ଓ ଅସ୍ତ୍ର ପ୍ରତିଯୋଗିତା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଓ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧ, ଚୀନର ଉତଥାନ, କୋରିଆ ଯୁଦ୍ଧ ଏସବୁ ଏକ ଚକ୍ର ସୃଷ୍ଟି କରିଛି ଯେଉଁଥିରେ ପ୍ରତ୍ୟେକ ଦେଶ ନିଜକୁ ସୁରକ୍ଷିତ ରଖିବା ପାଇଁ ଅଧିକ ଅସ୍ତ୍ର ସଂଗ୍ରହ କରେ। ପରମାଣୁ ଅସ୍ତ୍ର, ସାଇବର ଯୁଦ୍ଧ, କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ଅସ୍ତ୍ର-ଏସବୁ ଭୟକୁ ବଢ଼ାଉଛି। ଯେତେବେଳେ ଗୋଟିଏ ଦେଶ ଅଧିକ ଶକ୍ତିଶାଳୀ ହୁଏ, ଅନ୍ୟମାନେ ମଧ୍ୟ ସେହି ପଥରେ ଚାଲନ୍ତି। ଏହା 'ଅସ୍ତ୍ର ପ୍ରତିଯୋଗିତାର ଚକ୍ର'।

ତଥାପି ଏହା ଅପରିହାର୍ଯ୍ୟ ନୁହେଁ। ଇତିହାସରେ ଯେଉଁ ଦେଶମାନେ ଶାନ୍ତିର ପଥ ବାଛିଛନ୍ତି, ସେମାନେ ଦୀର୍ଘକାଳୀନ ସ୍ଥିରତା ଓ ସମୃଦ୍ଧି ପାଇଛନ୍ତି। ୟୁରୋପୀୟ ସଂଘ, ଜାପାନର ଯୁଦ୍ଧପରବର୍ତ୍ତୀ ପୁନର୍ନିର୍ମାଣ, କିମ୍ବା ଦକ୍ଷିଣ-ପୂର୍ବ ଏସିଆର କେତେକ ସହଯୋଗ, ଏସବୁ ଦେଖାଏ ଯେ ବାଣିଜ୍ୟ, କୂଟନୀତି ଓ ପାରସ୍ପରିକ ନିର୍ଭରଶୀଳତା ଯୁଦ୍ଧଠାରୁ ଅଧିକ ଶକ୍ତିଶାଳୀ ହୋଇପାରେ। ଶକ୍ତିଶାଳୀ ଦେଶମାନେ ଯଦି ସତରେ ନେତୃତ୍ୱ ଦେବାକୁ ଚାହାନ୍ତି, ତେବେ ସେମାନେ ଯୁଦ୍ଧ ନୁହେଁ, ଶାନ୍ତିର ମଡେଲ ଦେଖାଇବା ଉଚିତ୍। ଜଳବାୟୁ ପରିବର୍ତ୍ତନ, ମହାମାରୀ, ଦାରିଦ୍ର୍ୟ ଓ ପ୍ରଯୁକ୍ତି ବିପଦ ଏସବୁ ସାମ୍ନାରେ ମାନବଜାତି ଏକତ୍ର ରହିବା ଆବଶ୍ୟକ। ଯୁଦ୍ଧ କେବଳ ଧ୍ୱଂସ ଆଣେ; ଅଶାନ୍ତି ସୃଷ୍ଟି କରେ। ରୁଷିଆ, ଚୀନ, ଦକ୍ଷିଣ କୋରିଆ ଓ ଆମେରିକା ଯଦି ନିଜ ଶକ୍ତିକୁ ସହଯୋଗ, ବିକାଶ ଓ ସମଝୋତା ପାଇଁ ବ୍ୟବହାର କରନ୍ତି, ତେବେ ସେମାନେ ପ୍ରକୃତ ପଥପ୍ରଦର୍ଶକ ହୋଇପାରିବେ।

ଶେଷରେ କହିବାକୁ ହେବ-ଶକ୍ତିର ପ୍ରକୃତ ପରୀକ୍ଷା ଯୁଦ୍ଧରେ ନୁହେଁ, ଶାନ୍ତି ରକ୍ଷାରେ। ବିଶ୍ୱ ଆଜି ଏକ ନୂତନ ଦିଗ ଆଶା କରୁଛି। ଏହି ଶକ୍ତିଶାଳୀ ଦେଶମାନେ ଯଦି ସେହି ଦାୟିତ୍ୱ ନେବେ, ତେବେ ଇତିହାସ ସେମାନଙ୍କୁ ଯୁଦ୍ଧବାଦୀ ନୁହେଁ, ଶାନ୍ତିର ନେତା ଭାବରେ ମନେରଖିବ।

# ସିଜେପି ଆନ୍ଦୋଳନରୁ ଶିକ୍ଷା

ନାରାୟଣ ଚନ୍ଦ୍ର ବିଶ୍ୱାଳ



କେଉଁଠି ନା କେଉଁଠି ଓଜନ କମାଇବାର କାହାଣୀ ଅନେକଙ୍କୁ ପ୍ରେରଣା ଯୋଗାଏ। କୌଣସି କାରଣ ପାଇଁ ଓଜନ ବଢ଼ିଗଲେ ଏହାଦ୍ୱାରା କେବଳ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇନଥାଏ ବଞ୍ଚିବା ମୁସ୍କିଲ ହୋଇଯାଏ ହେଲେ ଦୃଢ଼ ନିଷ୍ଠା ଓ ମନୋବଳ ରଖି ଓଜନ କମାଇବାର ଏକ ରୁଟିନ ତିଆରି କରି ଜୀବନ ଆରମ୍ଭ କଲେ ଦେଖିବେ ଓଜନ କମିବା ଥୟ। କୌଣସି ବ୍ୟକ୍ତିଙ୍କ ମୋଟାପଣ ବା ମେଦବହୁଳତା ନିର୍ଣ୍ଣୟ କରିବା ପାଇଁ ତାଙ୍କ ଶରୀରର ଓଜନ ଓ ଉଚ୍ଚତା ମଧ୍ୟରେ ଥିବା ଅନୁପାତକୁ ବିଚାରକୁ ନିଆଯାଇଥାଏ। ଏହାକୁ 'ବଡ଼ି ମାସ ଇଣ୍ଡେକ୍ସ' କୁହାଯାଏ। ତେବେ ନିକଟରେ ଦଳେ ବିଶ୍ୱସ୍ତରୀୟ ବିଶେଷଜ୍ଞ ବିଏମଆଇକୁ ବିବାଦୀୟ ବୋଲି ଅଭିହିତ କରିଛନ୍ତି। ଗଣମାଧ୍ୟମରେ ସେମାନଙ୍କର ତଥ୍ୟ ସବୁ ଯାହା ପ୍ରକାଶ ପାଇଛି ସେମାନଙ୍କ କହିବା କଥା, ଅତ୍ୟଧିକ ଚର୍ବି ଜନିତ ମୋଟାପଣ ବା ପୃଥୁଳକାୟତାର ଚିକିତ୍ସାରେ କେବଳ ବିଏମଆଇ ଜାଣିବା ଯଥେଷ୍ଟ ନୁହେଁ। କାରଣ ବେଳେ ବେଳେ ଏହା ମାତ୍ରାଧିକ ମେଦବହୁଳତାକୁ ସୂଚାଉଥାଏ ତ ପୁଣି କେତେବେଳେ ମଧ୍ୟ ମେଦବହୁଳତାକୁ ଅଣଦେଖା କରିଥାଏ। ଉଦାହରଣ ସ୍ୱରୂପ ବିଏମଆଇ ସୂଚକାଙ୍କର ସ୍ୱାଭାବିକ ପରିମାଣ ୩୦ କିମ୍ବା ତା ଠାରୁ କମ ରହିବା ବାଞ୍ଛନୀୟ। ତେବେ ବେଳେ ବେଳେ ମାତ୍ରାଧିକ ଚର୍ବି ଥିବା ବ୍ୟକ୍ତିଙ୍କର ବିଏମଆଇ ୩୦ ଟପୁନଥିବା ବେଳେ ଶକ୍ତ ମାଂସପେଶୀ ଥିବା କ୍ରୀଡ଼ାବିତଙ୍କ କ୍ଷେତ୍ରରେ ସ୍ୱାଭାବିକ ଚର୍ବି ସତ୍ତ୍ୱେ ବିଏମଆଇ ପରିମାଣ ୩୦ ଉପରେ ଦର୍ଶାଇଥାଏ।

ଅପରପକ୍ଷେ, ବିଶେଷଜ୍ଞମାନେ ଶରୀରର ମୋଟାପଣ ମାପିବା ପାଇଁ ଅନ୍ୟ ଏକ ନୂତନ ପଦ୍ଧତି ଅନ୍ୱେଷଣ କରିଛନ୍ତି ଏଥିରେ ଶରୀରର ଉଚ୍ଚତା ଓ ଓଜନ ସମେତ ଅଣ୍ଟାର ଗୋଲେଇ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ତର୍ଜମା କରିବାକୁ ହୋଇଥାଏ। ସୂଚନାଯୋଗ୍ୟ ସମ୍ପ୍ରତି ସମଗ୍ର ବିଶ୍ୱରେ ପ୍ରାୟ ୧୦୦ କୋଟି ଲୋକ ମେଦବହୁଳତାର ଶିକାର ହୋଇଥିବା ଆକଳନ କରାଯାଇଛି। ବିଶେଷକରି ଆମେରିକାର ପ୍ରାୟ ୪୦ ପ୍ରତିଶତ ନାଗରିକ ମେଦବହୁଳତା ଶରୀର ଧାରଣ କରିଥିବା ଜଣାଯାଇଛି। ଶରୀରର ମେଦବହୁଳତା ହିଁ ହୃଦସମସ୍ୟା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକଟକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହାର ଚିକିତ୍ସା ପାଇଁ ଅନେକ ଆଗଭର ଅଛନ୍ତି। ତେବେ ସେମାନଙ୍କ ଶରୀରର ଅନାବଶ୍ୟକ ମେଦବହୁଳ ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଏକ ତ୍ରୁଟିହୀନ ପଦ୍ଧତିର ଆବଶ୍ୟକତା ରହିଛି, ଯାହା କେବଳ ବିଏମଆଇ ମାପିଦେଲେ ଯଥେଷ୍ଟ ହେବନାହିଁ ବୋଲି ୱାସିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ରଖିଛନ୍ତି। ସେମାନଙ୍କ ପଦ୍ଧତିରେ ଦୁଇ ପ୍ରକାରର ଶାରୀରିକ ସ୍ଥିତି ନିର୍ଣ୍ଣୟ କରିବାକୁ ହେବ। ଗୋଟିଏ ହେଲା କ୍ଲିନିକାଲ ଓବେସିଟି ଏବଂ ଅନ୍ୟଟି ହେଉଛି ପ୍ରିକ୍ଲିନିକାଲ ଓବେସିଟି। କ୍ଲିନିକାଲ ଓବେସିଟି ଦ୍ୱାରା ଶରୀରର ବିଏମଆଇ ସମେତ ମେଦବହୁଳତାର ଅନ୍ୟାନ୍ୟ ସଂକେତ ଜାଣି ହୋଇଥାଏ। ଏଥି ସହିତ ପୃଥୁଳକାୟତା ସହ ଜଡ଼ିତ ହୃଦରୋଗ, ଉଚ୍ଚ ରକ୍ତଚାପ, ଯକୃତ କି ବୃକକ୍ ଜନିତ ରୋଗ ଏବଂ ଦୀର୍ଘଦିନର ଆଣ୍ଠୁଗଣ୍ଠି କି ଅଣ୍ଟା ଯନ୍ତ୍ରଣା ଆଦିର ତର୍ଜମା କରାଯାଇଥାଏ। ଏଭଳି ରୋଗୀଙ୍କର ଚିକିତ୍ସା ଜରୁରୀ। ଅପରପକ୍ଷେ, ପ୍ରିକ୍ଲିନିକାଲ ଓବେସିଟିରେ ଉପରୋକ୍ତ ସମସ୍ୟା ଗୁଡ଼ିକର ଆଶଙ୍କା ଥିବା ଜଣାପଡ଼ିଥାଏ। ମାତ୍ର ରୋଗୀ କୌଣସିଥିରେ ପୀଡ଼ିତ ନଥାଏ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଏହାର ଚିକିତ୍ସା କରାଯିବା ସମ୍ଭବ।

ସମ୍ପ୍ରତି ଏହି ମେଦବୃଦ୍ଧି ଆଉ ଚିନ୍ତାଜନକ ହୋଇନାହିଁ। ନିଜେ ଶରୀରକୁ ସୁସ୍ଥ ଓ ଫିଟ ରଖିବା ସହ ବିଭିନ୍ନ ଶାରୀରିକ ବ୍ୟାୟାମ, ଡାଏଟିଂ ମଧ୍ୟ କରୁଛନ୍ତି। ସନ୍ତୁଳିତ ଜୀବନ ଦ୍ୱାରା ଶରୀର ପୃଥୁଳକାୟ ହୋଇ ଆପଣଙ୍କ ପାଇଁ ଆଦୌ 'ଅରୂପ' ହେବନାହିଁ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦



# ଅଦାଲତରେ ପୁଣି ଆସିଲା ଗାନ୍ଧୀ ହତ୍ୟାକାଣ୍ଡ

ଗୋପାଳ ମହାପାତ୍ର



ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ହତ୍ୟା ସହ ଯୋଡି ହୋଇଥିବା ଇତିହାସ ଏବେ ପୁଣିଥରେ ଅଦାଲତି କାର୍ଯ୍ୟର କେନ୍ଦ୍ରରେ ରହିଛି। ପୁଣେର ଏକ ଅଦାଲତରେ ଚାଲିଥିବା ଅପରାଧିକ ମାନହାନୀ ମାମଲାର ଶୁଣାଣୀ ବେଳେ ବିନାୟକ ଦାମୋଦର ସାବରକରଙ୍କ ନାତି (ପ୍ରପୌତ୍ର) ସାତ୍ୟକୀ ସାବରକର ମହାତ୍ମାଗାନ୍ଧୀଙ୍କ ହତ୍ୟା ଏବଂ ନାଥୁରାମ ଗୋଡ଼ସେ ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଏହି ମାମଲା କଂଗ୍ରେସ ନେତା ଏବଂ ଲୋକସଭାରେ ବିରୋଧିଦଳ ନେତା ରାହୁଲଗାନ୍ଧୀଙ୍କ ବିରୁଦ୍ଧରେ ସାତ୍ୟକୀ ସାବରକରଙ୍କ ଦ୍ୱାରା ଦାଏର କରାଯାଇଥିବା ଅପରାଧିକ ମାନହାନୀ ଅଭିଯୋଗ ସହ ଜଡ଼ିତ। ଗତ ଅଗଷ୍ଟ ୧୭ ତାରିଖରେ ରାହୁଲ ଗାନ୍ଧୀଙ୍କ ଓକିଲ ମିଲିନ୍ଦ ପଓ୍ୱାର ସାତ୍ୟକୀ ସାବରକରଙ୍କୁ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ ଅମୋଲ ଶ୍ରୀରାମ ସିନ୍ଦେ୍ଧଙ୍କ ଅଦାଲତରେ ଜେରା କରିଥିଲେ। ଜେରାବେଳେ ମହାତ୍ମାଗାନ୍ଧୀଙ୍କ ହତ୍ୟା, ନାଥୁରାମ ଗୋଡ଼ସେ, ନାରାୟଣ ଆପଟେ, ଗୋପାଳ ଗୋଡ଼ସେ ଏବଂ ବିନାୟକ ଦାମୋଦର ସାବରକରଙ୍କ ସହ ଯୋଡିହୋଇଥିବା ଐତିହାସିକ ଘଟଣାକ୍ରମ ବାବଦରେ ରାହୁଲଙ୍କ ଓକିଲ ସାତ୍ୟକୀ ସାବରକରଙ୍କୁ ପ୍ରଶ୍ନ ପଚାରିଥିଲେ। ଏହି ଜେରାରେ ରାହୁଲଙ୍କ ଓକିଲଙ୍କ ପ୍ରଶ୍ନର ଉତ୍ତରଦେଇ ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଦିଲ୍ଲୀର ବିରଳା ହାଉସ ଠାରେ ନାଥୁରାମ ଗୋଡ଼ସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାରି ହତ୍ୟା କରିଥିଲେ। ସାତ୍ୟକୀ ସାବରକର ତାଙ୍କ ପରିବାର ର ସଦସ୍ୟ ମାନଙ୍କର ଗାନ୍ଧୀ ହତ୍ୟା ମାମଲାରେ ଥିବା ଭୂମିକାକୁ ମଧ୍ୟ ସ୍ୱୀକାର କରିଥିଲେ। ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ତାଙ୍କ ଜେଜେବାପା ବିନାୟକ ଦାମୋଦର ସାବରକରଙ୍କୁ ଗାନ୍ଧୀହତ୍ୟା ମାମଲାର ଅଭିଯୁକ୍ତ କରାଯାଇଥିଲା। ସତ୍ୟକୀ ଏକଥା ମଧ୍ୟ ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ନାଥୁରାମ ଗୋଡ଼ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର (ଆରଏସ୍‌ଏସ୍) ସକ୍ରୀୟ ସଦସ୍ୟ ଥିଲେ।

ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରଠାରୁ ନାଥୁରାମ ଗୋଡ଼ସେଙ୍କ ବୈଚାରିକ ପୃଷ୍ଠଭୂମିକୁ ନେଇ ଦୀର୍ଘବର୍ଷ ହେଲା ବିମର୍ଷ ଚାଲିଥିବା ବେଳେ ସାତ୍ୟକୀ ସାବରକରଙ୍କ ଏହି ସ୍ୱୀକାରୋକ୍ତି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ଗାନ୍ଧୀଙ୍କ ହତ୍ୟା ପରଠାରୁ ଗୋଡ଼ସେଙ୍କ ସଂଘ ସହ ସମ୍ପର୍କକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିଲା। ଅଦାଲତରେ ଜେରା ବେଳେ ଏହି ବିଶୟ ସାମନାକୁ ଆସିବା ପରେ ମାମଲା ଅଧିକ ସମ୍ବେଦନଶୀଳ ପାଲଟି ଯାଇଛି। ସଂଘର ଦ୍ୱୀତୀୟ ସରସଂଘ ଚାଳକ ଗୋଲବଲକର ଏବଂ ଦିଗମ୍ବର ବଡ଼ଗେ ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ଥିଲେ କି ନାହିଁ ସେ ବାବଦରେ ସାତ୍ୟକୀ ଜାଣିନାହାଁନ୍ତି ବୋଲି କହିଥିଲେ। ଜେରା ବେଳେ ସାତ୍ୟକୀ କହିଥିଲେ ଯେ ନାଥୁରାମଙ୍କ ଗୁଳିମାଡ଼ ପରେ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ଗାନ୍ଧୀ ଘଟଣା ସ୍ଥଳରେ ପଡ଼ି ରହିଥିଲେ। ଏପରିକି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଥିଲା। ଏହା ତତ୍‌କାଳୀନ ସରକାରଙ୍କର ଗାନ୍ଧୀଙ୍କ ପ୍ରତି ଉଦାସୀନତା ବୋଲି କହିଥିଲେ ସାତ୍ୟକୀ। ସାତ୍ୟକୀଙ୍କ ଏହି ବୟାନ ସମ୍ବେଦନଶୀଳ ଏବଂ ଏହାର ପ୍ରାସଙ୍ଗିକତା ଉପରେ ମଧ୍ୟ ବିଚାର କରାଯାଇପାରେ। ଗାନ୍ଧୀଙ୍କ ହତ୍ୟାର ତୁରନ୍ତ ବାଦ୍ ତାଙ୍କୁ କେତେ ଶୀଘ୍ର ଚିକିତ୍ସା କରାଯାଇଥିଲା; ଘଟଣାସ୍ଥଳରେ ଉପସ୍ଥିତ ଲୋକେ କ'ଣ ପ୍ରତିକ୍ରିୟା ଦେଇଥିଲେ ସେ ସବୁ ତଥ୍ୟ ଇତିହାସର ଘଟଣାକ୍ରମରେ ଲିପିବଦ୍ଧ ରହିଛି। କିନ୍ତୁ ଅଦାଲତରେ ଦିଆଯାଇଥିବା ବୟାନକୁ ଅନ୍ତିମ ନ୍ୟାୟିକ ନିଷ୍କର୍ଷ ବୋଲି ସେ ପର୍ଯ୍ୟନ୍ତ ଗ୍ରହଣ କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଅଦାଲତ ନିଜର ରାୟ ଶୁଣାଇ ନାହାଁନ୍ତି।



ଜେରାବେଳେ ବିନାୟକ ଦାମୋଦର ସାବରକରଙ୍କ ରାଜନୈତିକ ଜୀବନ ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ପଚାରା ଯାଇଥିଲା। ଉତ୍ତରରେ ସତ୍ୟକୀ କହିଥିଲେ ଯେ ୧୯୨୪ରେ ବ୍ରିଟିଶ ସରକାରଙ୍କୁ କ୍ଷମା ଯାଚନା କରି ଜେଲରୁ ମୁକୁଳିବା ପରେ ବିନାୟକ ଦାମୋଦର ସାବରକର ରାଜନୀତିରେ ସକ୍ରିୟ ହୋଇଥିଲେ ଏବଂ ୧୯୩୭ରୁ ୧୯୪୩ରେ ସେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଥିଲେ। ବିନାୟକ ଦାମୋଦର ସାବରକର ଭାରତୀୟ ରାଜନୈତିକ ଇତିହାସର ସବୁଠାରୁ ବିବାଦୀୟ ଏବଂ ପ୍ରଭାବଶାଳୀ ରାଜନୈତିକ ବିଚାରକ ମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ସମର୍ଥକ ମାନେ ତାଙ୍କୁ ରାଷ୍ଟ୍ରବାଦୀ ବୋଲି ମାନୁଥିବା ବେଳେ ଆଲୋଚକମାନେ ତାଙ୍କ ବିଚାର ଓ ରାଜନୀତିର ଭିନ୍ନବ୍ୟାଖ୍ୟା କରିଥାନ୍ତି। ୨୦୨୩ରେ ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ଏକ ବୟାନର ପୃଷ୍ଠଭୂମୀରେ ସାତ୍ୟକୀ ସାବରକର ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ଦାଏର କରିଥିଲେ। ସାତ୍ୟକୀଙ୍କ ଅଭିଯୋଗ ଥିଲା ଯେ ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସାବରକରଙ୍କ ଲେଖା ସହ ଯୋଡି ହୋଇଥିବା ଏଭଳି କିଛି ବକ୍ତବ୍ୟ ଦେଇଛନ୍ତି ଯାହା ବାସ୍ତବରେ ବିନାୟକଙ୍କ ପ୍ରକାଶିତ ରଚନାର କୌଣସି ଅଂଶ ନୁହେଁ ବା ରାହୁଲଙ୍କ ବକ୍ତବ୍ୟ ନିରାଧାର ଅଟେ। ସାତ୍ୟକୀ ଅଭିଯୋଗ କରିଥିଲେ ଯେ ରାହୁଲଙ୍କ ବୟାନ ବିନାୟକ ଦାମୋଦର ସାବରକରଙ୍କ ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଛି। ଏପରିକି ରାହୁଲ ଐତିହାସିକ ତଥ୍ୟକୁ ଭୁଲଭାବେ ବ୍ୟାଖ୍ୟା କରିଛନ୍ତି। ସାତ୍ୟକୀଙ୍କ ଅଭିଯୋଗ ଆଧାରରେ ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ହୋଇଥିଲା। ସାତ୍ୟକୀ ଭାରତୀୟ ଦଣ୍ଡ ସଂହିତାର ଧାରା ୫୦୦ ଅନୁସାରେ ରାହୁଲଙ୍କୁ ଦୋଷି ସାବ୍ୟସ୍ତ କରାଯାଉ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୩୫୭ ଅନୁସାରେ ରାହୁଲ କ୍ଷତିପୁରଣ ପ୍ରଦାନ କରନ୍ତୁ ବୋଲି ମାମଲାରେ ଅଦାଲତଙ୍କୁ ନିବେଦନ କରିଥିଲେ।

ମାମଲାର ଶୁଣାଣୀ ଆରମ୍ଭ ହୋଇଛି ଓ ରାହୁଲଙ୍କ ଓକିଲ ସାତ୍ୟକୀଙ୍କୁ ଜେରା କରିଛନ୍ତି ଆହୁରି ମାମଲାର ଶୁଣାଣୀ ହେବ। ଉଭୟ ପକ୍ଷର ଓକିଲ ଉଭୟ ପକ୍ଷଙ୍କୁ ଜେରା କରିବେ। କିନ୍ତୁ ପ୍ରସଙ୍ଗ ହେଉଛି ମହାତ୍ମା ଗାନ୍ଧୀଙ୍କ ହତ୍ୟା ଭାରତ ଇତିହାସର ସବୁଠାରୁ ଦୁର୍ଭାଗ୍ୟପୁର୍ଣ୍ଣ ଏବଂ ସମ୍ବେଦନଶୀଳ ଘଟଣା ଅଟେ। ଅଦାଲତରେ ଜେରା ବେଳେ ଆହୁରି ଅନେକ କଥା ସ୍ପଷ୍ଟ ହୋଇଯିବ। କିନ୍ତୁ ଏକଥା ମଧ୍ୟ ଜରୁରୀ ଯେ ଐତିହାସିକ ଦାବି ଏବଂ ରାଜନୈତିକ ଅଭିଯୋଗକୁ ନ୍ୟାୟିକ ନିଷ୍କର୍ଷଠାରୁ ଅଲଗା ରଖାଯିବା ଆବଶ୍ୟକ।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍‌:୯୪୩୮୪୮୫୦୯୪

# ଗୁରୁ ଦିବସ : ଗୁରୁ-ଶିଷ୍ୟର ଗୁରୁତ୍ୱ

କାଳୀ ଦାସ



ପ୍ରତି ବର୍ଷ ସେପ୍ଟେମ୍ବର ପାଞ୍ଚ ତାରିଖ ରେ ଆମେ ଗୁରୁ ଦିବସ ପାଳନ କରିଥାଉ। ସେପ୍ଟେମ୍ବର ପାଞ୍ଚ ତାରିଖ ଦିନ ଆମର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜନ୍ମ ଦିବସ। ଡକ୍ଟର ରାଧାକୃଷ୍ଣ ଜଣେ ଆଦର୍ଶ ଶିକ୍ଷକ ଥିଲେ। ଡକ୍ଟର ରାଧାକୃଷ୍ଣ ଙ୍କ ଜନ୍ମ ଦିନ କୁ ଆମେ ଗୁରୁ ଦିବସ ରୂପେ ପାଳନ କରିଥାଉ।ଭାରତ ରେ ଗୁରୁ ଦିବସ ୧୯୬୨ ମସିଆ ରୁ ପାଳନ କରଯାଉଛି ଏବଂ ୧୯୯୪ ମସିଆ ଠାରୁ ବିଶ୍ୱ ରେ ଗୁରୁ ଦିବସ ପାଳନ କରାଯାଉଛି।

ଭାରତୀୟଙ୍କ ପାଇଁ ଗୁରୁଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ଆମ ଦେଶରେ ଗୁରୁ ଶିଷ୍ୟ ପରମ୍ପରା କେଉଁ ଆଦିମ କାଳ ରୁ ଚାଲିଛି।ଛାତ୍ର ଓ ଛାତ୍ରୀମାନେ ଗୁରୁଙ୍କ ଠାରୁ କେବଳ ଆନୁଷ୍ଠାନିକ ଶିକ୍ଷା ପାଇନଥାନ୍ତି ବରଂ ଆନୁଷ୍ଠାନିକ ଶିକ୍ଷା ସହିତ ଗୋଟିଏ ଭଲ ମଣିଷ ହେବା ର ପ୍ରେରଣା ମଧ୍ୟ ପାଇଥାନ୍ତି।

ଯେତେବେଳେ ବିଶ୍ୱ ସଭ୍ୟତା ର ଆଲୋକ ଠାରୁ ଦୂର ରେ ଥିଲା ସତେବଳ ଆମ ଦେଶ ରେ ଜ୍ଞାନ ର ଅନ୍ୱେଷଣ ରେ ମଣିଷ ବୁଲୁଥିଲେ। ଗୁରୁ ଶିଷ୍ୟ ପରମ୍ପରା, ରେ ଗୋଟିଏ ପିଢି ଅନ୍ୟ ପିଢି କୁ ଜ୍ଞାନ ଦେଇ ଚାଲିଥିଲେ। ଗୁରୁ ଶିଷ୍ୟଙ୍କୁ ନେଇ ଅନେକ କାହାଣୀ ରହିଛି। ଭଗବାନ ଯେତେବେଳେ ଅବତାର ନିଅନ୍ତି ସେତେବେଳେ ସିଏ ମଧ୍ୟ ଜ୍ଞାନ ପାଇଁ ଗୁରୁଙ୍କ ଶରଣ ରେ ଯାଇଥାନ୍ତି। ରାମଚନ୍ଦ୍ରଙ୍କୁ ଗୁରୁ ବଶିଷ୍ଟଙ୍କ ପାଖ ରୁ ଶିକ୍ଷା ମିଳିଥିଲା ସେହିପରି ଭଗବାନ ଶ୍ରୀ କୃଷ୍ଣ ଗୁରୁ ସନ୍ଦିପନିଙ୍କ ପାଖରୁ ଶିକ୍ଷା ପ୍ରାପ୍ତ କରିଥିଲେ।

ଗୁରୁଙ୍କ ବନ୍ଦନା କରି କୁହାଯାଏ " ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରୁବେ ନମହ"। ଜଣେ ଶିଶ୍ୟପାଇଁ ଗୁରୁ ହେଲେ ସବୁକିଛି ବ୍ରହ୍ମା ବି ବିଷ୍ଣୁ ବି ଏବଂ ମହେଶ୍ୱର ମଧ୍ୟ। ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏହି ୩ ଦେବତା ସୃଷ୍ଟି ସ୍ଥିତି ଓ ପ୍ରଳୟ କୁ ପ୍ରତିନିଧିତ୍ୱ କରନ୍ତି। ଇଂରାଜୀରେ ଗୁରୁଙ୍କ ବିଷୟ ରେ କୁହାଯାଏ " ଇ ସ୍ୱରବମଷରକ୍ସ ସସ୍ୱ ବ ଲକ୍ସସରଭୟ କ୍ଟଷସକ୍ଷକ୍ଟସ୍ୱକ୍ଟକ୍ଟଷରକ୍ସ ବଭୟ ଏଙ୍ଗସୟର" ଏହାର ଅର୍ଥ ହେଲା ଛାତ୍ର ପାଇଁ ଶିକ୍ଷକ ଜଣେ ବନ୍ଧୁ, ଜଣେ ଦାର୍ଶନିକ ଏବଂ ମାର୍ଗଦର୍ଶକ। ଭାରତ ର ପ୍ରାଚୀନ ପରମ୍ପରା ଗୁରୁ ଶିଷ୍ୟ ପରମ୍ପରା, ଏହା କୁ ବଞ୍ଚାଇ ରଖିବା ପାଇଁ ଆମେ ଗୁରୁ ଦିବସ ପାଳନ କରୁ।



ଗୁରୁ ଦିବସ ରେ ଆମେ ଗୁରୁଙ୍କ ସହିତ ଡକ୍ଟର ରାଧାକୃଷ୍ଣ ଙ୍କୁ ବି ମନେ ପକାଇଥାଉ।ସର୍ବାପଲ୍ଲୀ ରାଧାକୃଷ୍ଣ ଜଣେ ଶିକ୍ଷାବିତ, ଦାର୍ଶନୀକ ଓ ରାଜନୈତିଜ୍ଞ ଥିଲେ। ତାଙ୍କ ର ଅବଦାନ କୁ ମନେ ରଖିବା ପାଇଁ ଆମ ଦେଶ ରେ ସେପ୍ଟମ୍ବର ୫ କୁ ଗୁରୁ ଦିବସ ରୂପେ ପାଳନ କରାଯାଏ। ୧୯୧୯ ରେ ରାଧାକୃଷ୍ଣ ପ୍ରଥମେ ମାଦ୍ରାସ ଖ୍ରୀଷ୍ଟିୟାନ କଲେଜ ରେ ଆସିଷ୍ଟାଣ୍ଡ ପ୍ରଫେସର ରୂପେ କାର୍ଯ୍ୟରତ ଥିଲେ ସେହି କଲେଜ ରେ ସିଏ ଛାତ୍ର ଛାତ୍ରୀଙ୍କୁ ଫିଲୋସୋଫୀ ପଢାଉଥିଲେ। ତା ପରେ ମହିଶୁର କଲେଜ ରେ ଡକ୍ଟର ରାଧାକୃଷ୍ଣ ଛାତ୍ରଙ୍କୁ ଫିଲୋସୋଫୀ ପଢାଇଲେ। ରାଧାକୃଷ୍ଣ ଚିକାଗୋ ରେ ମଧ୍ୟ ନିଜ ଛାତ୍ର ଛାତ୍ରୀଙ୍କୁ ଫିଲୋସୋଫୀ ପଢାଇଥିଲେ।

ଗୁରୁ ଦିବସ ପ୍ରାୟ ସମସ୍ତ ଶିକ୍ଷା ଅନୁଷ୍ଠାନ ରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପାଳନ କରାଯାଇ ଥାଏ।ଛାତ୍ର ଛାତ୍ରୀ ମାନେ ବେଶ ଆକର୍ଷଣିୟ କରି ନିଜର ଶିକ୍ଷାଅନୁଷ୍ଠାନ କୁ ସଜାଇ ଥାନ୍ତି।ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀ ନିଜ ପ୍ରିୟ ଗୁରୁଜୀ ଏବଂ ଗୁରୁମାଙ୍କ ବିଷୟ ରେ ନିଜ ଭାଷଣ ରେ କହିଥାନ୍ତି। ଗୁରୁଙ୍କ ମହତ୍ୱ ବିଷୟ ରେ ମଧ୍ୟ କହିଥାନ୍ତି। ଗୁରୁ ଦିବସ ଦିନ କିଛି ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନାଚ ଗୀତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ। ଗୁରୁଙ୍କ ମହିମା ଉଚ୍ଚକୋଟିର ଏବଂ ଅତୁଳିନିଆ। ଗୁରୁଙ୍କ ଅବଦାନ କେତେକ ଛାତ୍ରଙ୍କ ଭବିଷ୍ୟତ ସୁଧାରିଛି। ଓଡିଶା ରେ ଗୋପବନ୍ଧୁଙ୍କର ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମଣିଷ ଗଢା କାରଖାନା ସତ୍ୟବାଦୀ ବନବିଦ୍ୟାଳୟ ଗୋଟିଏ ଉଦାହାରଣ କହିଲେ ଭୁଲ ହେବନି।

କିନ୍ତୁ ଆଜି ର ଶିକ୍ଷା ଅନୁଷ୍ଠାନ ଓ ଶିକ୍ଷା ପଦ୍ଧତି ଆମର ପୁରୁଣା ମୂଲ୍ୟବୋଧ କୁ ରଖିପାରିନି। ଆଜି ର ଶିକ୍ଷା ବ୍ୟୟ ବହୁଳ। ଶିକ୍ଷା ଅନୁଷ୍ଠାନ ଗୁଡିକ ଶିକ୍ଷା ସହିତ ଉନ୍ନତ ମୂଲ୍ୟବୋଧ ଦେବାପାଇଁ ଅକ୍ଷମ। ବେଳେ ବେଳେ ଶିକ୍ଷକଙ୍କ ନା ରେ ନିର୍ଯ୍ୟାତନ ର ଅଭିଯୋଗ ହେଉଛି। ଶିକ୍ଷକ ମାନେ ପ୍ରାୟ ତାଙ୍କ ଆଦର୍ଶ ଛାଡିଦେଲେଣି। ଗୋଟିଏ ଆଦର୍ଶ ଶିକ୍ଷକ ଅନେକ ଆଦର୍ଶ ଛାତ୍ର ସୃଷ୍ଟି କରିପାରିବ ଏବଂ ଗୋଟିଏ ଆଦର୍ଶ ସମାଜ ଗଢିପାରିବ ଯାହା ଆଜି ଅସମ୍ଭବ ମନେହେଉଛି। ଦିନ ଥିଲା କୃଷ୍ଣ ଆଉ ସୁଦାମା ଗୋଟିଏ ଜାଗା ରେ ପାଠ ପଢିପାରୁଥିଲେ। ଦ୍ରୋଣାଚାର୍ଯ୍ୟ ଓ ଦ୍ରୁପଦ ଗୋଟିଏ ଗୁରୁକୁଳ ରେ ପାଠ ପଢୁଥିଲେ ଯାହା ଆଜି ଅସମ୍ଭବ ମନେହେଉଛି। ଆମକୁ ଆମର ଶିକ୍ଷା ର ମାନଦଣ୍ଡ ବଢାଇବାକୁ ପଡ଼ିବ ଯଦି ଆମେ ଏକ ସୁସ୍ଥ ସମାଜ ଗଢିବା ପାଇଁ ଚାହୁଁ ଏହା ପାଇଁ ଆମେ ସମସ୍ତେ ସଜାଗ ହେବା ଉଚିତ। ଆମ ସମସ୍ତଙ୍କ ପାଇଁ ଅପରାଧ ମୁକ୍ତ ସମାଜ ଟିଏ ଦରକାର। ଏହା ଆମକୁ ଆମ ଶିକ୍ଷା ଅନୁଷ୍ଠାନ ହିଁ ଦେଇପାରିବ। ସବୁ ଶିଶୁଙ୍କ ଭବିଷ୍ୟତ ଶିକ୍ଷା ଅନୁଷ୍ଠାନ ରେ ତିଆରି ହୋଇଥାଏ, ତେଣୁ ଶିକ୍ଷକ ଓ ଶିକ୍ଷାଅନୁଷ୍ଠାନ ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମାନଙ୍କୁ ତାଲିମ ଦେବା ବେଳେ ଶିକ୍ଷକଙ୍କ ପାଠ୍ୟକ୍ରମ ଏପରି ହେବା କଥା ଯାହା ଦ୍ୱାରା ଏକ ଆଦର୍ଶ ଶିକ୍ଷକ ତିଆରି କରାଯାଇପାରିବ। ଆଜିର ବିଶ୍ୱ ପାଇଁ ତ୍ୟାଗ, ବଳିଦାନ ପରୋପକାର ର ଦରକାର ରହିଛି। କେବଳ ଜଣେ ଆଦର୍ଶ ଶିକ୍ଷକ ସମାଜ ରେ ବ୍ୟାପୁ ଥିବା ଅସମାଜିକ ତତ୍ୱ ଉପରେ ଆଙ୍କୁଶ ଲଗାଇପାରିବ। ଶିଶୁଙ୍କୁ ମଣିଷ ପଣିଆ ର ଶିକ୍ଷା ଦେଇପାରିବ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,

## ନାଁ ନନେଇ ପାକ୍‌କୁ ଟାର୍ଗେଟ୍ କଲେ ପ୍ରଧାନମନ୍ତ୍ରୀ

# ଆତଙ୍କବାଦୀ ଇକୋସିଷ୍ଟମ ଭାଙ୍ଗିବାକୁ ଆହ୍ୱାନ



ବିଶକେକ, ୧୯ଃ କିର୍ଗିଜସ୍ତାନର ବିଶକେକରେ ଅନୁଷ୍ଠିତ ୨୬ତମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନ ଉପରେ ଏକ ବଡ଼ ପ୍ରହାର କରିଛନ୍ତି। ଆତଙ୍କବାଦ ପ୍ରସଙ୍ଗରେ ଏକ କଡ଼ା ବାର୍ତ୍ତା ଦେଇ ସେ ମଙ୍ଗଳବାର ଦିନ ସମଗ୍ର ଆତଙ୍କବାଦୀ ଇକୋସିଷ୍ଟମକୁ ଭାଙ୍ଗିବାକୁ ଆହ୍ୱାନ ଦେଇ କହିଛନ୍ତି ଯେ, ଦ୍ୱୈତ ମାନଦଣ୍ଡ ପାଇଁ କୌଣସି ସ୍ଥାନ ରହିପାରିବ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଏହି କଡ଼ା ମନ୍ତବ୍ୟ ଏକ ଗୋଲଟେବୁଲ ଆଲୋଚନା ସମୟରେ ଆସିଥିଲା ଯେଉଁଥିରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ଅନ୍ୟାନ୍ୟ ଏସସିଓ ନେତାମାନେ ମଧ୍ୟ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆମକୁ ଏକ ସ୍ୱରରେ କହିବାକୁ ପଡ଼ିବ ଯେ ଏହି ଗମ୍ଭୀର ପ୍ରସଙ୍ଗରେ ଦ୍ୱୈତ ମାନଦଣ୍ଡ ପାଇଁ କୌଣସି ସ୍ଥାନ ନାହିଁ। ଯେଉଁ ଦେଶମାନେ ଆତଙ୍କବାଦକୁ ସେମାନଙ୍କର ନୀତିର ଉପକରଣ ଭାବରେ ବ୍ୟବହାର କରୁଛନ୍ତି ଓ ଆତଙ୍କବାଦୀଙ୍କୁ ଆଶ୍ରୟ ତଥା ସମର୍ଥନ କରୁଛନ୍ତି, ସେମାନଙ୍କୁ ଏକ କଡ଼ା ବାର୍ତ୍ତା ଦେବାକୁ ପଡ଼ିବ। ଆତଙ୍କବାଦ କାହା ପାଇଁ ଏକ ରଣନୈତିକ ସମ୍ପତ୍ତି ହୋଇପାରିବ ନାହିଁ। ଆମକୁ ଆତଙ୍କବାଦର ସମ୍ପୂର୍ଣ୍ଣ ଇକୋସିଷ୍ଟମକୁ ଦୂର କରିବାକୁ ପଡ଼ିବ। ଏହାର ପାଣ୍ଠି, ନିଯୁକ୍ତି, ମୌଳବାଦୀକରଣ ଓ ନିରାପଦ ଆଶ୍ରୟସ୍ଥଳ ଆଦି ସବୁକିଛି। ଆତଙ୍କବାଦ ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ଏସସିଓ ପାଇଁ ଭାରତୀୟ ଦୃଷ୍ଟିକୋଣର ତିନୋଟି ମୁଖ୍ୟ ସ୍ତମ୍ଭ, ଯଥା- ସୁରକ୍ଷା, ସଂଯୋଗୀକରଣ ଓ ସୁଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ବ୍ରିକ୍ସ ପୂର୍ବରୁ ମୋଦି-ପୁଟିନ-ଜିନପିଙ୍ଗ୍ ଭେଟ



ବିଶକେକ୍‌ରେ ଆୟୋଜିତ ୨୬ତମ ଏସ୍‌ସିଓ ଶିଖର ସମ୍ମିଳନୀରେ ଚୀନ୍, ରୁଷ୍ ଓ ଭାରତ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏ ହେଉଛନ୍ତି ସେହି ୩ ସୁପର ପାୱାର ଦେଶ, ଯାହାକି ଆମେରିକାର ବି ଚିନ୍ତାର କାରଣ ପାଲଟିଛନ୍ତି। କିର୍ଗିଜସ୍ତାନରେ ୩ ଦେଶର ଟପ୍ ଲିଡର ଗୋଟିଏ ଛାତ ତଳେ ଏକାଠି ହୋଇଥିବାର ଫଟୋ ଓ ଭିଡିଓ ଏବେ ସାମନାକୁ ଆସିଛି। ଗୋଟିଏ ପଟେ ଆସୁଛନ୍ତି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ। ତାଙ୍କ ଆଗରେ ଠିଆ ହୋଇଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସାମ୍ନା ସାମ୍ନି ହେବା ବେଳେ ନିଜର ପୁରୁଣା ବନ୍ଧୁଙ୍କୁ ଦେଖି ହସିବା ସହ ମୋଦି ପ୍ରଥମେ ପୁଟିନ୍ ଓ ପରେ ଜିନପିଙ୍ଗଙ୍କ ହାତ ଧରି ନିଅନ୍ତି। ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ତିନି ନେତାଙ୍କର ଏହି ସାକ୍ଷାତକୁ ବିଶ୍ୱ ରାଜନୈତିକ ପ୍ରେକ୍ଷାପଟରେ ଖୁବ୍ ମହତ୍ୱ ରଖିଛି।

## ଫ୍ରେମ୍‌ରୁ ମୋଦିଙ୍କ ଫଟୋକୁ ହଟାଇଲା ପାକିସ୍ତାନ



ତୁଚ୍ଛ ମାନସିକତା ଓ ହାସ୍ୟାସ୍ପଦ କାର୍ଯ୍ୟ ପାଇଁ ଅନ୍ତର୍ଜାତୀୟସ୍ତରରେ ସବୁବେଳେ ଅପମାନିତ ହୋଇ ଆସିଥିବା ପାକିସ୍ତାନ ପୁଣି ଥରେ ନିଜର ପ୍ରକୃତ ପରିଚୟ ଦେଇଛି। ଏସସିଓ ସମ୍ମିଳନୀରେ ବିଶ୍ୱ ନେତାଙ୍କ ଫଟୋକୁ ଅପ୍‌ଲୋଡ୍ କଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଫଟୋକୁ କ୍ରପ୍ କରି ଅପଲୋଡ୍ କରାଯାଇଛି। ତାହା ପୁଣି ପାକିସ୍ତାନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ। ପାକିସ୍ତାନ ପୋଷ୍ଟ କରିଥିବା ଫଟୋରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଇରାନ୍‌ର ରାଷ୍ଟ୍ରପତି ମାସୁଦ୍ ପେଜେଶକିଆନ୍ ଓ ଅନ୍ୟ କିଛି ନେତାଙ୍କୁ ଫ୍ରେମ୍‌ରୁ ବାଦ୍ ଦିଆଯାଇଥିବା କୁହାଯାଉଛି। କ୍ରପ୍ ହୋଇଥିବା ଫଟୋରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଝିରେ ଥିବା ଭଳି ଦେଖାଯାଉଛି। ଏହାକୁ ନେଇ ସୋସିଆଲ ମିଡିଆରେ ପ୍ରତିକ୍ରିୟା ଆସିବା ପରେ ଶେହବାଜ ଶରିଫ୍ ନିଜ ବ୍ୟକ୍ତିଗତ ଏକ୍ସ ଆକାଉଣ୍ଟରେ ପରେ ସମ୍ପୂର୍ଣ୍ଣ ଗ୍ରୁପ୍ ଫଟୋ ପୋଷ୍ଟ କରିଛନ୍ତି।

# ମହିଳା ବିଚାରପତି ବି ଯୌନ ଶୋଷଣର ଶିକାର

## ବରିଷ୍ଠ ଆଇନଜୀବୀଙ୍କ ଚାଞ୍ଚଲ୍ୟକର ଦାବି



ନୂଆଦିଲ୍ଲୀ, ୧୯ଃ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂହ ନ୍ୟାୟପାଳିକାରେ ଯୌନ ନିର୍ଯ୍ୟାତନା ସମ୍ପର୍କରେ ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି। ତାଙ୍କ ମତରେ ନ୍ୟାୟପାଳିକାରେ ମହିଳା ବିଚାରପତିଙ୍କ ଯୌନ ନିର୍ଯାତନା ଏକ ଅନ୍ଧାରୀ ରହସ୍ୟ ଯାହା ବିଷୟରେ କେହି କଥା ହେବାକୁ ଚାହାନ୍ତି ନାହିଁ। ସେ ଅଭିଯୋଗ କରିଛନ୍ତି, ଅନେକ ମହିଳା ବିଚାରପତି ଏହି ସମସ୍ୟାରେ ପୀଡ଼ିତ। ଏହି ପରିସ୍ଥିତି ପାଇଁ ସେ ସିଧାସଳଖ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଉପରେ ଆଙ୍ଗୁଠି ଉଠାଇଛନ୍ତି। ଇନ୍ଦିରା ଜୟସିଂହ କହିଛନ୍ତି, ଅନେକ ମହିଳା ବିଚାରପତି ତାଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କର ପୁରୁଷ ସହକର୍ମୀମାନେ ସେମାନଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି। ଜଣେ ମହିଳା ବିଚାରପତି ଜଣେ ପୁରୁଷ ବିଚାରପତିଙ୍କ ଦ୍ୱାରା ବରାଦ୍ କରାଯାଇଥିବା କାର୍ଯ୍ୟ କରିବାକୁ ମନା କରିବାରୁ ସେ ଚାକିରି ହରାଇଥିବାର ମଧ୍ୟ ରିପୋର୍ଟ ହୋଇଛି। ଇନ୍ଦିରା ଜୟସିଂହଙ୍କ ଅନୁଯାୟୀ, ମୋର ଅଭିଜ୍ଞତା ମଧ୍ୟରେ ମୁଁ ଅନେକ ମହିଳା ବିଚାରପତିଙ୍କ ସାମ୍ନା କରିଛି। ମୁଁ ଅନେକ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ କରିଛି। ସେସବୁ ମହିଳା ବିଚାରପତିମାନେ ପୁରୁଷ ବିଚାରପତିଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ନେଇ ମୋ ପାଖକୁ ଆସିଛନ୍ତି, ସେଥିପାଇଁ ମୁଁ ମୋ ପୁସ୍ତକରେ ଲେଖିଥିଲି ଯେ ଭାରତୀୟ ନ୍ୟାୟପାଳିକାରେ ଯୌନ ନିର୍ଯାତନା ଏକ ଲଜ୍ଜାଜନକ ରହସ୍ୟ। ଏହା ବିଷୟରେ କେହି କଥା ହେବାକୁ ଚାହାନ୍ତି ନାହିଁ।

## ମହୁଆ ମୋଇତ୍ରଙ୍କ ସୁରକ୍ଷା ବଢ଼ିବ



କୋଲକାତା, ୧୯ : ତୃଣମୂଳ କଂଗ୍ରେସ ନେତା ଏବଂ କୃଷ୍ଣନଗରରୁ ସାଂସଦ ମହୁଆ ମୋଇତ୍ରଙ୍କ ସୁରକ୍ଷାକୁ ନେଇ କୋଲକାତା ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି। ଅଦାଲତ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି କି ମହୁଆ ମୋଇତ୍ରଙ୍କ ବର୍ତ୍ତମାନର ବ୍ୟକ୍ତିଗତ ସୁରକ୍ଷା ବ୍ୟତୀତ ତାଙ୍କୁ ଆଉ ଦୁଇ ଜଣ ପୋଲିସ ସୁରକ୍ଷା କର୍ମୀ ଯୋଗାଇ ଦିଆଯିବ। ସାଂସଦ ମହୁଆ ମୋଇତ୍ର ନିଜ ସଂସଦୀୟ କ୍ଷେତ୍ରରେ କାମ କରିବା ସମୟରେ ଆସୁଥିବା ଅସୁବିଧା ଏବଂ ସୁରକ୍ଷାକୁ ନେଇ କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗ ଥିଲା କି କୃଷ୍ଣନଗର ଲୋକସଭାରେ ତାଙ୍କୁ ବାରମ୍ବାର ବିଜେପିର କାର୍ଯ୍ୟକର୍ତ୍ତା ଏବଂ ସମର୍ଥକଙ୍କ ବିରୋଧ ଏବଂ ଆକ୍ରମଣର ସାମ୍ନା କରିବାକୁ ପଡୁଛି। ଏହି କାରଣରୁ ତାଙ୍କୁ ନିଜ ସଂସଦୀୟ କ୍ଷେତ୍ରରେ କାମ କରିବାରେ ଅନେକ ପ୍ରତିବନ୍ଧକ ଆସୁଛି। ଏହି ମାମମଲାର ଶୁଣାଣି କରି ଜଷ୍ଟିସ ସୌଗତ ଭଟ୍ଟାଚାର୍ଯ୍ୟଙ୍କ ସିଙ୍ଗଲ୍ ବେଞ୍ଚ କୃଷ୍ଣନଗର ଜିଲ୍ଲାର ଏସପିଙ୍କୁ ସାଂସଦଙ୍କ ସୁରକ୍ଷା ବଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନେପାଳରୁ ଭାସି ଆସୁଛି ବିରାଟକାୟ ମାଛ



ନୂଆଦିଲ୍ଲୀ, ୧୯ଃ ନେପାଳରେ ବନ୍ୟାର ତାଣ୍ଡବ। ହେଲେ ବିହାରରେ ନଦୀ କୂଳରେ ମିଳିଲା 'ଜଳଦାନବ'! ମାଛ ଧରିବାକୁ ଲୋକଙ୍କ ଭିଡ଼, ଜାଲ ପକାଇବାକୁ ଲାଗିଲା ପ୍ରତିଯୋଗିତା। କାରଣ ଯେଉଁ ମାଛ ଜାଲରେ ପଡୁଛି, ତାହାର ଆକାର ଦେଖି ଲୋକେ ବି ଚକିତ! ୧୦୦ରୁ ୧୫୦ କିଲୋ ଓଜନର ମାଛ ଭାସି ଆସିଥିବା ଦାବି କରାଯାଉଛି। ବନ୍ୟା ଆଣିଲା ବିପଦ। ହେଲେ ନଦୀ କୂଳରେ ମିଳିଲା ଏମିତି ଆଶ୍ଚର୍ଯ୍ୟ, ଯାହା ଦେଖି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ବଢ଼ିଲା। ନେପାଳରେ ପ୍ରଳୟଙ୍କାରୀ ବନ୍ୟା ପରେ ଏବେ ବିହାରର ଗଣ୍ଡକ ନଦୀରେ ଭାସି ଆସୁଛି ବିଶାଳକାୟ ମାଛ। ନଦୀ କୂଳରେ ମାଛ ଧରିବାକୁ ଲାଗିଛି ଲୋକଙ୍କ ଭିଡ଼। କିଏ ଜାଲ ପକାଉଛି, ତ କିଏ ମୋବାଇଲ୍‌ରେ ଭିଡିଓ କରିବାରେ ବ୍ୟସ୍ତ। ନେପାଳର ବନ୍ୟା ବିହାରର ମତ୍ସ୍ୟଜୀବୀଙ୍କ ପାଇଁ ଯେପରି ନେଇଆସିଛି ଏକ ଅଜବ ସରପ୍ରାଇଜ୍।

## ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣ

ଗୋଆ, ୧୯ଃ ଆକାଶ ମାର୍ଗରେ ବିମାନର ଗୋଟିଏ ଇଞ୍ଜିନ୍ ଅଚଳ ହୋଇପଡ଼ିବାରୁ ମଙ୍ଗଳବାର ସକାଳେ ଗୋଆରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନ ଗୋଆ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ଇଣ୍ଡିଗୋର '୬-ଇ-୨୧୦୨' ବିମାନଟି ସକାଳ ୯ଟା ୧୬ ମିନିଟରେ ଗୋଆରୁ ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହାପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି) ପକ୍ଷରୁ ସକାଳ ପ୍ରାୟ ୯ଟା ୩୦ରେ ସମ୍ପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇ ବିମାନଟିକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଟ୍ରକକୁ ପିଟିଲା ପିକ୍ ଅପ୍, ୬ ମୃତ

ଜୟପୁର, ୧୯ଃ ହରିୟାଣାର କେଏମପି ଏକ୍ସପ୍ରେସ ୱେରେ ଟ୍ରକକୁ ଧକ୍କା ଗୋଟିଏ ପିକ୍ ଅପ୍ ଭ୍ୟାନ ଧକା ଦେବାରୁ ୬ ଜଣଙ୍କର ମୃତ୍ୟୁ ଘଟିଛି। ରିପୋର୍ଟ ଅନୁସାରେ, ଶ୍ରଦ୍ଧାଳୁଙ୍କ ଏକ ଦଳ ରାଜସ୍ଥାନରେ ଥିବା ବିଭିନ୍ନ ଧାର୍ମିକ ସ୍ଥଳ ଦର୍ଶନ କରି ବୃନ୍ଦାବନ ଫେରୁଥିଲେ। ଏହି ସମୟରେ କେଏମପି ଏକ୍ସପ୍ରେସ୍ ୱେରେ ସେମାନଙ୍କ ପିକ୍ ଅପ୍ ଭ୍ୟାନ୍ ରାସ୍ତା କଡରେ ଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ୬ ଜଣ ପ୍ରାଣ ହରାଇଥିଲେ। ଏହାସହ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶ୍ରଦ୍ଧାଳୁମାନେ ଧାର୍ମିକ ଯାତ୍ରା ପାଇଁ ରାଜସ୍ଥାନ ଯାଇଥିଲେ। ସେଠାରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ଧାର୍ମିକସ୍ଥଳୀ ବୁଲି ବୃନ୍ଦାବନ ଫେରୁଥିଲେ। ମଙ୍ଗଳବାର ସକାଳେ ସେମାନଙ୍କ ଗାଡ଼ି ହରିୟାଣାର କେଏମପି ଏକ୍ସପ୍ରେସ ହୋଇ ପଲୱଲ ଆଡ଼କୁ ଯାଉଥିଲା। ଏହି ସମୟରେ ରାସ୍ତାକଡରେ ଠିଆ ହୋଇଥିବା ଏକ ଟ୍ରକକୁ ଏହା ଧକ୍କା ଦେଇଥିଲା।



# ଭାରତ ପାଇଁ ସହଜ ହେବନି ବ୍ରିକ୍ସ




## ଅନ୍ତରାୟ ସାଜିବ ଆମେରିକା ସହ ସମ୍ପର୍କ

ନୂଆଦିଲ୍ଲୀ, ୧୯ଃ ବ୍ରିକ୍ସ ଶିଖର ସମ୍ମିଳନୀରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହମତି ସୃଷ୍ଟି କରିବା ପାଇଁ ଭାରତ ବ୍ୟାପକ ପ୍ରୟାସ ଆରମ୍ଭ କରିଛି। ସମ୍ମିଳନୀ ଶେଷରେ ସବୁ ଦେଶର ସମ୍ମତିକ୍ରମେ ଏକ ସର୍ବସମ୍ମତ ଜଏଣ୍ଟ ଷ୍ଟେଟମେଣ୍ଟ ଜାରି କରିବାକୁ ଭାରତ ଚାହୁଁଥିବା ବେଳେ ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଓ ଆମେରିକା ସହ କୂଟନୈତିକ ସନ୍ତୁଳନ ରକ୍ଷା କରିବା ଏବେ ନୂଆଦିଲ୍ଲୀ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତ ନିଜ ଅଧ୍ୟକ୍ଷତାରେ ବ୍ରିକ୍ସକୁ ଆମେରିକା କିମ୍ବା ପାଶ୍ଚାତ୍ୟ ଦେଶଗୁଡ଼ିକ ବିରୋଧରେ କୌଣସି ଆକ୍ରମଣାତ୍ମକ ମଞ୍ଚ ଭାବେ ବ୍ୟବହାର କରିବାକୁ ଦେବାକୁ ଚାହୁଁନାହିଁ। ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ବ୍ରିକ୍ସ ମଞ୍ଚରୁ ଆମେରିକା ବିରୋଧରେ କୌଣସି ନିନ୍ଦା ପ୍ରସ୍ତାବ ଆସୁ ବୋଲି ପସନ୍ଦ କରୁନାହିଁ। ତେଣୁ ଜଏଣ୍ଟ ଷ୍ଟେଟମେଣ୍ଟରେ ବ୍ୟବହୃତ ହେବାକୁ ଥିବା ଶବ୍ଦାବଳୀ ଉପରେ ଭାରତ ବିଶେଷ ସତର୍କତା ଅବଲମ୍ବନ କରୁଛି। ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତିକୁ ନେଇ ଇରାନ ଏହି ବୈଠକରେ ଆମେରିକା ଓ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନକୁ କଠୋର ଭାଷାରେ ନିନ୍ଦା କରିବାକୁ ଦାବି କରିପାରେ। ଏଥିସହ ନିଜ ଆଞ୍ଚଳିକ ସୁରକ୍ଷା ପାଇଁ ଅନ୍ୟ ସଦସ୍ୟ ଦେଶଙ୍କ ସମର୍ଥନ ଲୋଡ଼ିପାରେ। ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ନିଜ ନିଜ ମଧ୍ୟରେ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମାଇ ସ୍ଥାନୀୟ ମୁଦ୍ରାରେ ବ୍ୟାପାର ବୃଦ୍ଧି କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡଲାରକୁ ଦୁର୍ବଳ କରୁଥିବା କୌଣସି ପଦକ୍ଷେପରୁ ବ୍ରିକ୍ସ ଦେଶଗୁଡ଼ିକ ଦୂରେଇ ରହିବା ଉଚିତ ବୋଲି ପୂର୍ବରୁ ଚେତାବନୀ ଦେଇସାରିଛନ୍ତି।

## ଜିଡିପି ବଢୁଛି, ଅଥଚ ଟଙ୍କାର ମୂଲ୍ୟ ୧୦୦

ଚିକାଗୋ, ୧୯ଃ ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିତ୍ରୋଡା ଭାରତୀୟ ଅର୍ଥନୀତି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ନେତା ମୋହନ ଭାଗବତଙ୍କ ସାମ୍ପ୍ରତିକ ବୟାନ, ହଲଦ୍ୱାନୀ ଶୁଦ୍ଧିକରଣ ଓ ଦିମାଗି ନକ୍ସଲ ପ୍ରସଙ୍ଗକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି। ପିତ୍ରୋଡା ଜିଡିପି ଅଭିବୃଦ୍ଧି ଉପରେ ପ୍ରଶ୍ନ ଉଠାଇଛନ୍ତି। ନ୍ୟୁୟର୍କରେ ଭାଗବତଙ୍କ ମନ୍ତବ୍ୟ ଉପରେ ସେ କହିଛନ୍ତି ଯେ ଆପଣ ଯାହା କହୁଛନ୍ତି ତାହା ବୁଝନ୍ତି ନାହିଁ ଓ ଯାହା କହିବାର ଅଛି ତାହା କୁହନ୍ତି ନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିମାଗି ନକ୍ସଲ ମନ୍ତବ୍ୟ ଉପରେ ପିତ୍ରୋଡା କହିଛନ୍ତି, ଯଦି ଆପଣ ଗରିବଙ୍କ ପାଇଁ ଠିଆ ହୁଅନ୍ତି, ତେବେ ଆପଣ ନକ୍ସଲ ନୁହନ୍ତି। ଯଦି ଆପଣ ଦଳିତ କିମ୍ବା ସଂଖ୍ୟାଲଘୁଙ୍କ ପାଇଁ ଠିଆ ହୁଅନ୍ତି, ତେବେ ଆପଣ ନକ୍ସଲବାଦୀ କିମ୍ବା କମ୍ୟୁନିଷ୍ଟ ନୁହନ୍ତି। ମୁଁ ମାନବତାକୁ ସବୁକିଛି ଉପରେ ରଖିଥାଏ। ପ୍ରଥମ ତ୍ରୈମାସିକରେ ଭାରତର ୭.୮% ଜିଡିପି ଅଭିବୃଦ୍ଧି ଉପରେ ମତାମତ ଦେଇ, ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସର ଅଧ୍ୟକ୍ଷ ସାମ୍ ପିତ୍ରୋଡା ଚିକାଗୋରେ କହିଛନ୍ତି, ଆଜି ଟଙ୍କା ପ୍ରାୟ ୧୦୦ ପାଖାପାଖି ପହଞ୍ଚିଛି, ଏବଂ ମୋ ପାଇଁ ଏହା ଏକ ସୂଚକ। ଦ୍ୱିତୀୟ ପ୍ରଶ୍ନ ହେଉଛି ଏହା କି ପ୍ରକାରର ଅଭିବୃଦ୍ଧି? ଏହା କ'ଣ କିଛି ଚୟନିତ ଲୋକଙ୍କ ପାଇଁ ନା ଭାରତର ଲୋକଙ୍କ ପାଇଁ? ଏହା କ'ଣ ସମାନ ଭାବରେ ବଣ୍ଟନ କରାଯାଉଛି? ଲାଭ କ'ଣ ତଳସ୍ତରକୁ ପହଞ୍ଚୁଛି, ନା ଆମେ ଆଉ କିଛି କୋଟିପତି ସୃଷ୍ଟି କରିଛୁ? ମୋ ପାଇଁ, ଏହା ଏକ ମୌଳିକ ପ୍ରଶ୍ନ।

## ମମତା ବାନାର୍ଜୀଙ୍କ ଝିଆରୀଙ୍କ ଆତ୍ମହତ୍ୟା

କୋଲକାତା, ୧୯ଃ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କ ଝିଆରୀ ବ୍ରିଷ୍ଟି ମୁଖାର୍ଜୀଙ୍କ ରହସ୍ୟମୟ ଭାବେ ମୃତ୍ୟୁ ହୋଇଛି। ବୀରଭୂମିର ରାମପୁରହାଟର କୁସୁମ୍ବା ଗାଁରେ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର କରାଯାଇଛି। ସେ ମମତାଙ୍କ ସମ୍ପର୍କୀୟ ଭାଇ ନିହାରରଞ୍ଜନ ମୁଖାର୍ଜୀଙ୍କ ଝିଅ। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଘରର ଦ୍ୱିତୀୟ ମହଲାର ଏକ କୋଠରୀରେ ବୃଷ୍ଟିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ସିଲିଂ ଫ୍ୟାନରେ ଧଳା ଧୋତି ବାନ୍ଧି ବୃଷ୍ଟି ନିଜକୁ ଫାଶୀ ଲଗାଇଥିବା ସନ୍ଦେହ କରାଯାଉଛି। ୨୦୨୩ ମାର୍ଚ୍ଚରେ କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶରେ, ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଯୋଗୁଁ ୨୬ହଜାର ଶିକ୍ଷକ ଓ ଅଣଶିକ୍ଷକଙ୍କ ଚାକିରି ଯାଇଥିଲା। ବ୍ରିଷ୍ଟି ମଧ୍ୟ ଚାକିରି ହରାଇଥିଲେ। ଅନ୍ୟପଟେ ତାଙ୍କ ଶ୍ୱଶୁର ଘର ଲୋକଙ୍କ ସହିତ ତାଙ୍କର ସମ୍ପର୍କ ମଧ୍ୟ ତିକ୍ତ ହେଉଥିଲା। ଏକ ଛାଡପତ୍ର ମାମଲା ଚାଲିଥିଲା। ସେ ନିଜର ଏକମାତ୍ର ସନ୍ତାନ ସହିତ ତାଙ୍କ ବାପାମାଙ୍କ ଘରେ ରହୁଥିଲେ। ସେ ମାନସିକ ଅବସାଦରେ ଥିଲେ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି।

## ପେପର ଲିକ୍ ଆନ୍ଦୋଳନକାରୀଙ୍କୁ ଆଶ୍ୱସ୍ତି

# ସମସ୍ତ ଏଫ୍‌ଆଇଆର୍ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯ଃ ପେପର ଲିକ୍ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ କରିଥିବା ଯୁବ ଆନ୍ଦୋଳନକାରୀଙ୍କୁ ବଡ଼ ଆଶ୍ୱସ୍ତି ଦେଲେ ସୁପ୍ରିମକୋର୍ଟ। ସର୍ବୋଚ୍ଚ ଅଦାଲତ ସେମାନଙ୍କ ବିରୋଧରେ ହୋଇଥିବା ସମସ୍ତ ମାମଲା ଖାରଜ କରିଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ନିଜର ଅସାଧାରଣ କ୍ଷମତା ପ୍ରୟୋଗ କରି କୋର୍ଟରେ ତାଲିକାଭୁକ୍ତ ଥିବା ସମସ୍ତ ଏଫ୍‌ଆଇଆରକୁ ବାତିଲ କରିଛନ୍ତି ସୁପ୍ରିମକୋର୍ଟ। ଜୁଲାଇ ୨୦ରୁ ୨୫ ମଧ୍ୟରେ କକ୍ରୋଚ୍ ଜନତା ପାର୍ଟି ନେତୃତ୍ୱରେ ହୋଇଥିବା ପେପର ଲିକ୍ ବିରୋଧୀ ଆନ୍ଦୋଳନ ସମୟର ଘଟଣାକୁ ନେଇ ଏହି ଏଫ୍‌ଆଇଆରଗୁଡ଼ିକ ରୁଜୁ ହୋଇଥିଲା। ମଙ୍ଗଳବାର ସୁପ୍ରିମକୋର୍ଟ ମାମଲାରେ ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ସମାନ ଘଟଣା ସମ୍ପର୍କିତ ଅନ୍ୟ କୌଣସି ଏଫ୍‌ଆଇଆର୍ ଯଦି କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି, ତେବେ ତାହାର ଆଉ ତଦନ୍ତ କିମ୍ବା ଆଇନଗତ ପ୍ରକ୍ରିୟା ଆଗକୁ ବଢ଼ାଯିବ ନାହିଁ। ଏହି ଏଫ୍‌ଆଇଆରଗୁଡ଼ିକୁ ସମସ୍ତ ଉଦ୍ଦେଶ୍ୟରେ ବନ୍ଦ ବୋଲି ବିବେଚନା କରାଯିବ। ପାଞ୍ଚଟି ରାଜ୍ୟ ପକ୍ଷରୁ ଦାଖଲ ଆବେଦନକୁ ଅନୁମୋଦନ କରି କୋର୍ଟ କହିଛନ୍ତି ଯେ, ଜୁଲାଇ ୨୦ରୁ ୨୬ ମଧ୍ୟରେ ଘଟିଥିବା ଘଟଣାକୁ ନେଇ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଆଉ ନୂଆ ଏଫ୍‌ଆଇଆର୍ ରୁଜୁ କରିପାରିବେ ନାହିଁ। କୋର୍ଟ କହିଛନ୍ତି, କେନ୍ଦ୍ର ଓ କିଛି ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିଆଧାର କରି ଅନୁଚ୍ଛେଦ ୧୪୨ର ଅସାଧାରଣ କ୍ଷମତା ପ୍ରୟୋଗ କରାଯାଇଛି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ନିଷ୍ଠାପୂର୍ବକ ଯୋଗ ଦେଇଥିବା ଯୁବ ପ୍ରତିବାଦକାରୀଙ୍କ ଭବିଷ୍ୟତକୁ ମଧ୍ୟ କୋର୍ଟ ବିଚାରକୁ ନେଇଛନ୍ତି।

# ରୁଷ୍ ସେନାରେ କାର୍ଯ୍ୟରତ ୫୧ ଭାରତୀୟ ନିହତ



ନୂଆଦିଲ୍ଲୀ, ୧୯ଃ ରୁଷ ସେନାରେ ନିଯୁକ୍ତି ପାଇଥିବା ୨୨୭ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ୫୧ ଜଣଙ୍କର ମୃତ୍ୟୁ ହୋଇଛି ଓ ୧୩୯ ଜଣଙ୍କୁ ଚାକିରିରୁ ସେବାମୁକ୍ତ କରାଯାଇଛି। ବୈଦେଶିକ ସଚିବ ବିକ୍ରମ ମିସ୍ରି ଏହି ସୂଚନା ପ୍ରଦାନ କରିଛନ୍ତି। ଯେଉଁ ଭାରତୀୟମାନେ ଏବେ ବି ରୁଷ ସେନାରେ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ପକ୍ଷରୁ ମସ୍କୋ ସହିତ ଆଲୋଚନା ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କିର୍ଗିଜସ୍ତାନ ଗସ୍ତ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ବ୍ରିଫିଂ ସମୟରେ ରୁଷ ସେନାରେ ଭାରତୀୟଙ୍କ ସେବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ମିସ୍ରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରୁଷ ସେନାରେ ଭାରତୀୟ ନିଯୁକ୍ତି ପ୍ରସଙ୍ଗ ବିଭିନ୍ନ ସମୟରେ ଏବଂ ବିଭିନ୍ନ ସ୍ତରରେ ରୁଷ ସହିତ ଉଠାଯାଇଛି ଓ ଆମେ ନିରନ୍ତର ଯୋଗାଯୋଗରେ ଅଛୁ।

## ନେପାଳ ବନ୍ୟାରେ ବାପା-ମା' ନିଖୋଜ

# ତଥାପି ନିଟ୍-ପିଜି ପରୀକ୍ଷା ଦେଲେ ଝିଅ




କାଠମାଣ୍ଡୁ, ୧୯ଃ ନେପାଳରେ ୨୦୨୬ ଅଗଷ୍ଟ ୨୬ ତାରିଖରେ ହୋଇଥିବା ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ବଡ଼ଧରଣର ଧ୍ୱଂସ ଘଟାଇଛି। ଏପର୍ଯ୍ୟନ୍ତ ୯୦୦ରୁ ଅଧିକ ଲୋକଙ୍କ ଶବ ଉଦ୍ଧାର କରାଯାଇଥିବା ବେଳେ ୩୦୦୦ରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି। ଏହି ନିଖୋଜ ବ୍ୟକ୍ତିମାନଙ୍କ ଭିତରେ ୨୪ ବର୍ଷୀୟା ନିଟ୍ ପିଜି ଛାତ୍ରୀ ତନଓ୍ୱୀଙ୍କ ବାପା-ମା' ମଧ୍ୟ ଅଛନ୍ତି। କୈଳାସ ଯାତ୍ରାକୁ ଯାଇଥିବା ତାଙ୍କ ବାପା-ମା'ଙ୍କର କୌଣସି ଖବର ମିଳିପାରି ନାହିଁ। ଏପରି କଠିନ ପରିସ୍ଥିତିରେ ମଧ୍ୟ ତନଓ୍ୱୀଙ୍କ ସାହସ ଓ ଦୃଢ଼ତା ସମସ୍ତଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ଇନଷ୍ଟାଗ୍ରାମରେ ନିଜର ଭାବବିହ୍ୱଳ କାହାଣୀ ସେୟାର କରି ତନଓ୍ୱୀ ଜଣାଇଛନ୍ତି ଯେ, ପରୀକ୍ଷା ଦେବାକୁ ଯିବାବେଳେ ତାଙ୍କ ହାତ କାମ୍ପୁଥିଲା। ଆଖିରୁ ଲୁହ ଥମୁ ନଥିଲା। ଲୁହ ଯୋଗୁଁ କମ୍ପ୍ୟୁଟର ସ୍କ୍ରିନ୍‌ରେ ମଧ୍ୟ ତାଙ୍କୁ ସବୁ ଅସ୍ପଷ୍ଟ ଦେଖାଯାଉଥିଲା। ତଥାପି ସେ ହାର ମାନି ନଥିଲେ। ନିଜ ବାପା-ମା'ଙ୍କ ପାଇଁ ନିଟ୍-ପିଜି ପରୀକ୍ଷା ଦେଇଥିଲେ। ତିନି ଘଣ୍ଟାର ପରୀକ୍ଷା ମଧ୍ୟରୁ ପ୍ରାୟ ଅଧା ସମୟ ସେ କେବଳ କାନ୍ଦିବାରେ କାଟିଥିଲେ। ସ୍କ୍ରିନ୍‌ରେ ଦେଖାଯାଉଥିବା ଆଡମିଟ୍ କାର୍ଡର ଫଟୋଟି ତାଙ୍କ ବାପା ହିଁ ଉଠାଇଥିଲେ। ପରୀକ୍ଷା ସମୟରେ ବାରମ୍ବାର ବାପା-ମା'ଙ୍କ କଥା ତାଙ୍କ ମନକୁ ଆସୁଥିଲା ବୋଲି ସେ କହିଛନ୍ତି। ନିଜର ଏଭଳି ସ୍ଥିତି ସତ୍ତ୍ୱେ ସେ କାହିଁକି ପରୀକ୍ଷା ଦେଲେ ସେ ସମ୍ପର୍କରେ ତନଓ୍ୱୀ କହିଛନ୍ତି, ମୋତେ କେବଳ ଏତିକି ଜଣାଥିଲା ଯେ, ମୋ ବାପା ଚାହୁଁଥିଲେ ମୁଁ ଏହି ପରୀକ୍ଷା ଦିଏ। ମୋତେ ମୋର ବାପା-ମା'ଙ୍କ ପାଇଁ ଏହା କରିବାକୁ ହିଁ ପଡ଼ିବ।

ତନଓ୍ୱୀଙ୍କ ମା' ଅନାଘା ଅନ୍ନମଦେବରା ଓ ବାପା ଭେଙ୍କଟରାମ ଅନ୍ନମଦେବରା ଅନ୍ୟ ୬୭ ଜଣଙ୍କ ସହ ଏକ ଗ୍ରୁପ୍‌ରେ କୈଳାସ ଯାତ୍ରାକୁ ବାହାରିଥିଲେ। ନେପାଳରେ ବିପର୍ଯ୍ୟୟ ପରଠାରୁ ଟ୍ରାଭେଲ୍ ଗ୍ରୁପ୍ କିମ୍ବା ଆୟୋଜକ ସଂସ୍ଥାର କୌଣସି ବ୍ୟକ୍ତିଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ବନ୍ୟା ଯୋଗୁଁ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାବେଳେ, ବାପା-ମା'ଙ୍କ ସୁରକ୍ଷିତ ଫେରିଆସିବେ ବୋଲି ତନଓ୍ୱୀ ଦୃଢ଼ ଆଶା ରଖିବାବା ସହ ସମସ୍ତଙ୍କଠାରୁ ପ୍ରାର୍ଥନା ଲୋଡ଼ିଛନ୍ତି।

କହିରଖୁ କି, ଦେଶର ୧,୧୧୧ଟି ପରୀକ୍ଷା କେନ୍ଦ୍ରରେ ଏମଡି-ଏମଏସ ଭଳି ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ କୋର୍ସରେ ନାମଲେଖା ପାଇଁ ଏହି ନିଟ୍-ପିଜି ପରୀକ୍ଷା ହୋଇଥିଲା। ୨.୬୩ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଏହି ପରୀକ୍ଷା ଏକ ସିଙ୍ଗଲ୍ ସିଫ୍ଟରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍ ପର୍ଯ୍ୟନ୍ତ କରାଯାଇଥିଲା। ତେବେ ଜୟପୁରର ସୀତାପୁରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଦୁଇଟି କେନ୍ଦ୍ରର ପରୀକ୍ଷା ବାତିଲ ହୋଇଥିବା ବେଳେ ତାହା ଆଗାମୀ ସେପ୍ଟେମ୍ବର ୫, ୨୦୨୬ରେ ହେବ।

# ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ

## ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ଜାରି



ଭୁବନେଶ୍ୱର,୧୯(ସଂଚାର ବ୍ୟୁରୋ): ରାଜ୍ୟରେ ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରିଲିଫ୍, ଉଦ୍ଧାର, ଜରୁରୀକାଳୀନ ପ୍ରତିକ୍ରିୟା ଓ ପୁନରୁଦ୍ଧାର କାର୍ଯ୍ୟ ସ୍ୱାଭାବିକ ଭାବେ ଜାରି ରହିଛି। ଅନେକ ସ୍ଥାନରେ ପରିସ୍ଥିତିରେ ସୁଧାର ଆସିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେତୁ ସ୍ଥାନୀୟ ସ୍ତରରେ ପ୍ରଭାବ ପଡ଼ିଛି। ତେବେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ପୂର୍ଣ୍ଣ ପ୍ରସ୍ତୁତି ବଜାୟ ରଖାଯାଇଛି ବୋଲି ଏସଆରସିଙ୍କ ପକ୍ଷରୁ କୁହାଯାଇଛି।

ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକର ୧୯ଟି ପଞ୍ଚାୟତ ଓ ୬୨ଟି ଗାଁ ପ୍ରଭାବିତ ହୋଇଛି। ମୋଟ ୭,୭୪୫ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ପାଇଁ ୨୨ଟି ରିଲିଫ୍ କ୍ୟାମ୍ପ କାର୍ଯ୍ୟକ୍ଷମ ରହିଛି। ମୟୂରଭଞ୍ଜର ୧୮ଟି ବ୍ଲକ, ୪୮ଟି ପଞ୍ଚାୟତ, ୮୪ଟି ଗାଁ ଏବଂ ବାରିପଦା ପୌରାଞ୍ଚଳର ୨ଟି ୱାର୍ଡ ପ୍ରଭାବିତ ହୋଇଛି। ମୋଟ ୨,୭୬୩ ଜଣ ପ୍ରଭାବିତ ହୋଇଥିବା ବେଳେ ୨,୦୭୬ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ୧୧ଟି ରିଲିଫ୍ କ୍ୟାମ୍ପ ଜରିଆରେ ସମସ୍ତ ୨,୦୭୬ ଜଣ ହିତାଧିକାରୀଙ୍କୁ ସାହାଯ୍ୟ ଯୋଗାଇ ଦିଆଯାଉଛି।

ରିଲିଫ୍ କ୍ୟାମ୍ପଗୁଡ଼ିକରେ ପାନୀୟ ଜଳ, ପରିଷ୍କାର-ପରିଚ୍ଛନ୍ନତା, ଆଲୋକ, ଚିକିତ୍ସା ସେବା ଓ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଶିଶୁ, ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜରେ ୨୨ଟି ଟିମ୍ ନିୟୋଜିତ ଅଛନ୍ତି। ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜରେ ୩ଟି ଲେଖାଏଁ ଓଡ୍ରାଫ ଟିମ୍ ଏବଂ ମୟୂରଭଞ୍ଜରେ ଅତିରିକ୍ତ ୧୩ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଟିମ୍ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ସମଗ୍ର ରାଜ୍ୟରେ ମୋଟ ୧୫୭ଟି ପ୍ରତିକ୍ରିୟାଶୀଳ ଟିମ୍ ମୁତୟନ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୮.୯ ମିମି ବର୍ଷା ରେକର୍ଡ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକରେ ସର୍ବାଧିକ ୩୦୯.୨ ମିମି ବର୍ଷା ହୋଇଛି। ଉତ୍ତର ଉପକୂଳ ଓଡ଼ିଶା ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଅଞ୍ଚଳରେ ସୃଷ୍ଟ ସୁଦୃଢ଼ ଲଘୁଚାପ ସକ୍ରିୟ ରହିଛି, ଯାହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ତେଣୁ ବରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଏସଆରସିଙ୍କ ପକ୍ଷରୁ କୁହାଯାଇଛି।

● ଏସ୍ଆଇ ପରୀକ୍ଷା ତଦନ୍ତ

## ଗୃହ ବିଭାଗକୁ ସିବିଆଇର ଚିଠି

● ଜେରା ହେବେ ଓପିଆର୍‌ବି ଅଧ୍ୟକ୍ଷ!

ଭୁବନେଶ୍ୱର,୧୯(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ ଏସ୍ଆଇ ପରୀକ୍ଷାର ପୂରା ପ୍ରକ୍ରିୟା ଏବେ ସିବିଆଇ ସ୍କାନରରେ ରହିଛି। ଏହି ମାମଲାରେ ଆଗାମୀ ଦିନରେ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଅଧ୍ୟକ୍ଷଙ୍କୁ ପଚରାଉଚରା କରାଯିବାର ସମ୍ଭାବନା ରହିଛି। ବହୁଚର୍ଚ୍ଚିତ ୨୦୨୫ ଓଡ଼ିଶା ପୁଲିସ ସବ୍ -ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାର କେବଳ ନିର୍ଦ୍ଦିଷ୍ଟ ଅନିୟମିତତା ନୁହେଁ, ବରଂ ପରୀକ୍ଷା ସହ ଜଡ଼ିତ ସମ୍ପୂର୍ଣ୍ଣ ପ୍ରକ୍ରିୟା ଏବେ ସିବିଆଇ ତଦନ୍ତ ପରିସରଭୁକ୍ତ ହୋଇଛି। ଓପିଆର୍‌ବି, ପରୀକ୍ଷା ପରିଚାଳନା ସହ ଜଡ଼ିତ ସଂସ୍ଥା ଓ ଅନ୍ୟମାନଙ୍କ ଭୂମିକାକୁ ନେଇ ତଦନ୍ତ ଚାଲିଛି ବୋଲି ସିବିଆଇ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏନେଇ ଗତ ୧୪ ତାରିଖରେ ଓଡ଼ିଶା ଗୃହ ବିଭାଗକୁ ସିବିଆଇ ପକ୍ଷରୁ ଏକ ଗୋପନୀୟ ଚିଠି ଲେଖିଥିଲା। ସିବିଆଇ ଭିଜିଲାନ୍ସ ସେଲ୍‌ର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଆଲୋକ କୁମାର ଗୃହ ବିଭାଗର ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀଙ୍କୁ ଏହି ଚିଠି ଲେଖିଥିଲେ। ଏସ୍ଆଇ ନିଯୁକ୍ତି ପରୀକ୍ଷାରେ କଥିତ ଅନିୟମିତତା ନେଇ ସିବିଆଇ ତଦନ୍ତ କେଉଁ ପର୍ଯ୍ୟାୟରେ ପହଞ୍ଚିଛି, ସେ ସମ୍ପର୍କରେ ଗତ ୩ ତାରିଖରେ ଗୃହ ବିଭାଗ ତଥ୍ୟ ମାଗିଥିଲା। ଏହାର ଉତ୍ତରରେ ସିବିଆଇ ତଦନ୍ତର ସ୍ଥିତି ସ୍ପଷ୍ଟ କରିଛି। ସିବିଆଇ ଚିଠି ଅନୁସାରେ, ଗତ ବର୍ଷ ଅକ୍ଟୋବର ୫ ଓ ୬ରେ ପୁଲିସ ଏସ୍ଆଇ ଓ ସମକକ୍ଷ ପଦବୀ ପାଇଁ ପରୀକ୍ଷା ହେବାକୁ ଧାର୍ଯ୍ୟ ହୋଇଥିବା ସମୟରେ ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥ ଓପିଆର୍‌ବି ଅଧ୍ୟକ୍ଷ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସହାୟତା ନୁହେଁ...

ଏହା କେବଳ ନେପାଳ ପାଇଁ ନୁହେଁ, ବରଂ ଦକ୍ଷିଣ ଏସୀୟ ସହଯୋଗର ଚିନ୍ତି ରହିବା ପାଇଁ ଏକ ଆହ୍ୱାନ। ନେପାଳର ଲୋକମାନେ ଯେଉଁ ମହାବନ୍ୟାକୁ ସାମ୍ନା କରିଛନ୍ତି ତାହା କୌଣସି ସାଧାରଣ ନଦୀରେ ଆସୁଥିବା ବନ୍ୟା ନୁହେଁ। ୨୬ ଅଗଷ୍ଟରେ ଭୋଟେକୋଶୀ ଓ ତ୍ରିଶୂଳୀ ନଦୀରେ ଆସିଥିବା ଲହଡ଼ି ୨୦ରୁ ୩୦ ମିଟର ଉଚ୍ଚ ଥିଲା ଓ ପାଣିର ବେଗ ଘଣ୍ଟାପ୍ରତି ୮୦ କିଲୋମିଟର ଥିଲା। ଏହା ଥିଲା ହିମାଳୟରେ ସୃଷ୍ଟି ହୋଇଥିବା ଏକ ଭୟଙ୍କର ସୁନାମୀ, ଯାହା ପଛରେ ଗ୍ରୀନହାଉସ୍ ଗ୍ୟାସ୍ ଉତ୍ସର୍ଜନର ଭୂମିକାକୁ ଅସ୍ୱୀକାର କରାଯାଇପାରିବନି। ନେପାଳ ଜଳଜ ମନ୍ତ୍ରଣାଳୟର ଯୁଗ୍ମସଚିବ ମହେଶ୍ୱର ଧକାଳ ବୈଦେଶିକ ମନ୍ତ୍ରୀ ଖାନାଲକୁ ସମର୍ଥନ କରିଛନ୍ତି ଓ ନେପାଳ ବାସ୍ତବିକ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରତିକୂଳ ପରିସ୍ଥିତିର ସାମ୍ନା କରୁଛି ବୋଲି କହିଛନ୍ତି।

ନେପାଳ-ଚୀନ୍ ତିବ୍ବତ-ହିମାଳୟ ସୀମାନ୍ତରେ ସୃଷ୍ଟି ହୋଇଥିବା ବିନାଶକାରୀ ଜଳ ତାଣ୍ଡବକୁ ଉଦ୍ଧୃତ କରି ସମ୍ବାଦରେ ଏହା କୁହାଯାଇଛି ଯେ ଉର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ମାଟିତଳୁ ମୃତଦେହ ମିଳିବାରେ ଲାଗିଛି ଆଜି ସୁଦ୍ଧା ମୃତ୍ୟୁସଂଖ୍ୟା ୧,୦୫୦ରେ ପହଞ୍ଚିଛି। ଆହୁରି ୪ ହଜାର ଅଧିକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ନିଶ୍ଚିତ ହୋଇଛି। ଏ ପର୍ଯ୍ୟନ୍ତ ୧୨ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜଣାଇଛନ୍ତି।

ନେପାଳ ବନ୍ୟା ବିପର୍ଯ୍ୟୟ ପରେ ନିଖୋଜ ଥିବା ୧୬୩ ଜଣ ଭାରତୀୟଙ୍କୁ ଅଦ୍ୟାବଧି ଉଦ୍ଧାର କରାଯାଇଛି ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ପ୍ରକାଶ କରିଛି। ଗତକାଲି ଯାଏ ୧୫୮ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆଜି ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିଭଳି ଆଜି ୧୫୧ ଜଣ ବିଭୀଷିକା ପୀଡ଼ିତ ଭାରତୀୟ ଚୀନ୍ ଛାଡ଼ି ଭାରତ ଅଭିମୁଖେ ବାହାରିଛନ୍ତି।

ଅପରପକ୍ଷରେ, ନେପାଳକୁ ହିମସ୍ରୋତ ବିପଦ ଏବେ ସୁଦ୍ଧା ଟଳିନାହିଁ ବୋଲି ଚୀନର ଜଳସମ୍ପଦ ମନ୍ତ୍ରଣାଳୟ କହିଛି। ନେପାଳକୁ ଘେରି ରହିଥିବା ଗ୍ଲାସିଅରଗୁଡ଼ିକ ଏବେ ମଧ୍ୟ ବିପଦପୂର୍ଣ୍ଣ ରହିଛନ୍ତି, ଯେଉଁଗୁଡ଼ିକ କେତେବେଳେ ବି ଭୁଶୁଡ଼ି ପଡ଼ିପାରନ୍ତି ବୋଲି ଏହା ଆଶଙ୍କା ପ୍ରକାଶ କରିଛି।

### ଅପହଞ୍ଚ ଓ ଦୁର୍ଗମ...

ପରିଦର୍ଶନ କରିବେ। ସେଠାରେ ସେମାନେ ସିଧାସଳଖ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରି ରୋଗୀସେବା, ମାନବ ସମ୍ବଳ, ଔଷଧର ଉପଲବ୍ଧତା, ଜରୁରୀକାଳୀନ ପ୍ରସ୍ତୁତି ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଏହାବ୍ୟତୀତ ଗାଁଗହଳିର ବାସ୍ତବ ଚିତ୍ର ଜାଣିବା ପାଇଁ ବରିଷ୍ଠ ଅଧିକାରୀମାନେ ଅପହଞ୍ଚ ତଥା ଦୁର୍ଗମ ଆଦିବାସୀ ଅଞ୍ଚଳଗୁଡ଼ିକୁ ଅଚାନକ ଗସ୍ତ କରିବେ। ଆବଶ୍ୟକ ପଡ଼ିଲେ ସେମାନେ ପାଦରେ ଚାଲି ଚାଲି ଯାଇ ପିଭିଟିଜି ଯୋଜନାର ସମୀକ୍ଷା କରିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଛନ୍ତି। ସେହିପରି ଅତି କମ୍‌ରେ ଗୋଟିଏ ଗ୍ରାମପଞ୍ଚାୟତକୁ ଯାଇ ସେଠାରେ ଉନ୍ନୟନମୂଳକ କାର୍ଯ୍ୟ ଓ ମୌଳିକ ସୁବିଧାର ସମୀକ୍ଷା କରିବାକୁ କୁହାଯାଇଛି। ଏଥିସହ ଗ୍ରାମାଞ୍ଚଳରେ ଚାଲିଥିବା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ଘରୋଇ ଟ୍ୟାପ୍ କନେକ୍ସନ୍ କାର୍ଯ୍ୟର ଅଗ୍ରଗତି ତଦାରଖ କରି ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବେ।

### କଲେଜ ଛାତ୍ରୀଙ୍କୁ...

ଯାତାୟାତ ଖର୍ଚ୍ଚ ଓ ଦୈନିକ ଭତ୍ତା ସମ୍ପୃକ୍ତ କଲେଜ ପକ୍ଷରୁ ସେମାନଙ୍କୁ ସମ୍ମାନଜନକ ଭାବେ ପ୍ରଦାନ କରାଯିବ। ଗସ୍ତ ଶେଷରେ ସେମାନେ ଜିଲ୍ଲା ନୋଡାଲ କଲେଜକୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ, ଯାହା କ୍ୟାମ୍ପସରେ ଥିବା 'ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍'କୁ ଅଧିକ ସକ୍ରିୟ କରିବାରେ ବେଶ୍ ସହାୟକ ହେବ।

ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ କେବଳ ଉଚ୍ଚ ଅଭିଜ୍ଞତାସମ୍ପନ୍ନ ମହିଳାମାନଙ୍କୁ ହିଁ ଚୟନ କରାଯିବ, ଯେଉଁମାନଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମରେ ୧୫ ବର୍ଷର ବୃତ୍ତିଗତ ଅଭିଜ୍ଞତା ରହିଥିବ। ମହିଳା ସୁରକ୍ଷା ଓ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ମହିଳା ସମାଜସେବୀ, ପୁଲିସ ଓ ସଶସ୍ତ୍ର ବାହିନୀରୁ ଅବସରପ୍ରାପ୍ତ ମହିଳା କର୍ମଚାରୀ, ଆଇନ ଓ ସାଇବର ସୁରକ୍ଷା ବିଶେଷଜ୍ଞ, ମାନସିକ ପରାମର୍ଶଦାତା, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ବରିଷ୍ଠ ଶିକ୍ଷାବିତ୍ ତଥା ସଫଳ ମହିଳା ଉଦ୍ୟୋଗୀମାନଙ୍କୁ ଏହି ଚୟନ ପ୍ରକ୍ରିୟାରେ ପ୍ରାଥମିକତା ଦିଆଯିବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଦେବଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କେନ୍ଦୁଝର ଓ ରାୟଗଡ଼ା ଜିଲ୍ଲାରେ ଏହି ମନୋନୟନ ପ୍ରକ୍ରିୟା ଶେଷ ହୋଇସାରିଛି। ଅବଶିଷ୍ଟ ଜିଲ୍ଲାଗୁଡ଼ିକର ନୋଡାଲ ଡିଗ୍ରୀ କଲେଜଗୁଡ଼ିକୁ ଚଳିତ ମାସ ୨୧ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଗୁଗଲ ଫର୍ମ ଓ ଇ-ମେଲ ଯୋଗେ ମନୋନୀତ 'ଶକ୍ତି ଅପାମାନଙ୍କ' ସମ୍ପୂର୍ଣ୍ଣ ବିବରଣୀ ବିଭାଗ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଏହି ପ୍ରୟାସ କ୍ୟାମ୍ପସରେ ସୁରକ୍ଷା ବଳୟକୁ ସୁଦୃଢ଼ କରିବା ସହ ଛାତ୍ରୀମାନଙ୍କୁ ନିର୍ଭୀକ ଓ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ ବୋଲି କୁହାଯାଉଛି।

### ସହଯୋଗୀ ସମେତ...

ସମୟରେ ସ୍ୱୀକାର କରିଛନ୍ତି। ମାମଲାର ତଦନ୍ତ ସମୟରେ ମୁଖ୍ୟ ଅଭିଯୁକ୍ତ ଅନୀଲ ଔଷଧ ନାଁରେ କହଁର ଦମ୍ପତିଙ୍କୁ ବିଷାକ୍ତ ତରଳ ପଦାର୍ଥ ଖାଇବାକୁ ଦେଇଥିଲା। ତେବେ ଏହା ଖାଇବା ପରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ଲଳିତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ନିଆଯାଇଥିବା ବେଳେ ଗତ ୨୪ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଗାଁକୁ ଫେରିଥିବା କାହ୍ନୁଚରଣଙ୍କର ବି ତା' ପରଦିନ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ କାହ୍ନୁଚରଣ ମଧ୍ୟ ଅନିଲ ଦେଇଥିବା ତରଳ ପଦାର୍ଥ ଖାଇଥିବା ନେଇ ମୃତ୍ୟୁକାଳୀନ ବୟାନ ଦେଇଥିଲେ। ଏହାକୁ ଆଧାର କରି ପୁଲିସ ତଦନ୍ତ ଆଗକୁ ବଢ଼ାଇଥିଲା। ଦମ୍ପତିଙ୍କ ମୃତ୍ୟୁ ପରେ ମୁଖ୍ୟ ଅଭିଯୁକ୍ତ ତା'ର ମୋବାଇଲ ବନ୍ଦ କରି ଫେରାର ହୋଇଯାଇଥିଲେ। ପରେ ପୁଲିସ ତାଙ୍କୁ ଖୋଜି ଗିରଫ କରିବା ସହ ସହଯୋଗୀ ସୀତାଙ୍କୁ ମଧ୍ୟ ଗିରଫ କରିଛି। ସେମାନଙ୍କଠାରୁ ଏକ ନୂଆ ହୋଣ୍ଡା ଆକ୍ଟିଭା ସ୍କୁଟି, ମୋବାଇଲ ଫୋନ୍ ଓ ବିଷ ବୋତଲ ଜବତ କରାଯାଇଛି। ଏନେଇ ଗୋଛାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ନ୍ୟାୟିକ ହାଜତକୁ ପଠାଯାଇଥିବା ବେଳେ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

### ୮,୩୦୦.୭୯ କୋଟିରେ...

ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚଏଏମ)ରେ ଆବଣ୍ଟନ କରାଯିବ। ରାମେଶ୍ୱରମରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥ ପ୍ରକଳ୍ପକୁ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଜୁନ୍ ୨୦୨୬ରେ ମଞ୍ଜୁର କରିଥିଲା। ଏହାର ମୋଟ ପୁଞ୍ଜି ବ୍ୟୟ ୮,୩୦୦.୭୯ କୋଟି ଟଙ୍କା ଥିଲା। ନିର୍ମାଣ ସମୟରେ ଏହି ପ୍ରକଳ୍ପ ୫୩.୬ ଲକ୍ଷ ପ୍ରତ୍ୟକ୍ଷ ମାନବ ଦିବସ ଓ ୬୭ ଲକ୍ଷ ପରୋକ୍ଷ ମାନବ ଦିବସ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଘଣ୍ଟା ପ୍ରତି ୧୦୦ କିମି ବେଗ ସହ ଡିଜାଇନ ହୋଇଥିବା ଏହି ପ୍ରକଳ୍ପ ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ ବେଳାଭୂମି ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳଗୁଡ଼ିକୁ ସିଧାସଳଖ ଓ ଦ୍ରୁତ ସଂଯୋଗ ପ୍ରଦାନ କରିବ। ଏହା ରାମେଶ୍ୱରମ୍ ଓ ପାରାଦୀପ ମଧ୍ୟରେ ଯାତ୍ରା ସମୟକୁ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ ହ୍ରାସ କରିବାରେ ସାହାଯ୍ୟ କରିବ। ଏହି ଉପକୂଳ ରାଜପଥର ରାମେଶ୍ୱରମ୍-ପାରାଦୀପ ସେକ୍ସନ୍ ଏନଏଚ-୧୬ ଓ ଏନଏଚ-୩୧୬ର ଏକ ବିକଳ୍ପ ମାର୍ଗ ପ୍ରଦାନ କରିବ। ଏହା ପୁରୀ, କୋଣାର୍କ, ପାରାଦୀପ ବନ୍ଦର, ପ୍ରସ୍ତାବିତ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଯୋଗାଯୋଗରେ ଉନ୍ନତି ଆଣିବ। ଏହାଛଡ଼ା ଅସ୍ତରଙ୍ଗ ଓ ସୁବର୍ଣ୍ଣରେଖା ଭଳି ବିକାଶଶୀଳ ବନ୍ଦରକୁ ସୁଗମ ପରିବହନ ସୁବିଧା ପ୍ରଦାନ କରିବ ଏବଂ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାକୁ ଉନ୍ନତ ସଂଯୋଗୀକରଣ ପ୍ରଦାନ କରିବ। ରାମେଶ୍ୱରମ୍-ପାରାଦୀପ କରିଡର ନିୟନ୍ତ୍ରିତ ପ୍ରବେଶ ସହ ଦ୍ରୁତ ଯୋଗାଯୋଗ ସୁବିଧା ପ୍ରଦାନ କରିବ। ଏହା ଇନ୍ଧନ ବ୍ୟବହାର, କାର୍ବନ ନିର୍ଗମନ ଏବଂ ଯାନବାହନ ପରିଚାଳନା ଖର୍ଚ୍ଚ ହ୍ରାସ କରିବ। ଏଥିସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ ଓ ସମଗ୍ର ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ।

### ଆଜିଠୁ ଯୋଗାଣ...

ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିବା ଯୋଗାଣ ସହାୟକମାନେ କହିଛନ୍ତି। ଦାବି ପୂରଣ ପାଇଁ ପୂର୍ବରୁ ଗତ ଜୁଲାଇ ୧୪ ତାରିଖରୁ ୧୧ ଦିନ ଧରି ଧାରଣା ଦିଆଯାଇଥିଲା। ସେତେବେଳେ ସରକାର ଦାବି ପୂରଣ ନେଇ ଆଶ୍ୱାସନ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଦାବି ପୂରଣ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବା ସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଆସନ୍ତାକାଲିଠାରୁ ସାମୂହିକ ଛୁଟିରେ ଯିବା ସହ ଦାବି ପୂରଣ ନ ହେଲେ ଆସନ୍ତା ୭ରୁ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଓଡ଼ିଶା ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ କୁହାଯାଇଛି।

● ପଟ୍ଟନାଇକିଆ ଛକ ଟ୍ରିପଲ ମର୍ଡର ମାମଲା

## ୫ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ପୁରୀ,୧୯(ସଂଚାର ବ୍ୟୁରୋ): ପଟ୍ଟନାଇକିଆ ଛକ ଟ୍ରିପଲ ମର୍ଡର ମାମଲାରେ ଆଜି ୫ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ବହୁଚର୍ଚ୍ଚିତ ପଟ୍ଟନାଇକିଆ ଛକ ଟ୍ରିପଲ ମର୍ଡର ମାମଲାରେ ୫ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ମିଳିଛି। ପୁରୀ ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି ପୁରୀ ଏସ୍‌ପି ପ୍ରତୀକ ସିଂ। ୨୦୧୯ରେ ଏହି ଅଧ୍ୟାୟ ସମ୍ପୃକ୍ତ ମାମଲାର ତଦନ୍ତ ଅତି ସତର୍କତା ଓ ପୁଙ୍ଖାନୁପୁଙ୍ଖ ଭାବେ କରାଯାଇଥିବାରୁ ଶେଷରେ ଦୋଷୀଙ୍କୁ ଦଣ୍ଡ ମିଳିପାରିଛି ବୋଲି ଏସ୍‌ପି କହିଛନ୍ତି। ଏସ୍‌ପିଙ୍କ କହିବାନୁସାରେ, ମାମଲାର ଗୁରୁତ୍ୱକୁ ଦେଖି ତତ୍କାଳୀନ ଆଇଆଇସି ତପନ ରାଉତ ସମସ୍ତ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପାଳନ କରି ତଦନ୍ତ କରିଥିଲେ। ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରାଯିବା ସହ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଇଥିଲା। ତୁରନ୍ତ ଭାବେ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା। ପରବର୍ତ୍ତୀ ସମୟରେ ପୁଲିସ ପକ୍ଷରୁ ବିଚାର ପ୍ରକ୍ରିୟାକୁ ନିୟମିତ ଭାବେ ମନିଟର କରାଯାଇଥିଲା।

## ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନି ବିଜେପି: ବିଜେଡି

ଓଡ଼ିଶାର କ୍ଷତି ହେବନି ଯୁକ୍ତି ତାହା ମିଛ



ଭୁବନେଶ୍ୱର,୧୯(ସଂଚାର ବ୍ୟୁରୋ): ଏମଏମଡିଆର ସଂଶୋଧନ ଆକ୍ଟ-୨୦୨୬ ପ୍ରସଙ୍ଗରେ ଆଜି ବିଜେଡି ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥବିରୋଧୀ ବୋଲି କହି ବିଜେପି ଉପରେ ବର୍ଷିଛି। ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ବେଳେ ବିଜେପି ସାଂସଦମାନେ ଏହାକୁ ସମର୍ଥନ କରିଥିଲେ, ଯେଉଁଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ଡ. ସଂଘମିତ୍ରା ମିଶ୍ର କହିଥିଲେ, ଏମଏମଡିଆର ଆକ୍ଟ ମାଧ୍ୟମରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କର ଅଧିକାର ସବୁଦିନ ପାଇଁ କେନ୍ଦ୍ର ସରକାର ଛଡ଼ାଇନେଲା। ଏମଏମଡିଆର ସଂଶୋଧନ ଆକ୍ଟ ହେବା ପରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କ ଅଧିକାର ସବୁଦିନ ପାଇଁ ଛଡ଼ାଇ ନିଆଗଲା। ଏଥିସହ ବକେୟା ବାବଦକୁ ପାଇବାକୁ ଲକ୍ଷେ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ସବୁଦିନ ପାଇଁ ହରାଇଲା। ଗତବର୍ଷ ନଭେମ୍ବରରେ ପ୍ରକାଶିତ ଓଡ଼ିଶା ରିଭ୍ୟୁରେ ଖଣି ବକେୟା ବାବଦକୁ ଓଡ଼ିଶା ଲକ୍ଷେ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨ ହଜାର କୋଟି ଟଙ୍କା ପାଇବାକୁ ଯାଉଥିବା ବେଳେ ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି କୁହାଯାଇଥିଲା। ଏହାଛଡ଼ା ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆଫିଡେଫିଟ ମାଧ୍ୟମରେ କହିଥିଲେ, ବକେୟା ଲକ୍ଷେ କୋଟି ଟଙ୍କା ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟ ଓ ଏହା ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। କିନ୍ତୁ ଏବେ ବିଜେପି ନେତାମାନେ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି କେମିତି ଯୁକ୍ତି ବାଢ଼ୁଛନ୍ତି ବୋଲି ଡ. ମିଶ୍ର ପ୍ରଶ୍ନ କରିଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ତବଲା ଜାତୀୟ କର୍ମଶାଳା




ଭୁବନେଶ୍ୱର,୧୯ (ସଂଚାର ବ୍ୟୁରୋ) : ମଙ୍ଗଳବାର ଦିନ ମଦନପୁରସ୍ଥ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଯନ୍ତ୍ର ସଂଗୀତ ବିଭାଗ ଆନୁକୂଲ୍ୟରେ ଏକଦିବସୀୟ ଜାତୀୟ ତବଲା କର୍ମଶାଳା ଆୟୋଜନ ହୋଇଯାଇଛି । କର୍ମଶାଳାକୁ ବିଶ୍ୱବିଦ୍ୟାଳୟର କୁଳସଚିବ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଏବଂ ଅନ୍ତର୍ଜାତିକ ଖ୍ୟାତି ସଂପନ୍ନ ବିଶିଷ୍ଟ ତବଲା ବାଦକ ପଣ୍ଡିତ ପରିମଲ୍ ଚକ୍ରବର୍ତ୍ତୀ ଛାତ୍ରଛାତ୍ରୀମାନଙ୍କୁ ତବଲାର ଉଚ୍ଚସ୍ତରୀୟ ଶିକ୍ଷା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଡ. ସନ୍ଦୀପ କୁମାର ରାଉତ ପରିଚାଳନା କରିଥିଲେ । ଡ. ଶାରଦା ପ୍ରସନ୍ନ ଦାସ, ଜବାହର ମିଶ୍ର, ନିର୍ମଳ ଚନ୍ଦ୍ର ନାୟକ, ଡ. ଅଜୟ କୁମାର ବିଶ୍ୱାଳ, ଡ. ଇତିଶ୍ରୀ ସାହୁ ଇତ୍ୟାଦି ଅଧ୍ୟାପକମାନେ ଉପସ୍ଥିତ ଥିଲେ ।

## ପୀତବାସ ହତ୍ୟା ମାମଲା: ଜେଲ୍‌ରୁ ମୁକୁଳିଲେ ବିକ୍ରମ ପଣ୍ଡା

### ଶତାଧିକ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ସ୍ୱାଗତ



ବ୍ରହ୍ମପୁର,୧୯(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇଥିବା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ହାଇକୋର୍ଟରୁ ଜାମିନ ମଞ୍ଜୁର ହେବା ପରେ ମଙ୍ଗଳବାର ସନ୍ଧ୍ୟାରେ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମୁକ୍ତ ହୋଇଛନ୍ତି। ଜେଲରୁ ବାହାରିବା ପରେ ବିଜେଡିର ବରିଷ୍ଠ ନେତା, କର୍ମୀ ଓ ଶତାଧିକ ସମର୍ଥକଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଜେଲ ସମ୍ମୁଖରେ ରୁଣ୍ଡ ହୋଇ ଦଳୀୟ କର୍ମୀମାନେ ନିଜ ପ୍ରିୟ ନେତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଓ ଉଚ୍ଛ୍ୱସିତ ସ୍ୱାଗତ ଜଣାଇଥିଲେ। ଏହି ଶୋଭାଯାତ୍ରାରେ ବିଜେଡି ନେତା ସଞ୍ଜୟ ଦାସବର୍ମା, ଦେବୀ ପ୍ରସାଦ ମିଶ୍ର, ମାନସ ମଙ୍ଗରାଜ, ମନ୍ମଥ ରାଉତରାୟ, ଚିହ୍ନଟ ସାହୁ, ପ୍ରତାପ ଜେନା, ଗଞ୍ଜାମ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, କୈଳାସ ରଣା, ସରୋଜ ସାବତ, ଛତ୍ରପୁର ପୂର୍ବତନ ବିଧାୟକ ସୁବାସ ବେହେରା, କବିସୂର୍ଯ୍ୟ ନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମର ସମସ୍ତ ବିଜେଡି କର୍ପୋରେଟର, ଛାତ୍ର, ଯୁବ ଓ ମହିଳା ବିଜେଡିର ଶତାଧିକ ନେତା ଓ କର୍ମୀ ସାମିଲ ଥିଲେ।

ଉଲ୍ଲେଖନୀୟ ଯେ ଗତବର୍ଷ ଅକ୍ଟୋବର ୬ ତାରିଖରେ ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ପୂର୍ବତନ ବିଧାୟକ ଶ୍ରୀ ପଣ୍ଡାଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଗିରଫ କରିଥିଲା। ନିମ୍ନ ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ପୁଲିସ ପକ୍ଷରୁ ଦାଖଲ କରାଯାଇଥିବା ଚାର୍ଜସିଟରେ ଶ୍ରୀ ପଣ୍ଡା ଷଡ଼ଯନ୍ତ୍ରକାରୀ ନୁହଁନ୍ତି ବୋଲି ଦର୍ଶାଯାଇଥିଲା। ଅନ୍ୟପଟେ ଆବେଦନକାରୀଙ୍କ ଓକିଲ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ଗିରଫ ବେଳେ ପୁଲିସ କୌଣସି ଲିଖିତ କାରଣ ଦର୍ଶାଇ ନ ଥିଲା। ପ୍ରତିପକ୍ଷ ଓକିଲ ମଧ୍ୟ ଏସଂକ୍ରାନ୍ତୀୟ ଆବଶ୍ୟକ କାଗଜପତ୍ର କୋର୍ଟରେ ଦାଖଲ କରିବାରେ ବିଫଳ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ଚୂଡ଼ାନ୍ତ ରାୟ ପ୍ରକାଶ କରି ବିକ୍ରମଙ୍କ ଜାମିନ ମଞ୍ଜୁର କରିଛନ୍ତି।

● ତୃଣମୂଳ ସ୍ତରରୁ ପାରା କ୍ରୀଡ଼ାର ବିକାଶ ପାଇଁ ନୂଆ ପଦକ୍ଷେପ

## ରାଜଧାନୀରେ ପ୍ରଥମ ଥର ଜିଲ୍ଲାସ୍ତରୀୟ ପାରା ସିଟିଂ ଭଲିବଲ୍




ଭୁବନେଶ୍ୱର,୧୯(ସଂଚାର ବ୍ୟୁରୋ): ଓଡ଼ିଶାର ସମସ୍ତ ଜିଲ୍ଲାରୁ ଜିଲ୍ଲାୱାରୀ ପାରା ଭଲିବଲ ଦଳକୁ ଏକତ୍ରିତ କରି ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରରେ ଆଜି ଜିଲ୍ଲାସ୍ତରୀୟ ପାରା ସିଟିଂ ଭଲିବଲ୍ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ଆୟୋଜନରେ ବିଭିନ୍ନ ଜିଲ୍ଲାରୁ ୧୭ଟି ଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଉତ୍କଳ କରାଟେ ସ୍କୁଲ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶାରେ ପୂର୍ବରୁ ଏଭଳି ବ୍ୟାପକ ଭାବେ ଜିଲ୍ଲାସ୍ତରରେ ପାରା ସିଟିଂ ଭଲିବଲ୍ ଆୟୋଜନ ହୋଇ ନ ଥିବା ବେଳେ ଏହି ପ୍ରୟାସ ପାରା କ୍ରୀଡ଼ା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟର ଆରମ୍ଭ କରିଛି। ସରକାରଙ୍କ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଚିହ୍ନଟ କରି ଆଗକୁ ଆଣିବାର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପାରା ଭଲିବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଏହି ଆୟୋଜନ କରାଯାଇଛି।

● କେଡିଏର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

## ସ୍ଥାୟୀ ଓ ଲୋକାଭିମୁଖୀ ସହରୀ ବିକାଶକୁ ଗୁରୁତ୍ୱ

କଟକ,୧୯(ସଂଚାର ବ୍ୟୁରୋ): କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ (କେଡିଏ) ପକ୍ଷରୁ ମଙ୍ଗଳବାର ଏହାର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେଡିଏର ଉପାଧ୍ୟକ୍ଷା କିରଣଦୀପ୍ କୌର ସହୋତା କହିଥିଲେ ଯେ କେଡିଏର ୪୪ ବର୍ଷର ଯାତ୍ରା କେବଳ ସମୟର ମାପକାଠି ନୁହେଁ, ବରଂ ଏହା ଦଶନ୍ଧି ଦଶନ୍ଧି ଧରି କଟକ ସହରରେ ଘଟିଥିବା ପରିବର୍ତ୍ତନ ଓ ବିକାଶର ପ୍ରତିଫଳନ। ଗତ ଚାରି ଦଶନ୍ଧି ମଧ୍ୟରେ କଟକ ସହରରେ ବ୍ୟାପକ ବିକାଶ ଓ ପରିବର୍ତ୍ତନ ଘଟିଛି। ସହରର ବିକାଶ ଜାରି ରହିଥିବା ବେଳେ ଲୋକଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢ଼ିଚାଲିଛି। ଏହି ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି କେଡିଏ ପକ୍ଷରୁ ସୁଚିନ୍ତିତ, ସ୍ଥାୟୀ ଓ ଲୋକାଭିମୁଖୀ ସହରୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର କେଡିଏ ପକ୍ଷରୁ ମହାନଦୀ ରିଭରଫ୍ରଣ୍ଟ ବିକାଶ, ଅଟଳ ପାର୍କ, ବାଇମୁଣ୍ଡି ପାର୍କ ଓ କନଭେନସନ୍ ସେଣ୍ଟର ପ୍ରଭୃତି ପ୍ରକଳ୍ପ ହାତକୁ ନିଆଯିବ ବୋଲି ସେ କହିଥିଲେ । ଏହି ଅବସରରେ ଉପାଧ୍ୟକ୍ଷା କେଡିଏର ଆଗାମୀ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ।

ପୁଲିସ ବିଭାଗରେ ବଡ଼ ଧରଣର ପଦୋନ୍ନତି

## ଏସ୍‌ପି ପାହ୍ୟାକୁ ଉନ୍ନୀତ ହେଲେ ୧୫ ଅତିରିକ୍ତ ଏସ୍‌ପି

ଭୁବନେଶ୍ୱର,୧୯(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ବିଭାଗରେ କାର୍ଯ୍ୟରତ ୧୫ ଜଣ ବରିଷ୍ଠ ଓପିଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ପଦୋନ୍ନତି ପ୍ରଦାନ କରିଛନ୍ତି। ଗୃହ ବିଭାଗ ଅଧୀନରେ କାର୍ଯ୍ୟରତ ଏହି ସମସ୍ତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ତରର ଅଧିକାରୀମାନଙ୍କୁ ଓପିଏସ୍ (ଏସ୍‌ବି) ର୍ୟାଙ୍କରୁ ଓପିଏସ୍ (ଏସ୍) ଅର୍ଥାତ ଆରକ୍ଷୀ ଅଧୀକ୍ଷକ କିମ୍ବା ଏସ୍‌ପି ପାହ୍ୟାକୁ ଉନ୍ନୀତ କରାଯାଇଛି। ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ପଦୋନ୍ନତି ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦୋନ୍ନତି ସମ୍ପୂର୍ଣ୍ଣ ରୂପେ ଅସ୍ଥାୟୀ ଭିତ୍ତିରେ ପ୍ରଦାନ କରାଯାଇଛି। ନିୟମାନୁଯାୟୀ, ଅଧିକାରୀମାନେ ପଦୋନ୍ନତି ପାଇବା ଦିନଠାରୁ ଗୋଟିଏ ବର୍ଷ ପାଇଁ ଅଥବା ସେମାନଙ୍କ ଅବସର ଗ୍ରହଣ ସମୟ କିମ୍ବା ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିସ୍ ମିଳିବା ପର୍ଯ୍ୟନ୍ତ ଏହି ପଦବୀ ବଳବତ୍ତର ରହିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଓଆରଏସପି ରୁଲ୍ସ-୨୦୧୭ ଅନୁଯାୟୀ ନୂତନ ପଦବୀ ପାଇଁ ଅଧିକାରୀମାନେ ପେ-ମେଟ୍ରିକ୍ସ ଲେଭଲ୍-୧୪ ଅଧୀନରେ ୭୮,୮୦୦ ଟଙ୍କାରୁ ଆରମ୍ଭ କରି ୨,୦୯,୨୦୦ ଟଙ୍କା ପର୍ଯ୍ୟନ୍ତ ଦରମା ହାର ପାଇବାକୁ ଯୋଗ୍ୟ ବିବେଚିତ ହେବେ। ପଦୋନ୍ନତି ପାଇବା ପରେ ମଧ୍ୟ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ୧୫ ଜଣ ଅଧିକାରୀ ନିଜ ନିଜର ବର୍ତ୍ତମାନର ପଦବୀ ଓ ସ୍ଥାନରେ କାର୍ଯ୍ୟ ଜାରି ରଖିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେପର୍ଯ୍ୟନ୍ତ ସେମାନେ ସେହି ସ୍ଥାନରେ କାର୍ଯ୍ୟ କରିବେ, ସେହି ପଦବୀଗୁଡ଼ିକୁ ଓପିଏସ୍ (ଏସ୍) ର୍ୟାଙ୍କର ସମକକ୍ଷ ଭାବେ ଘୋଷଣା କରାଯାଇଛି।

# ପରିବହନ ବିଭାଗ ଚଢ଼ାଉ, ସ୍କୁଲ ବସ୍‌କୁ ୧୫ ହଜାର ଜରିମାନା

- ଫିଟନେସ ନାହିଁ, ବିନା ପଲ୍ୟୁସନ ଓ ଲାଇସେନ୍ସରେ ଚାଲୁଥିଲା
- ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ
- ଆଗକୁ ଆହୁରି କଡ଼ାକଡ଼ି ହେବ ଯାଞ୍ଚ




କାକଟପୁର/ଅସ୍ତରଙ୍ଗ,୧୯(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମୁଖ୍ୟ ବଜାରରେ ଗତକାଲି ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବଡ଼ ଧରଣର ଗାଡ଼ି ଯାଞ୍ଚ କରାଯାଇଛି। ଅସ୍ତରଙ୍ଗ ଥାନା ସାମ୍ନାରେ ପରିବହନ ବିଭାଗର ଅଧିକାରୀମାନେ ଅଚାନକ ଚେକିଂ ଆରମ୍ଭ କରିଥିଲେ। ଏହି ଯାଞ୍ଚରେ କାକଟପୁର ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନର ସ୍କୁଲ୍ ବସ୍‌କୁ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ଏହି ଘଟଣା ପରେ ଅଞ୍ଚଳର ଘରୋଇ ସ୍କୁଲ୍ ମାଲିକଙ୍କ ମଧ୍ୟରେ ଛନକା ପଶିଛି। ମିଳିଥିବା ସୂଚନାନୁଯାୟୀ, ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ଓ ସରକାରୀ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଟୋ ଓ ଚାରିଚକିଆ ଗାଡ଼ିରେ ବିପଜ୍ଜନକ ଭାବେ ନେବା ଆଣିବା କରାଯାଉଛି ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଗୋଟିଏ ଅଟୋରେ ୧୨ରୁ ୧୫ ଜଣ ପିଲାଙ୍କୁ ନିଆଯାଉଛି। ଏ ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପାଇଥିଲା। ଏହାକୁ ଗୁରୁତର ସହ ନେଇ ଜିଲ୍ଲା ପରିବହନ ବିଭାଗ ଗତକାଲି ଅଚାନକ ଚଢ଼ାଉ କରିଥିଲା।

ଯାଞ୍ଚ ବେଳେ କାକଟପୁର ଅଞ୍ଚଳର ଏକ ଘରୋଇ ସ୍କୁଲ୍ ବସ୍‌କୁ ଅଟକାଯାଇଥିଲା। ଯାଞ୍ଚରୁ ଜଣାପଡ଼ିଲା ଯେ ବସର ଫିଟନେସ ନାହିଁ, ପଲ୍ୟୁସନ ସାର୍ଟିଫିକେଟ ନାହିଁ ଓ ଡ୍ରାଇଭରଙ୍କ ପାଖରେ ବୈଧ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ନାହିଁ। ବିନା କାଗଜପତ୍ରରେ କୋମଳମତି ଛାତ୍ରଛାତ୍ରୀଙ୍କୁ ନେଇ ବସ ଚଳାଚଳ କରୁଥିଲା। ଏହା ଦେଖି ପରିବହନ ଅଧିକାରୀ ତୁରନ୍ତ ବସକୁ ୧୫ ହଜାର ଟଙ୍କା ଫାଇନ୍ କରିଥିଲେ। ଏହାଛଡ଼ା ଅନ୍ୟ ଅନେକ ଅଟୋ ଓ ଚାରିଚକିଆ ଗାଡ଼ିର ମଧ୍ୟ ଯାଞ୍ଚ କରାଯାଇଥିଲା। ଅନେକ ଗାଡ଼ିରେ ନିୟମ ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଥିଲା। ଏନେଇ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ କୌଣସି ସାଲିସ କରାଯିବ ନାହିଁ। ଆଗକୁ ଏହି ଯାଞ୍ଚ ଆହୁରି କଡ଼ାକଡ଼ି ହେବ। ନିୟମ ଉଲ୍ଲଂଘନ କରୁଥିବା ସ୍କୁଲ ବସ ଓ ଅଟୋ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।

# ଖୋଲିବ ଇନ୍ଦ୍ରାବତୀ ଜଳଭଣ୍ଡାର ଗେଟ୍

## ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି




ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ୧୯ (ସଂଚାର ବ୍ୟୁରୋ): ଦ୍ରୁତଗତିରେ ଭର୍ତ୍ତି ହେଉଛି ଇନ୍ଦ୍ରାବତୀ ଜଳଭଣ୍ଡାର। ତେଣୁ ପରିସ୍ଥିତିକୁ ନିରୀକ୍ଷଣ କରିବା ପରେ ଜଳଭଣ୍ଡାର ଗେଟ୍ ଖୋଲିବାକୁ ପ୍ରକଳ୍ପ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ପରେ ତଳିଆ ଅଞ୍ଚଳରେ ମାଇକ୍ ଯୋଗେ ପ୍ରଚାର ଆରମ୍ଭ ହୋଇଛି। ଇନ୍ଦ୍ରାବତୀ ଜଳଭଣ୍ଡାର ମୁଣ୍ଡ ତଥା କଳାହାଣ୍ଡି, କୋରାପୁଟ ଓ ରାୟଗଡ଼ା ଜିଲ୍ଲା ପାଇଁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଯଦି ଏହି ଅଞ୍ଚଳରେ ବର୍ଷା ପରିମାଣ ବଢ଼ିବ ତେବେ ଜଳଭଣ୍ଡାର ଜଳସ୍ତର ସର୍ବୋଚ୍ଚ ସ୍ତରକୁ ଛୁଇଁବାର ସମ୍ଭାବନା ରହିଛି। ତେଣୁ ପ୍ରକଳ୍ପ ପ୍ରଶାସନ ଆଗୁଆ ପଦକ୍ଷେପ ସ୍ୱରୂପ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି ଯେ କୌଣସି ମୁହୂର୍ତ୍ତରେ ଜଳଭଣ୍ଡାରର ଗେଟ୍ ଖୋଲି ଜଳ ନିଷ୍କାସନ କରାଯିବ।

ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ କୋଷାଗୁମୁଡ଼ା ତହସିଲଦାର, ବିଡିଓ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି। ଇନ୍ଦ୍ରାବତୀ ନଦୀର ତଳିଆ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ କରାଯାଇଛି। ଇନ୍ଦ୍ରାବତୀ ଜଳଭଣ୍ଡାର ଉପଖଣ୍ଡ ଅଧିକାରୀ କମଳ କୁମାର ବେହେରାଙ୍କ ସୂଚନା ଅନୁଯାୟୀ, ସୋମବାର ସକାଳ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୩୯.୬୦୦ ମିଟରରେ ପହଞ୍ଚିଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ବର୍ତ୍ତମାନ ପ୍ରାୟ ୨.୪ ମିଟର ତଳେ ଜଳସ୍ତର ରହିଛି।

ବର୍ଷା ଜାରି ରହିଥିବାରୁ ଆଗକୁ ଜଳସ୍ତର ଆହୁରି ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଏବଂ ନବରଙ୍ଗପୁର ବ୍ଲକ ତଥା ଇନ୍ଦ୍ରାବତୀ ନଦୀର ତଳିଆ ଅଞ୍ଚଳରେ ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ବିଭାଗୀୟ କର୍ମଚାରୀ ଗାଁ ଗାଁ ବୁଲି ପ୍ରଚାର କରିବା ସହ ନଦୀକୁ ନ ଯିବାକୁ ଏବଂ ଗୃହପାଳିତ ପଶୁପକ୍ଷୀଙ୍କୁ ନଦୀ ନିକଟକୁ ନ ଛାଡ଼ିବା ପାଇଁ କୁହାଯାଇଛି। ଗେଟ୍ ଖୋଲାଯିବା ପରେ ନଦୀରେ ହଠାତ୍ ଜଳପ୍ରବାହ ବଢ଼ିବାର ସମ୍ଭାବନା ରହିଥିବାରୁ ଆଗୁଆ ଏଭଳି ସତର୍କତା ଅବଲମ୍ବନ କରାଯାଉଛି।

ସୂଚନାଯୋଗ୍ୟ, ପୂର୍ବରୁ ୨୦୧୯ ମସିହାରେ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯାଇଥିଲା। ୭ ବର୍ଷ ପରେ ପୁଣି ଜଳ ନିଷ୍କାସନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଦୁର୍ଗା ମନ୍ଦିରର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍




ହିଞ୍ଜିଳିକାଟୁ, ୧୯ (ସଂଚାର ବ୍ୟୁରୋ): ସୋମବାର ବିଳମ୍ବିତ ରାତ୍ରିରେ ହିଞ୍ଜିଳି ମା ' କନକ ଦୁର୍ଗା ମନ୍ଦିରକୁ ଟାର୍ଗେଟ୍ କରି ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଦୁର୍ବୃତ୍ତ ମାନେ ଭିତରକୁ ପଶି ଦୁର୍ଗା ମନ୍ଦିର ସାମ୍ନା ହଲ ମଣ୍ଡପରେ ଥିବା କାଚ ଦାନହୁଣ୍ଡିରୁ ଓଲଟାଇ ପ୍ରାୟ ୩୦ ହଜାର ଟଙ୍କା ଚୋରି ଯାଇଥିବା ଜଣାପଡିଛି। ଭୋର ୪ଟା ସମୟରେ ମନ୍ଦିର ପୂଜାରୀ ଯୁଧିଷ୍ଠିର ମୁନୀ ମନ୍ଦିର ଖୋଲିବା ମାତ୍ରେ ହୁଣ୍ଡିକୁ ଘୁଞ୍ଚି ରହିଥିବା ଓ ଓଲଟାଇ ରହିଥିବା ଦେଖି ମନ୍ଦିର କମିଟି ସଦସ୍ୟଙ୍କୁ ଜଣାଇଥିଲେ।

ଦୁର୍ବୃତ୍ତ ମାନେ ପ୍ରଥମେ ଗ୍ରୀଲକୁ ଠେଲିବା ଉଦ୍ୟମ ଏବଂ ପରେ ଗ୍ରୀଲ ଓ ଲେଥାର ମଧ୍ୟରେ ୧ ଫୁଟ ବ୍ୟବଧାନ ଥିବାରୁ ତେଇଁ ଭିତରକୁ ଆସିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ଗତ ୧୫ ଦିନ ହେଲା ବଜ୍ରପାତ ଫଳରେ ଲାଗିଥିବା ସିସିଟିଭି ପୋଡ଼ିଯାଇଥିବା ନେଇ ଜଣାପଡିଛି। ସକାଳେ ମନ୍ଦିର କମିଟି ସଦସ୍ୟ ଏ ନେଇ ହିଞ୍ଜିଳି ଥାନାରେ ଏତଲା ପ୍ରଦାନ କରିଛନ୍ତି। ଆଗକୁ ପାର୍ବଣ ଋତୁ ଥିବାରୁ ଚୋରଙ୍କ ଲୋଲୁପ ଦୃଷ୍ଟି ମନ୍ଦିର ଉପରେ ପଡିଛି। ଆସନ୍ତା ମାସରେ ମା'ଙ୍କ ପର୍ବ ଆରମ୍ଭ ହେବାକୁ ଥିବା ବେଳେ ରାତ୍ରୀକାଳୀନ ପେଟ୍ରୋଲିଙ୍ଗ ବ୍ୟବସ୍ଥାକୁ ଆହୁରି କଡ଼ାକଡି କରିବାକୁ ଦାବି ହୋଇଛି। ମନ୍ଦିର ଭିତରେ ବିଳମ୍ବିତ ରାତ୍ରୀ ଯାଏଁ କିଛି ଅସାମାଜିକ ବ୍ୟକ୍ତି ଆଡ୍ଡା ବନାଉଥିବା ଅଭିଯୋଗ ହୋଇଛି। ସଦସ୍ୟଙ୍କ ଏତଲା କ୍ରମେ ପୁଲିସ ମାମଲା ରୁଜୁ କରି ବିଭିନ୍ନ ଦିଗରୁ ଛାନଭିନ ଆରମ୍ଭ କରିଛି।

## ୨୮ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ



ନୀଳଗିରି, ୧୯ (ସଂଚାର ବ୍ୟୁରୋ): ଆଜି ନୀଳଗିରି ଅବକାରୀ ଟିମ୍ ଦ୍ୱାରା ନୀଳଗିରି ଥାନା ଅନ୍ତର୍ଗତ ପୋଡାଶୁଳ ବଜାରରେ ଚଢ଼ାଉ କରାଯାଇ ୨୮ ଲିଟର ବିଦେଶୀ ମଦ ଏବଂ ଗୋଟିଏ ହିରୋ ଏଚଏଫ ଡିଲକ୍ସ ମୋଟରସାଇକେଲ ଜବତ କରାଯାଇଥିବା ବେଳେ ମଦ ବେପାରରେ ସଂଶ୍ଳିଷ୍ଟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ୧୬୩/୨୬-୨୭ ରେ ଏକ ମାମଲା ରୁଜୁ କରାଯାଇ ବେଲ ନମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସେ ହେଲେ ସିଆଡ଼ିମାଳ ପଞ୍ଚାୟତ ସୀତାପତିପୁର ଗ୍ରାମର ରତିକାନ୍ତ ବେହେରାଙ୍କ ପୁଅ ହରେକୃଷ୍ଣ ବେହେରା (୨୩) ବୋଲି ଜଣାପଡ଼ିଛି। ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗର ଥାନା ଅଧିକାରୀ ଶ୍ରୀମତୀ ଗଙ୍ଗୋମଣି ହେମ୍ବ୍ରମ, ଏଏସଆଇ ସୁଶାନ୍ତ କୁମାର ରାଉତ, କନେଷ୍ଟବଳ ସନ୍ତୋଷ କୁମାର ବେହେରା ଓ ତପନ କୁମାର ମଲ୍ଲିକ ସାମିଲଥିଲେ।

## ତିନିକୋଶିଆରେ ମାତିଲେଣି ଲୁଟେରା
## ମହିଳାଙ୍କୁ ବନ୍ଧୁକ ଦେଖାଇ ଲୁଟିଲେ



ନୀଳଗିରି, ୧|୯ (ସଂଚାର ବ୍ୟୁରୋ): ବନ୍ଧୁକ ଦେଖାଇ ମହିଳାଙ୍କୁ ଲୁଟିଲେ ଦୁର୍ବୃତ୍ତ ଏପରି ଘଟଣାଘଟିଛିଶେରଗଡ଼-ଝରଣଘାଟୀ ୧୯ ନଂ ରାଜ୍ୟ ରାଜପଥର ଦେବଯାନୀ ଛକ ନିକଟରେ ସୂଚନା ମୁତାବକ; ଆମ୍ବଝର ଗ୍ରାମର ମୁନୀ ସିଂ(୪୦) କୌଣସି କାର୍ଯ୍ୟରେ ସକାଳେ ନୀଳଗିରି ଆସିଥିଲେ। ଅପରାହ୍ନରେ ବସ୍ ଯୋଗେ ଆସି ଦେବ୍ଯାନୀ ଛକରେ ଓହ୍ଲାଇ ସେଠାରୁ ଚାଲିଚାଲି ଘରକୁ ଯାଉଥିଲେ | ଏହି ସମୟରେ ଏକ ବାଇକ୍‌ରେ ୩ ଜଣ ଯୁବକ ଆସି ମୁନୀଙ୍କୁ ଖଣ୍ଡା ଓ ବନ୍ଧୁକ ଦେଖାଇ ଟଙ୍କା ଦେବା ପାଇଁ କହିଥିଲେ। ହେଲେ ସେ ଟଙ୍କା ନ ଦେବାରୁ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ମୋବାଇଲ, ୨ ହଜାର ଟଙ୍କା ଓ ବ୍ୟାଙ୍କ ପାସ୍ ବହି ଲୁଟି ନେଇଥିଲେ। ମୁନୀ ମଧ୍ୟ ଲୁଟେରାଙ୍କ ସହ ବେଶ୍ କିଛି ସମୟ ଲଢ଼ିଥିଲେ | ଏପରିକି ଧରିଥିବା ଛତାରେ ପିଟି ଲୁଟେରାଙ୍କ ବନ୍ଧୁକର ଏକ ଅଂଶକୁ ଭାଙ୍ଗିଦେବା ସହ ସେମାନଙ୍କ କବଳରୁ ନିଜକୁ ବଞ୍ଚାଇଥିଲେ।

ଏଭଳି ଦୁଃସାହସୀକତାର ଡରି ନଯାଇ ଦୁର୍ବୃତ୍ତଙ୍କ ସହ ଲଢ଼ି ତାଙ୍କ ବନ୍ଧୁକର କିଛି ଅଂଶକୁ ଛତା ପାହାରରେ ଭାଙ୍ଗି ନିଜକୁ ଦୁର୍ବୃତ୍ତ କବଳରୁ ମୁକୁଳିବା ନେଇ ସବୁମହଲରେ ଭୁରି ଭୁରି ଧନ୍ୟବାଦ ଦେବା ସହିତ ଉଚ୍ଚ ପ୍ରଶଂସା ସାଧାରଣରେ କରୁଛନ୍ତି। ଖବର ପାଇ ବରହମପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ଜଙ୍ଗଲ ରାସ୍ତା ହେଉଥିବା କାରଣରୁ ତଥା ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି ହେଉନଥିବାରୁ ଦୁର୍ବୃତ୍ତ ସକ୍ରିୟ ହୋଇ ପଡ଼ିଛନ୍ତି। ଏନେଇ ବରହମପୁର ଥାନା ଭାରାପ୍ରାପ୍ତ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କୁ ପଚାରିବାରୁ ଏହା ନକଲି ବନ୍ଧୁକ ବୋଲି ଲାଗୁଛି। ତଦନ୍ତ ଜାରି ରହିଛି ଓ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ଆନନ୍ଦପୁର ମୁଖ୍ୟ ଡାକଘରେ ମିଳୁନି ଉପଯୁକ୍ତ ସେବା



### ଘଣ୍ଟା ଘଣ୍ଟା ଅପେକ୍ଷା ପରେ ନିରାଶ ଗ୍ରାହକ

### ବିଦ୍ୟୁତ୍ କାଟ ହେଲେ ଠପ୍ ଡାକ ସେବା

### ତିନିମାସ ହେଲା ଅଚଳ ଜେନେରେଟର

ଆନନ୍ଦପୁର, ୧୯ (ସଂଚାର ବ୍ୟୁରୋ): ଆନନ୍ଦପୁର ମୁଖ୍ୟ ଡାକଘରରେ ଗ୍ରାହକଙ୍କୁ ମିଳୁନି ଉପଯୁକ୍ତ ସେବା। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ବି ସେବା ନପାଇ ଦୁଃଖ ପ୍ରକାଶ କରି ଫେରିଯାଉଛନ୍ତି ଲୋକେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ଆର୍ଥିକ କାରବାର ସମେତ ଅନେକ ଜରୁରୀ ସେବା ଡାକ ବିଭାଗ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚୁଛି। ଲକ୍ଷ ଲକ୍ଷ ଲୋକ ଡାକ ବିଭାଗ ଉପରେ ନିର୍ଭର କରୁଥିବା ବେଳେ ଆନନ୍ଦପୁର ଉପଖଣ୍ଡବାସୀଙ୍କ ପାଇଁ ଏହି ଡାକଘରର ଅବ୍ୟବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଶେଷରେ ନିରାଶ ହୋଇ ଘରକୁ ଫେରୁଥିବା ଅଭିଯୋଗ ହେଉଛି।

ପ୍ରଶ୍ନ ଉଠୁଛି, ଦୀର୍ଘ ତିନିମାସ ଧରି ଜେନେରେଟର ଖରାପ ହୋଇ ପଡ଼ିଥିବା ସତ୍ତ୍ୱେ ଏହାର ମରାମତି କାହିଁକି ହେଉନାହିଁ? ବିଦ୍ୟୁତ୍ କାଟ ସମୟରେ ଗ୍ରାହକଙ୍କୁ ନିରବିଚ୍ଛିନ୍ନ ସେବା ଯୋଗାଇବା ପାଇଁ ବିକଳ୍ପ ବ୍ୟବସ୍ଥା କାହିଁକି କରାଯାଇନାହିଁ? ଆନନ୍ଦପୁର ଉପଖଣ୍ଡବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତୁରନ୍ତ ଜେନେରେଟର ମରାମତି କରିବା ସହ ବିଦ୍ୟୁତ୍ କାଟ ସମୟରେ ମଧ୍ୟ ଡାକ ସେବା ସ୍ୱାଭାବିକ ରଖିବାକୁ ଦାବି ହେଉଛି।

ତେବେ ଏହି ବିଷୟରେ ପୋଷ୍ଟ ମାଷ୍ଟର ଦୁର୍ଯ୍ୟଧନ ସେଠୀ କହିଛନ୍ତି ଆମେ ଦେଢ଼ ମାସ ହେଲା ଉପର ଅଫିସରଙ୍କୁ ଅବଗତ କରିଛୁ ତାଙ୍କ ପକ୍ଷରୁ କୌଣସି ପଦକ୍ଷେପ ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ, ଖୁବ୍ ଶୀଘ୍ର ସମସ୍ୟା ସମାଧାନ କରିବେ ବୋଲି ଉପ ଅଫିସର କହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା କେବେ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁଛି, ଆନନ୍ଦପୁର ଉପଖଣ୍ଡବାସୀଙ୍କ ଡାକ ସୁବିଧା ମିଳୁଛି।

## ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ପ୍ରତିବାଦ ଯାତ୍ରା

### ରାହୁଲ ଗାନ୍ଧୀଙ୍କ ସ୍ୱାଭିମାନ ସହ ସାଲିସ୍ ଅସମ୍ଭବ




ଭୁବନେଶ୍ୱର, ୧୯ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ଯାତ୍ରା ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କ ଛକ ଠାରେ ଆୟୋଜିତ ହୋଇଥିଲା। ବିରୋଧି ଦଳ ନେତା ରାହୁଗାନ୍ଧୀଙ୍କ ବିରୁଦ୍ଧରେ ଏକଛତ୍ରବାଦୀ ବିଜେପି ସରକାରର ମିଛ ଏଫଆଇଆର ରୁଜୁକୁ ନେଇ ସାରା ଦେଶରେ ପ୍ରତିବାଦ ଯାତ୍ରା ଅନୁଷ୍ଠିତ ହୋଇଛି। ସେହି ପରିପେକ୍ଷିରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କ ଉପସ୍ଥିତରେ ପ୍ରତିବାଦ ଯାତ୍ରା ଖ୍ରୀଷ୍ଟିଆନ ସାହି ଠାରୁ ବାହାରି ଷ୍ଟେଟ ବ୍ୟାଙ୍କ ଛକ ନିକଟସ୍ଥ ଗାନ୍ଧୀ ମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା। ରାହୁଲ ଗାନ୍ଧୀଙ୍କ ସ୍ୱାଭିମାନ ସହିତ ଖେଳିଲେ ବିଜେପିକୁ ବହୁ ମୂଲ୍ୟ ଦେବାକୁ ପଡିବ ଏବଂ କଂଗ୍ରେସ ଶ୍ରୀ ଗାନ୍ଧୀଙ୍କ ସ୍ୱାଭିମାନ ସହିତ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଥିଲେ। ଆଗକୁ ଏହା ମହାଆନ୍ଦୋଳନର ରୂପ ନେବ ବୋଲି ଚେତାବନି ଦେଇଥିଲେ।

## ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ନୂତନ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ



ସୁନ୍ଦରଗଡ଼, ୧|୯ (ସଂଚାର ବ୍ୟୁରୋ): ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ସୁନ୍ଦରଗଡ଼ରେ ମଙ୍ଗଳବାର ଅନେକ ଗୁରୁତ୍ୱପୂର୍ଣ୍ଣ ଆଧୁନିକ ଚିକିତ୍ସାସେବାର ଶୁଭାରମ୍ଭ ହୋଇଛି। ଏହା ଫଳରେ ଜିଲ୍ଲାବାସୀଙ୍କୁ ଉନ୍ନତ ଓ ବିଶେଷଜ୍ଞ ଚିକିତ୍ସାସେବା ନିଜ ଅଞ୍ଚଳରେ ଉପଲବ୍ଧ ହେବ।

ଏଠାରେ ଶ୍ୱାସକ୍ରିୟା ଚିକିତ୍ସା ବିଭାଗରେ ଫାଇବର ଅପ୍ଟିକ ବ୍ରୋଚୋସ୍କୋପ ଆଜିଠାରୁ କାର୍ଯ୍ୟକ୍ଷମ କରାଯାଇଛି। ଏହି ଆଧୁନିକ ଯନ୍ତ୍ର ମାଧ୍ୟମରେ ଶ୍ୱାସନଳୀ ଓ ଫୁସଫୁସ ସମ୍ବନ୍ଧୀୟ ବିଭିନ୍ନ ରୋଗର ଉନ୍ନତ ନିଦାନ ଓ ଆବଶ୍ୟକ ଚିକିତ୍ସା ପ୍ରକ୍ରିୟା ସୁବିଧାଜନକ ହେବ। ଏଥିସହିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ଠାରେ ସିଟିସ୍କାନ ସେବା ମଧ୍ୟ ଆରମ୍ଭ ହୋଇଛି। ଆଜି ପ୍ରଥମ ଦିନରେ ୪ ଜଣ ଇନ୍‌ଡୋର୍ ରୋଗୀ ଏହି ସେବାର ସୁବିଧା ପାଇଛନ୍ତି। ଏହି ସେବା ଆରମ୍ଭ ହେବା ଫଳରେ ଜଟିଳ ରୋଗର ଶୀଘ୍ର ଓ ନିର୍ଭୁଲ ନିଦାନରେ ସହାୟତା ମିଳିବ।

ଅନ୍ୟ ପକ୍ଷରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ସୁନ୍ଦରଗଡ଼ରେ ନେଫ୍ରୋଲୋଜି ଆଉଟଡୋର୍ ସୁପର୍ ସ୍ପେସିଆଲିଟି ସେବା ମଧ୍ୟ ଆଜିଠାରୁ ଆରମ୍ଭ ହୋଇଛି। କିଡନୀ ସମ୍ବନ୍ଧୀୟ ଜଟିଳ ରୋଗରେ ପୀଡ଼ିତ ରୋଗୀମାନେ ଏହି ବିଶେଷଜ୍ଞ ଚିକିତ୍ସାସେବା ଦ୍ୱାରା ଉପକୃତ ହୋଇପାରିବେ। ଏହି ନୂତନ ସେବାଗୁଡ଼ିକର ଶୁଭାରମ୍ଭ ସୁନ୍ଦରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ଦ୍ୱାରା ଜିଲ୍ଲା ତଥା ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ଉନ୍ନତ ନିଦାନ ଓ ସୁପର୍ ସ୍ପେସିଆଲିଟି ଚିକିତ୍ସା ପାଇଁ ଦୂରସ୍ଥାନକୁ ଯିବାର ଆବଶ୍ୟକତା କମିବ ଏବଂ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳିପାରିବ।

## ସହରର ସ୍ୱଚ୍ଛତାକୁ ନେଇ କାଉନସିଲର ଅସନ୍ତୁଷ୍ଟ





ଯାଜପୁର ରୋଡ଼, ୧|୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ୨୬ ଗୋଟି ୱାର୍ଡକୁ ନେଇ ଗଠିତ। ଏହି ପୌରସହରର ସ୍ୱଚ୍ଛତାକୁ ନେଇ ଏବେ ଅସନ୍ତୋଷ ପ୍ରକାଶ କରିଛନ୍ତି ୱାର୍ଡ ନଂ-୧ କାଉନସିଲର ବିଜୟ କୁମାର ଜେନା।

ସହରର ପ୍ରତ୍ୟେକ ୱାର୍ଡକୁ ସ୍ୱଚ୍ଛତା ରଖିବାକୁ ବ୍ୟାସନଗର ପୌର ପ୍ରଶାସନ ସଂସ୍ଥାନ ଠାରୁ "ନିରାକାର ଠିକା ସଂସ୍ଥା" ଠିକା ନେଇଛି। କିନ୍ତୁ ଗୋଟେପଟେ ସହରର ସ୍ୱଚ୍ଛତା ପାଇଁ ଠିକା ସଂସ୍ଥାକୁ ପୌର ପରିଷଦ ପକ୍ଷରୁ ମାସିକ ଲକ୍ଷ ଲକ୍ଷ ଟଙ୍କାର ବିଲ କରଯାଉଥିବା ବେଳେ ସହରର ଗଳିକନ୍ଦିରୁ ଠିକଭାବରେ ଅଳିଆ ଆବର୍ଜନା ସଫା ନହେଉଥୁବା ଯୋଗୁଁ ଜନସାଧାରଣମାନେ ରାଗ କରୁଥିବା ବେଳେ ଏହି ସଫେଇ ସଂସ୍ଥାରେ ଆବଶ୍ୟକୀୟ ସଫେଇ କର୍ମଚାରୀ ଅଭାବ, ସଫେଇ କାର୍ଯ୍ୟ ପାଇଁ ଆବଶ୍ୟକ ଗାଡ଼ି ଉପଲବ୍ଧ ନଥିବା, ଠିକ୍ ଭାବରେ ସଫେଇ କର୍ମଚାରୀ ମାନଙ୍କୁ ଦରମା ଦିଆଯାଉନଥିବା, ହାଜିରା ଦରମାରୁ ଦିନେ ଦୁଇ ଦିନର ହାଜିରା ଟଙ୍କା ନଦିଆଯାଇ କଟାଯାଉଥିବା, ଗରିବ ସଫେଇ କର୍ମଚାରୀ ମାନଙ୍କୁ ଠକାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି।

ଏଥିସହ ଅନେକ ସ୍ଥାନରେ ଅଳିଆ ଆବର୍ଜନା ସଫା କରାଯାଉନାହିଁ ବୋଲି ସହରର ପ୍ରତ୍ୟେକ ୱାର୍ଡର ସ୍ୱଚ୍ଛତା ହୋଇ ପାରୁନାହିଁ ସେଥିପାଇଁ କାଉନସିଲର ଶ୍ରୀ ଜେନା ସ୍ୱୟାତ ଶାସନ ଦିବସ ଅବସରରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଜରିଆରେ ସହରର ସ୍ୱଚ୍ଛତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହାସହ ଉକ୍ତ ଠିକା ସଂସ୍ଥାକୁ ବ୍ଲାକ ଲିଷ୍ଟ କରାଯାଉ ବୋଲି ଜଣାଇଛନ୍ତି। ନହେଲେ ସହରର ଜନବସତି ମଧ୍ୟରେ ବିଭିନ୍ନ ସ୍ଥାନରେ ପଡ଼ିରହିଥିବା ଅଳିଆ ଆବର୍ଜନାକୁ ଅଣାଯାଇ ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଗଦାଇଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ଦର୍ଶନ ପାଇଁ ଜୋରଜବରଦସ୍ତି ଅର୍ଥ ଆଦାୟ ଅଭିଯୋଗ



ସତ୍ୟବାଦୀ, ୧|୯ (ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ମନ୍ଦିରରେ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କଠାରୁ ଜୋରଜବରଦସ୍ତି ଅର୍ଥ ଆଦାୟ ଓ ଦୁର୍ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହାକୁ ଖଣ୍ଡନ କରିଛି ସେବାୟତ ସଂଘ। ଘଟଣାର ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ମହାରାଷ୍ଟ୍ରର ଦୀପକ ଆନ୍ନା ପାଟିଲ ନାମକ ଜଣେ ଭକ୍ତ ଗତ ଅଗଷ୍ଟ ୨୮ ତାରିଖରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ କରିଥିବା ଅଭିଯୋଗରେ ଦର୍ଶନ ପାଇଁ ତାଙ୍କଠାରୁ ଜୋରଜବରଦସ୍ତି ଅର୍ଥ ଆଦାୟ, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଏବଂ ଅର୍ଥ ନଦେଲେ ଦର୍ଶନରୁ ବଞ୍ଚିତ କରାଯିବା ଭଳି ଅଭିଯୋଗ ଆଣିଥିଲେ। ଜିଲ୍ଲାପାଳ ଅଭିଯୋଗଟି ପଞ୍ଜିକୃତ କରି ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ଦେବ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘକୁ ଚିଠି ମାଧ୍ୟମରେ ଅବଗତ କରାଯାଇ ଘଟଣାର ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା।

ତେବେ ସେବାୟତ ସଂଘର ସଭାପତି ବିଜୟ ମହାପାତ୍ର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଭଳି କାର୍ଯ୍ୟ କୌଣସି ସେବାୟତ କରିନଥିବା ସେ କହିଛନ୍ତି। ମନ୍ଦିର ବାହାରେ

### ଖଣ୍ଡନ କଲା ସେବାୟତ ସଂଘ

ବିଭିନ୍ନ ଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ନେଇ ସେ ସୂଚନା ଦେଇଥିବା ବେଳେ ଏଥିରେ ସେବାୟତମାନଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ତହସିଲଦାର ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ଏ ସମ୍ପର୍କରେ ପୂର୍ବରୁ ମଧ୍ୟ ବାରମ୍ବାର ଅଭିଯୋଗ ମିଳିଛି। ଚଳିତ ଅଭିଯୋଗର ସଠିକ୍ ତଦନ୍ତ କରାଯାଇ ତଥ୍ୟ ଆଧାରରେ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଏପରି ଅଭିଯୋଗ ବାରମ୍ବାର ଆସିବା ଦ୍ୱାରା ସତ୍ୟବାଦୀ ଓ ସାକ୍ଷୀଗୋପାଳର ଭାବମୂର୍ତ୍ତି ପ୍ରଭାବିତ ହେଉଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଏଭଳି ଅଭିଯୋଗ ଯେପରି ନଆସେ, ସେଥିପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ଢେଙ୍କାନାଳ ସହରରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

### ୧୫୦ କିଲୋଗ୍ରାମ ବାସି ଓ କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ନଷ୍ଟ

### ୨.୧୦ ଲକ୍ଷ ଜରିମାନା ଆଦାୟ



ଢେଙ୍କାନାଳ, ୧|୯ (ସଂଚାର ବ୍ୟୁରୋ): ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ତଥା ଜନସାଧାରଣଙ୍କୁ ସୁସ୍ଥ ଓ ନିରାପଦ ଖାଦ୍ୟ ଯୋଗାଣ ଉଦ୍ଦେଶ୍ୟରେ ଆଜି ଢେଙ୍କାନାଳ ସହରର ବିଭିନ୍ନ ଅଞ୍ଚଳରେ ହୋଟେଲ, ରେଷ୍ଟୁରାଣ୍ଟ ଓ ମିଠା ଦୋକାନଗୁଡ଼ିକରେ ମିଳିତ ଭାବେ ଖାଦ୍ୟ ସୁରକ୍ଷା ଯାଞ୍ଚ କରାଯାଇଥିଲା।

ଦକ୍ଷିଣକାଳୀ ରୋଡ୍, ମେଡିକାଲ ବାଇପାସ୍ ରୋଡ୍, ମହାବୀର ବଜାର, ମୀନା ବଜାର, ଗଣେଶ ବଜାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଅଞ୍ଚଳ ଏବଂ ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ଏହି ଯାଞ୍ଚ କରାଯାଇଥିଲା। ଏହି ଅଭିଯାନରେ ମୋଟ ୧୮ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିଲା।

ଯାଞ୍ଚ ସମୟରେ ପ୍ରାୟ ୧୫୦ କିଲୋଗ୍ରାମ ବାସି ଖାଦ୍ୟ ଏବଂ କୃତ୍ରିମ ରଙ୍ଗ ବ୍ୟବହୃତ ଖାଦ୍ୟ ନଷ୍ଟ କରାଯାଇଥିଲା। ଏଥିସହ ପୁନଃବ୍ୟବହାର ପାଇଁ ରଖାଯାଇଥିବା ପ୍ରାୟ ୨୦ ଲିଟର ବ୍ୟବହୃତ ରନ୍ଧନ ତେଲ ମଧ୍ୟ ନଷ୍ଟ କରାଯାଇଥିଲା। ନିୟମ ଉଲ୍ଲଂଘନ କରିଥିବା ୧୦ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ ଉପରେ ମୋଟ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚରେ ବିଭିନ୍ନ ଖାଦ୍ୟ ସାମଗ୍ରୀର ୨୭ଟି ସନ୍ଦିଗ୍ଧ ନମୁନା ସଂଗ୍ରହ କରାଯାଇ ଲାବୋରେଟୋରୀ ପରୀକ୍ଷା ପାଇଁ ପଠାଯାଇଛି।



## ସଟରିଂରୁ ଖସିପଡ଼ି ଭାଙ୍ଗିଲା ବେକର ହାଡ଼

### ସୁସ୍ଥ ହେବା ପାଇଁ ଦରକାର ୨୦ ଲକ୍ଷରୁ ଊର୍ଦ୍ଧ୍ୱ

### ସହଯୋଗ ପାଇଁ ପରିବାରର ଆକୁଳ ନିବେଦନ

କାକଟପୁର/ଅସ୍ତରଙ୍ଗ, ୧|୯ (ସଂଚାର ବ୍ୟୁରୋ): ସମୁଦ୍ର ସହ ଯୁଦ୍ଧ କରି ପରିବାର ପୋଷୁଥିବା ବାପା ଏବେ ପୁଅର ଚିକିତ୍ସା ପାଇଁ ସମସ୍ତଙ୍କ ସହାୟତା ଲୋଡ଼ିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗବ୍ଲକ ନଗର ପଞ୍ଚାୟତ ବାଲିଡିଆ ଗାଁର ବିଷ୍ଣୁ ଦଳାଇଙ୍କ ପରିବାର ଉପରେ ଏବେ ଦୁଃଖର କଳା ବାଦଲ। ତାଙ୍କର ଏକମାତ୍ର ପୁଅ ୨୨ ବର୍ଷୀୟ ବବୁଲ ଦଳାଇ ଗତ ୮ ଦିନ ହେଲା ଭୁବନେଶ୍ୱର ସମ୍ ଅଲ୍ଟିମେଟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସୁସ୍ଥତା ପାଇଁ ବଡ ଅପରେସନ ଜରୁରୀ ବୋଲି ଡାକ୍ତର କହିଛନ୍ତି।

ବିଷ୍ଣୁ ଦଳାଇ ୩ ଝିଅ ଓ ଗୋଟିଏ ପୁଅର ବାପା। ସମୁଦ୍ରକୁ ମାଛ ଧରିବାକୁ ଯାଇ ଦିନକୁ ଯାହା ପାଆନ୍ତି ସେଥିରେ ୫ ପ୍ରାଣୀ ପରିବାର ଚଳେ। ଅଭାବ ଭିତରେ ବଡ ହୋଇଥିବା ବବୁଲ ବାପାଙ୍କ କଷ୍ଟ ଦେଖି ପାରିଲେନି। ପାଠପଢ଼ା ଛାଡି ଦୁଇ ବର୍ଷ ତଳେ ପରିବାର ପ୍ରତିପୋଷଣ ପାଇଁ ସେ ତାମିଲନାଡୁ ତିରୁପୁରକୁ ସଟରିଂ କାମ କରିବାକୁ ଯାଇଥିଲେ। ତିନି ଭଉଣୀଙ୍କ ଏକମାତ୍ର ଭାଇ, ଘରର ଏକମାତ୍ର ଆଶା ଥିଲେ ବବୁଲ। ସେଠାରେ ଦିନରାତି ପରିଶ୍ରମ କରି ଯାହା ରୋଜଗାର କରୁଥିଲେ ପ୍ରତି ମାସରେ ଘରକୁ ପଠାଉଥିଲେ। ହେଲେ ଗତ ୨୪ ଅଗଷ୍ଟ ୨୦୨୬ରେ ସବୁ ସ୍ୱପ୍ନ ଚୁରମାର ହୋଇଗଲା। ସଟରିଂ କାମ କରୁଥିବା ବେଳେ ହଠାତ୍ ଉପରୁ ଖସି ପଡିବାରୁ ତାଙ୍କ ବେକ ହାଡ ଭାଙ୍ଗି ଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ତିରୁପୁର ସ୍ଥାନୀୟ ହସ୍ପିଟାଲ ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ସମ୍ ଅଲ୍ଟିମେଟ ହସ୍ପିଟାଲକୁ ଆଣିଥିଲେ। ଗତ ୮ ଦିନ ହେଲା ପରିବାର ଲୋକ ହସ୍ପିଟାଲ ବାରଣ୍ଡାରେ ବସି ପୁଅର ସୁସ୍ଥତା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି।

ଡାକ୍ତରଙ୍କ କହିବା ଅନୁଯାୟୀ, ବବୁଲ ପୁଣି ନିଜ ଗୋଡରେ ଠିଆ ହୋଇ ସ୍ୱାଭାବିକ ଜୀବନକୁ ଫେରିବା ପାଇଁ ତୁରନ୍ତ ମେଜର ଅପରେସନ ଜରୁରୀ। ଏଥିପାଇଁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଏତେ ଟଙ୍କା ଯୋଗାଡ କରିବା ଦିନ ମଜୁରିଆ ମତ୍ସ୍ୟଜୀବୀ ବାପା ପାଇଁ ଅସମ୍ଭବ। ଦିନ ମଜୁରିରେ ପରିବାର ଚଳାଉଥିବା ପରିବାର ପାଇଁ ଏହା ପାହାଡ ସମାନ।

ତେଣୁ ଏହି ଅସହାୟ ପରିବାର ସମସ୍ତ ସହୃଦୟ ଓଡିଶାବାସୀ, ଅନୁଷ୍ଠାନ ଏବଂ ପ୍ରବାସୀ ଓଡିଆଙ୍କୁ ହାତ ଯୋଡି ସହଯୋଗ ପାଇଁ ନିବେଦନ କରିଛି। ଯଦି ଆପଣ ସହଯୋଗ କରିବାକୁ ଚାହୁଁଛନ୍ତି ତେବେ ୮୯୮୪୬୨୪୮୨୭ ନମ୍ବରରେ ଯୋଗାଯୋଗ କରନ୍ତୁ। ଆପଣଙ୍କ ଛୋଟ ସହଯୋଗ ବବୁଲଙ୍କୁ ସୁସ୍ଥ କରି ଘରକୁ ଫେରାଇ ଆଣିବ ଏବଂ ୩ ଭଉଣୀ ମୁହଁରେ ହସ ଫୁଟାଇବ।

## ବିଡିଏର ୪୪ତମ ପ୍ରତିଷ୍ଠା ଦିବସ

# ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଲକ୍ଷ୍ୟ

### ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ପ୍ରକଳ୍ପ ପୁସ୍ତିକା ଉନ୍ମୋଚନ




ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୪ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତଥା ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଓ ବିଡିଏ ଅଧ୍ୟକ୍ଷ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଡିଏର ପ୍ରତ୍ୟାଶିତ ସୁବୁଦ୍ଧିପୁର ଏକାମ୍ର ରେସିଡେନ୍ସି ଆବାସିକ ପ୍ରକଳ୍ପର ବିବରଣୀ ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ। ରାଜଧାନୀବାସୀଙ୍କୁ ଏହି ପ୍ରକଳ୍ପ ସମସ୍ତ ସୁବିଧା ସହ ଏକ ଆଧୁନିକ ଓ ସ୍ଥାୟୀ ଜୀବନଯାପନ ଅଭିଜ୍ଞତା ପ୍ରଦାନ କରିବ ବୋଲି ସେ କହିଥିଲେ। ଓଡ଼ିଶାକୁ ଶ୍ରେଷ୍ଠ କରିବାକୁ ହେଲେ ପ୍ରଥମେ ଭୁବନେଶ୍ୱରକୁ ବିକଶିତ କରିବାକୁ ହେବ ବୋଲି ମଧ୍ୟ ସେ କହିଥିଲେ। ମନ୍ତ୍ରୀ କହିଛନ୍ତି ଯେ ବିଡିଏ କେବଳ ଘର ତିଆରି କରୁନାହିଁ; ଲୋକଙ୍କ ଆବଶ୍ୟକତା ଦେଖି କାମ କରୁଛି। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ। ସହରର ଅଭିବୃଦ୍ଧି, ଲୋକଙ୍କ ସ୍ୱପ୍ନର ଘର ଓ ସବୁଜିମା ସଂରକ୍ଷଣ ସହ ସେୱେରେଜ ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ଟିପି ସ୍କିମ୍‌କୁ ସେ ଲୋକଙ୍କ ଆଶାର ମେରୁଦଣ୍ଡ ବୋଲି କହିଛନ୍ତି। ଏଥିରେ ସାଧାରଣ ଲୋକଙ୍କୁ ସବୁ ସୁବିଧା ମିଳିବ। ଜମିର ମୂଲ୍ୟ ବଢ଼ିବ ଓ ଲୋକେ ଲାଭ ପାଇବେ। ସ୍ୱଚ୍ଛତା ରଖି ବସ୍ତିବାସୀଙ୍କୁ ସୁବିଧାଯୁକ୍ତ ଘର ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସହରାଞ୍ଚଳ ବାସହୀନଙ୍କ ପାଇଁ ଆଶ୍ରୟ ପ୍ରକଳ୍ପକୁ ପ୍ରାଥମିକତା ଦେବାକୁ କହିଥିଲେ। ରାଜ୍ୟର ବିକାଶରେ ବିଡିଏ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ହେବ ବୋଲି ସେ କହିଥିଲେ। ସେହିଭଳି ଦୟା କେନାଲ ଓ ଗଙ୍ଗୁଆ ନାଳ ପୁନରୁଦ୍ଧାର ପାଇଁ ଗୁରୁତ୍ୱାରୋପ କରିବା ବେଳେ ଜଟଣୀ ମ୍ୟୁନିସିପାଲିଟି ଚେୟାରମ୍ୟାନ ଅନନ୍ତ ବେହେରା ଜଟଣୀରେ ବାଛୁରା ହିଲଟପ ପାର୍କ ବିକାଶରେ ବିଡିଏର ଭୂମିକା ଉପରେ କହିଥିଲେ। ଭୁବନେଶ୍ୱର କେବଳ ରାଜଧାନୀ ନୁହେଁ, ଏହା ରାଜ୍ୟର ମୁଖ ଓ ଭବିଷ୍ୟତ। ଆଗାମୀ ଦିନରେ ଯେଉଁ ୨୦ବର୍ଷିଆ ବିକାଶ ନକ୍ସା ପ୍ରସ୍ତୁତ ହେଉଛି, ତାହା ଯୋଜନାବଦ୍ଧ ସହରୀକରଣ, ସଡ଼କ, ନିଷ୍କାସନ, ସୁଲଭ ଆବାସ, ପାର୍କ, ଖେଳପଡ଼ିଆ ଓ ସାମାଜିକ ଭିତ୍ତିଭୂମିକୁ ଏକ ସୂତ୍ରରେ ବାନ୍ଧିବ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଥିଲେ।

● ସରକାରଙ୍କ ବଡ଼ ନିଷ୍ପତ୍ତି

## ଆୟୁଷ୍ମାନରେ ମିଶିବନି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ମିଶ୍ରଣ କରାଯିବ ନାହିଁ। ପୂର୍ବପରି ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ରହିବେ। ଏନେଇ ସରକାରଙ୍କ ନିଷ୍ପତ୍ତି ପରେ ସାମ୍ବାଦିକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି।

ବର୍ତ୍ତମାନ ଯେଉଁ ସାମ୍ବାଦିକମାନେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି, ସେମାନେ ପୂର୍ବପରି ଏହି ସୁବିଧା ପାଇପାରିବେ। ଏଥିସହ ଯେଉଁ ସାମ୍ବାଦିକମାନେ ନୂଆ କରି ଯୋଜନାରେ ସାମିଲ ହେବାକୁ ଚାହୁଁଛନ୍ତି, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବେଦନ କରିପାରିବେ। ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା ସୁବିଧା ଜାରି ରଖିବା ନିଷ୍ପତ୍ତିକୁ ଓଡ଼ିଶା ୟୁନିୟନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଓୟୁଜେ) ସ୍ୱାଗତ କରିଛି। ଏଥିପାଇଁ ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାକୁ ପୂର୍ବ ପରି ଜାରି ରଖିବା ନିଷ୍ପତ୍ତିକୁ ସାମ୍ବାଦିକ ସଂଗଠନଗୁଡ଼ିକ ସ୍ୱାଗତ କରିଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ



କେନ୍ଦ୍ରାପଡ଼ା,୧।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରାଯାଇଥିଲା। କେଚରପଡ଼ା ଗ୍ରାମରେ କଙ୍ଗୋ ସିଗାରେଟ୍ ଖୋଳ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବେଆଇନ ଭାବେ ବିକ୍ରି କରାଯାଉଥିବା ସମ୍ପର୍କରେ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଲାସୀ କରାଯାଇ ୨୫ କିଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ମାମଲା ରୁଜୁ କରାଯାଇ କେଚରପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ ଓ ରଶ୍ମୀକାନ୍ତ ବାରିକଙ୍କୁ ଗିରଫ କରାଯାଇଛି।

## ଲୋକଭବନକୁ ଆଇଜିବିସି ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍



ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଓଡ଼ିଶା ଲୋକଭବନ ହାସଲ କରିଛି ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ (ଆଇଜିବିସି)ର ସମ୍ମାନଜନକ ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍। ଭାରତର ପ୍ରଥମ ଲୋକ ଭବନ ଭାବେ ଏହି ମାନ୍ୟତା ହାସଲ କରିଛି ଓଡ଼ିଶା ଲୋକ ଭବନ। ଓଡ଼ିଶାର ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଲୋକଭବନକୁ ଆଇଜିବିସି ଗ୍ରୀନ୍ କ୍ୟାମ୍ପସ୍ ରେଟିଂ ବ୍ୟବସ୍ଥା ଅଧୀନରେ ଏହି ସାର୍ଟିଫିକେସନ୍ ମିଳିଛି। ଲୋକ ଭବନ କ୍ୟାମ୍ପସ୍ ୧୦୦ରୁ ୮୮ ଅଙ୍କ ହାସଲ କରି ଆଇଜିବିସିର ସର୍ବୋଚ୍ଚ ପ୍ଲାଟିନମ୍ ବର୍ଗରେ ସ୍ଥାନ ପାଇଛି। ଏହି ମାନ୍ୟତା ସ୍ଥାୟୀ ଶାସନ ଭିତ୍ତିଭୂମି ଓ ଜଳବାୟୁ ପ୍ରତିକ୍ରିୟାଶୀଳ ସାର୍ବଜନୀନ ପ୍ରତିଷ୍ଠାନ ଗଠନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କ୍ୟାମ୍ପସ୍ ଯୋଜନା, ଭିତ୍ତିଭୂମି ଓ ଦୈନନ୍ଦିନ କାର୍ଯ୍ୟରେ ସ୍ଥାୟିତ୍ୱକୁ ସମନ୍ୱିତ କରିଥିବାରୁ ଲୋକ ଭବନକୁ ଏହି ସମ୍ମାନ ମିଳିଛି।

ଲୋକ ଭବନ କ୍ୟାମ୍ପସ୍ ଶକ୍ତି-ଦକ୍ଷ ପ୍ରଣାଳୀ, ନବୀକରଣୀୟ ଶକ୍ତିର ବ୍ୟବହାର, ଜଳ ସଂରକ୍ଷଣ, ଜୈବ ବିବିଧତା ସୁରକ୍ଷା, ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା, ସ୍ଥାୟୀ ଗତିଶୀଳତା ଓ ବାସିନ୍ଦାଙ୍କ କଲ୍ୟାଣ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।

**ଦେଶର ପ୍ରଥମ ଲୋକ ଭବନ**

ଏ ସଫଳତାରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଖୁସି ପ୍ରକଟ କରି କହିଛନ୍ତି, ମୁଁ ଦେଖିବାକୁ ଚାହୁଁଛି ଓଡ଼ିଶାର ସବୁ ବିଶ୍ୱବିଦ୍ୟାଳୟ ଗ୍ରୀନ କ୍ୟାମ୍ପସ ହେଉ। ହଜାର ହଜାର ଛାତ୍ରଛାତ୍ରୀ କ୍ୟାମ୍ପସଗୁଡ଼ିକରେ ପଢୁଛନ୍ତି, ସେମାନେ ଏହାଦ୍ୱାରା ଅନୁପ୍ରାଣିତ ହୋଇ ଏହାକୁ ଅନୁପାଳନ କରିବେ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି।

ସେହିପରି ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଲୋକ ଭବନର ଏହି ସ୍ୱୀକୃତି ଆଗାମୀ ଦିନରେ ରାଜ୍ୟରେ ନିର୍ମାଣ ହେବାକୁ ଥିବା ସରକାରୀ କୋଠାବାଡ଼ିଗୁଡ଼ିକ ପାଇଁ ପ୍ରେରଣା ଯୋଗାଇବ। ଭବିଷ୍ୟତରେ ସରକାର ନିର୍ମାଣ କରିବାକୁ ଥିବା ହସ୍ପିଟାଲ, ସ୍କୁଲ୍ ଓ ଅନ୍ୟାନ୍ୟ ସରକାରୀ ଭବନଗୁଡ଼ିକରେ ଗ୍ରୀନ୍ ବିଲ୍ଡିଂ ମାନଦଣ୍ଡକୁ ଗୁରୁତ୍ୱ ଦେବା ସହ ଏଭଳି ମାନ୍ୟତା ହାସଲ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି। ଲୋକ ଭବନର ଏହି ସଫଳତା ରାଜ୍ୟରେ ପରିବେଶ ଅନୁକୂଳ, ଶକ୍ତି-ଦକ୍ଷ ଓ ସ୍ଥାୟୀ ସରକାରୀ ଭିତ୍ତିଭୂମି ନିର୍ମାଣ ପାଇଁ ଏକ ନୂଆ ଦିଗ ଦେଖାଇଛି। ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ଆଜି ଶ୍ରୀଜିଉଙ୍କ ରାହୁରେଖା ଲାଗି ନୀତି

### ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଶ୍ରୀମନ୍ଦିର

ପୁରୀ,୧।୯(ସଂଚାର ବ୍ୟୁରୋ): ଆସନ୍ତାକାଲି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଜଗନ୍ନାଥ ଦର୍ଶନ। ଅପରାହ୍ନ ସାଢ଼େ ୨ଟାଠାରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆସନ୍ତାକାଲି ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ। ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ଅର୍ଥାତ୍ ରେଖାପଞ୍ଚମୀ ଦିନ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କର ଅନେକ ଗୁପ୍ତନୀତି ମଧ୍ୟରୁ ଏହା ଅନ୍ୟତମ ହୋଇଥିବାରୁ ଦଇତାପତି ସେବାୟତମାନେ ଗୋଷ୍ଠିଗତ ଭାବେ ଏହି ନୀତିକୁ ନିଷ୍ଠାର ସହ ସମ୍ପାଦନ କରିବେ। ଶ୍ରୀଜିଉଙ୍କ ଶ୍ରୀମୁଖ ସରସ ଓ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଚତୁଃର୍ଦ୍ଧାମୂର୍ତ୍ତିଙ୍କୁ ଲାଗି କରାଯିବ। ପ୍ରଥମ ଭୋଗମଣ୍ଡପ ସରିବା ପରେ ରାହୁରେଖା ଲାଗି ନୀତି ଆରମ୍ଭ ହେବ। ତେବେ ସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ଜଳରେ ସ୍ନାନ କରି ଥଣ୍ଡା ଜ୍ୱରରେ ପୀଡ଼ିତ ହେବା ପରେ ଶ୍ରୀଜିଉଙ୍କ ଶ୍ରୀମୁଖରୁ ରାହୁରେଖାକୁ କାଢ଼ି ଦିଆଯାଇଥିଲା। ପୁନର୍ବାର ଦେଉଳକରଣ, ତଢ଼ଉ କରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢ଼ାଯିବ। ପ୍ରଥମ ଭୋଗମଣ୍ଡପ ସରିବା ପରେ ପୁଷ୍ପାଳକ ସେବାୟତ ଝୋବାକଣ୍ଠି, ମଇଲମ କରିବା ସହ ମହାଜନ ସେବାୟତମାନେ ଭୂଦେବୀ ଓ ଶ୍ରୀଦେବୀଙ୍କୁ ଖଟଶେଯ ଘରେ ବିରାଜମାନ କରାଇବେ। ଏହାପରେ ପତିମହାପାତ୍ର ସେବାୟତ ଏହି ରାହୁରେଖାକୁ ସଂସ୍କାର କରିସାରିବା ପରେ ୪ ବାଡ଼ର ବାଡ଼ଗ୍ରାହୀ ଓଷୁଅ ଓ କନା ଦ୍ୱାରା ଚତୁଃର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖରେ ରାହୁରେଖାକୁ ଲାଗି କରାଇବେ। ରାହୁରେଖା ନୀତି ସମାପ୍ତ ପରେ ଠାକୁରଙ୍କୁ ମହାସ୍ନାନ କରାଯିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ।

● ବେଆଇନ ପଥର ଖାଦାନ ଉପରେ ଚଢ଼ାଉ

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

ହରଭଙ୍ଗା,୧।୯(ସଂଚାର ବ୍ୟୁରୋ): ବେଆଇନ ପଥର ଖାଦାନ ଉପରେ ଚଢ଼ାଉ ହୋଇଛି। ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ଅତିରିକ୍ତ ତହସିଲଦାରଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ଘଟଣାସ୍ଥଳରେ ମୁତୟନ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ଖରଭୂଇଁ ଗାଁର ବେଆଇନ ପଥର କ୍ୱାରିରେ ଚାଲିଥିଲା



ବିସ୍ଫୋରଣ। ଏନେଇ ସୂଚନା ପାଇ ଚଢ଼ାଉ କରିଥିଲା ହରଭଙ୍ଗା ତହସିଲ। ଖରଭୂଇଁ ମୌଜାର ଖାତା ନମ୍ବର ୨, ପ୍ଲଟ ନମ୍ବର ୫୦ ଅଞ୍ଚଳରେ ଏହି ଚଢ଼ାଉ ହୋଇଛି। ଚଢ଼ାଉରେ ହରଭଙ୍ଗା ଅତିରିକ୍ତ ତହସିଲଦାର ସନ୍ଦୀପ ଧଳଙ୍କ ସମେତ ହରଭଙ୍ଗା ଥାନା ପୁଲିସ ସାମିଲ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପଥର କ୍ୱାରିଟି ଦୀର୍ଘଦିନ ହେଲା ବିନା ପରିବେଶ ମଞ୍ଜୁରୀରେ ବେଆଇନ ଭାବେ ଚାଲୁଥିଲା। ଜନବସତିର ଅତି ନିକଟରେ ରାତିସାରା ବେଆଇନ ପଥର ବ୍ଲାଷ୍ଟିଂ କରାଯାଉଥିବାରୁ ଏନେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏହି ଚଢ଼ାଉ କରାଯାଇଥିବା ଅତିରିକ୍ତ ତହସିଲଦାର କହିଛନ୍ତି।

## ଜ୍ୱାଇଁକୁ ଜୋତାମାଳ ପିନ୍ଧାଇଲେ ଶ୍ୱଶୁର

● ମୁହଁରେ ରଙ୍ଗ ମାରି ରାସ୍ତାରେ ଚଲାଇଲେ



ଯାଜପୁର,୧।୯(ସଂଚାର ବ୍ୟୁରୋ): ସ୍ତ୍ରୀକୁ ମନାଇବାକୁ ଆସିଥିଲା ସ୍ୱାମୀ, କିନ୍ତୁ ଜୋତାମାଳ ପିନ୍ଧାଇଲେ ଶ୍ୱଶୁର। ମୁହଁରେ ରଙ୍ଗ ମାରି ରାସ୍ତାରେ ଚଲାଇଲେ। ଜ୍ୱାଇଁଙ୍କ ବେକରେ ଜୋତାମାଳ ଝୁଲାଇ ବଜାର ବୁଲାଇଲେ ଶ୍ୱଶୁର। ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା କଲ୍ୟାଣପୁରରେ ଏଭଳି ଅମାନବୀୟ ଘଟଣା ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଦ୍ରୁତ ଗତିରେ ଭାଇରାଲ୍ ହେଉଛି। ଖବର ପାଇ ବିଞ୍ଝାରପୁର ପୁଲିସ ତଦନ୍ତ ଚଲାଇଥିଲେ ମଧ୍ୟ କାହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ମିଳିଥିବା ସୂଚନାନୁଯାୟୀ, କଲ୍ୟାଣପୁର ପଞ୍ଚାୟତ ବୈରୀବାଗ ଗାଁର ନିରଞ୍ଜନ ଦାସଙ୍କ ଝିଅ ସହ ଭଦ୍ରକ ଅଞ୍ଚଳର ଆନନ୍ଦ ଦାସଙ୍କର ବିବାହ ହୋଇଥିଲା। ପାରିବାରିକ କଳହକୁ ନେଇ ଆନନ୍ଦଙ୍କ ପତ୍ନୀ ଶାଶୂଘରୁ ରାଗି ବାପଘରକୁ ଚାଲିଆସିଥିଲେ। ପତ୍ନୀଙ୍କୁ ନେବାକୁ ଶ୍ୱଶୁରଘରକୁ ଆସିଥିଲେ ଆନନ୍ଦ। ସେଠାରେ ମଧ୍ୟ ପତ୍ନୀଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଶ୍ୱଶୁର ନିରଞ୍ଜନ ଉତ୍‌କ୍ଷିପ୍ତ ହୋଇ ଜ୍ୱାଇଁ ଆନନ୍ଦଙ୍କୁ ମାଡ଼ ମାରିବା ସହ ତାଙ୍କ ମୁଣ୍ଡରେ ରଙ୍ଗ ମାରି ବେକରେ ଜୋତାମାଳ ପିନ୍ଧାଇ ରାସ୍ତାରେ ବୁଲାଇଥିଲେ। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏଭଳି ଅମାନୁଷିକ ଘଟଣାକୁ ନିନ୍ଦା କରାଯାଇଛି। ସାମାଜିକ ଗଣମାଧ୍ୟମରୁ ଏହି ଦୃଶ୍ୟ ଦେଖିବା ପରେ ଆଇଆଇସି ବିଲ୍ୱମଙ୍ଗଳ ସେଠୀ କଲ୍ୟାଣପୁରରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ମାତ୍ର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ ଜଣାଇଛନ୍ତି।

### ( ମହିଳାଙ୍କୁ ଫସାଇ ଦୁଷ୍କର୍ମ )

## ଅବସରପ୍ରାପ୍ତ ସାମରିକ କର୍ମଚାରୀ ଗିରଫ

ଦିଗପହଣ୍ଡି,୧।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅଧୀନସ୍ଥ ଏକ ଗାଁର ଜଣେ ବିବାହିତା ମହିଳାଙ୍କୁ ପ୍ରେମଜାଲରେ ଫସାଇ ଏକାଧିକ ଥର ଦୁଷ୍କର୍ମ କରିବା ସହ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ଜଣେ ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଚିକିଟି ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ସରୋଜ କୁମାର ରାଉଳ(୫୬)। କେ. ନୂଆଗାଁ ଥାନାରେ ଏନେଇ ମାମଲା ନଂ.୧୯୮/୨୬ ଆଇଟି ଆକ୍ଟର ୬୬(ଇ)/୬୭(ଏ) ଅନୁଯାୟୀ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ଏପ୍ରିଲ ୧୦ ତାରିଖରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଏକ ସ୍ମାର୍ଟ ଫୋନ୍ ଦେଇଥିଲେ। କିଛିଦିନ ପରେ ସରୋଜ ତାଙ୍କ ଫୋନକୁ ବାରମ୍ବାର ଫୋନ କରିବା ସହ ମେସେଞ୍ଜର ଓ ହ୍ୱାଟ୍ସଆପରେ ଚାଟିଂ କରି ତାଙ୍କ ସହ ବନ୍ଧୁତା ବଢ଼ାଇବା ସହ ବିଭିନ୍ନ ପ୍ରଲୋଭନ ଦେଖାଇ ଆକୃଷ୍ଟ କରିଥିଲେ। ମହିଳା ଜଣଙ୍କ ସରୋଜଙ୍କ ପ୍ରଲୋଭନକୁ ପ୍ରତ୍ୟାଖାନ କରିଥିଲେ ମଧ୍ୟ ଘରେ ସ୍ୱାମୀ ନଥିବା ସମୟରେ ସରୋଜ ତାଙ୍କ ଘରକୁ ଆସି ମହିଳାଙ୍କୁ ହଇରାଣ ହରକତ କରୁଥିଲେ। ଗତ ଜୁଲାଇ ୧ରେ ସରୋଜ ବ୍ରହ୍ମପୁର ବଡ଼ ବଜାରରେ ମହିଳାଙ୍କୁ ସାକ୍ଷାତ କରିବା ସହ ଟଙ୍କା ସହ କିଛି ଉପହାର ଦେଇଥିଲେ। ଏଥିସହ ତାଙ୍କ ମୋବାଇଲ୍‌କୁ ମଧ୍ୟ ସେ କେତେକ ନଗ୍ନ ଫଟୋ ଓ ଭିଡିଓ ପଠାଇଥିଲେ। ପରେ ସରୋଜଙ୍କ କଥାରେ ଉକ୍ତ ମହିଳା ଜଣଙ୍କ ମଧ୍ୟ ନଗ୍ନ ଫଟୋ ଓ ଭିଡିଓ ପଠାଇଥିଲେ। କିଛିଦିନ ପରେ ସରୋଜ ଘରେ କେହି ନ ଥିବା ସମୟରେ ଉକ୍ତ ମହିଳାଙ୍କୁ ଡାକି ତାଙ୍କ ସହ ଦୁଷ୍କର୍ମ କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉଠାଇ ସ୍ୱାମୀଙ୍କୁ ଛାଡ଼ିଦେବା ସକାଶେ ପ୍ରବର୍ତ୍ତାଇଥିଲେ। କିନ୍ତୁ ମହିଳା ଜଣଙ୍କ ମନା କରିବାରୁ ସରୋଜ ତାଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ଉକ୍ତ ଫଟୋ ଓ ଭିଡିଓ ଦେଖାଇ ସେ ତାଙ୍କୁ ଏକାଧିକ ବାର ଦୁଷ୍କର୍ମ ମଧ୍ୟ କରିଥିଲେ। ଏହା ଜଣାପଡ଼ିବା ପରେ ଉକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ିଦେଇଥିଲେ। ମହିଳା ଜଣକ ନିରୁପାୟ ହୋଇ ବାପ ଘରେ ରହିଥିଲେ। ସେହିପରି ସରୋଜ ମହିଳାଙ୍କୁ ସାଙ୍ଗରେ ନେଇଯିବାକୁ କହିବାରୁ ସେ ଆପତ୍ତି କରିଥିଲେ। ଫଳତଃ ସରୋଜ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବାକୁ ବି ଧମକ ଦେଇଥିଲେ।

**ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭିଡିଓ ଭାଇରାଲ୍**

## ଇଣ୍ଟରନ୍ୟାସନାଲ୍ ଫୁଡ୍ ଚେନ୍ ୟୁନିଟ୍‌ରେ ଫୁଡ୍ ସେଫ୍ଟି ବିଭାଗର ଚଢ଼ାଉ

ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଇଣ୍ଟରନ୍ୟାସନାଲ୍ ଫୁଡ୍ ଚେନ୍ ୟୁନିଟ୍ ଉପରେ ଫୁଡ୍ ସେଫ୍ଟି ବିଭାଗର ଚଢ଼ାଉ ହୋଇଛି। ଭୁବନେଶ୍ୱରର ବିଭିନ୍ନ ବଡ଼ ବ୍ରାଣ୍ଡର ବିଭିନ୍ନ ଆଉଟଲେଟରେ ଚାଲିଛି ଯାଞ୍ଚ। ଖାଦ୍ୟର ମାନ ଓ ସ୍ୱଚ୍ଛତା ନେଇ ଯାଞ୍ଚ କରାଯାଇଛି। ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ ଦୁଇଟି ଟିମ୍ ଗଠନ କରି ପୃଥକ୍ ଭାବେ ବିଭିନ୍ନ କାଫେ ଓ ଫାଷ୍ଟଫୁଡ୍ ଆଉଟଲେଟରେ ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ କେତେକ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ସମ୍ପୃକ୍ତ ଆଉଟଲେଟକୁ ନିୟମ ଉଲ୍ଲଂଘନ ପାଇଁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ୍।

ସେହିପରି ଯାଞ୍ଚ ବେଳେ ଏକ ଆଉଟଲେଟ୍‌ରୁ ମିଳିଥିଲା ୬ କେଜି ଲୁଜ୍ ଫ୍ରୋଜେନ୍ ନନଭେଜ। ଲେବେଲିଂ ଓ ଷ୍ଟୋରେଜ୍ ସମ୍ପର୍କରେ ଯାଞ୍ଚ ପରେ ଏହି ଫ୍ରୋଜେନ୍ ନନଭେଜ ସିଜ୍ କରିଥିଲା ଫୁଡ୍ ସେଫ୍ଟି ବିଭାଗ। ପରେ ବିଏମ୍‌ସି ପକ୍ଷରୁ ଜବତ ସାମଗ୍ରୀକୁ ନଷ୍ଟ କରାଯାଇଛି। ଘଟଣାକୁ ନେଇ ସମ୍ପୃକ୍ତ ଆଉଟଲେଟ୍‌କୁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ୍। ଏହାଛଡ଼ା ପଟିଆ ଅଞ୍ଚଳର ଏକ ବର୍ଗର୍ ସିଂ ଫୁଡ୍ ଆଉଟଲେଟ୍‌ରୁ ମିଳିଛି ଏକ୍ସପାୟରୀ ଡେଟ୍‌ର ପିଜ୍ଜା ଓ ବର୍ଗର୍ ପ୍ରସ୍ତୁତିରେ ବ୍ୟବହୃତ ପାଉଡର୍ ଏବଂ ଅନ୍ୟାନ୍ୟ ସାମଗ୍ରୀ। ଏହି ସାମଗ୍ରୀକୁ ଜବତ୍ କରିଛି ଖାଦ୍ୟ ସୁରକ୍ଷା ବିଭାଗ। ବଡ଼ ବ୍ରାଣ୍ଡ ହେଉ କି ଛୋଟ ଫାଷ୍ଟଫୁଡ୍ ଷ୍ଟଲ୍, ଖାଦ୍ୟର ମାନ ଓ ସୁରକ୍ଷାରେ କୌଣସି ପ୍ରକାର ସାଲିସ୍ କରାଯିବନି ବୋଲି ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ କୁହାଯାଇଛି।

## ସମ୍ପର୍କୀୟ ଶାଳକର ବାରିସୀ ମାଡ଼ରେ ଭିଣୋଇ ମୃତ



କୁଚିଣ୍ଡା,୧।୯(ସଂଚାର ବ୍ୟୁରୋ): ସମ୍ପର୍କୀୟ ଶାଳକର ବାରିସୀ ମାଡ଼ରେ ଭିଣୋଇ ମୃତ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ମସନିକାନୀ ଗାଁରେ। ଗାଁ ଦାଣ୍ଡରେ ସାମାନ୍ୟ କଥାକୁ କେନ୍ଦ୍ର କରି ଉଭୟ ସମ୍ପର୍କୀୟ ଶାଳକ ଓ ଭିଣୋଇ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସମ୍ପର୍କୀୟ ଶାଳକ ବାରିସୀ ମାଡ଼ରେ ଭିଣୋଇ ଚାରଲେସ ଲୁଗୁନଙ୍କ ମୃତ୍ୟୁ ହୋଇଛି। ଅଭିଯୁକ୍ତ ସମ୍ପର୍କୀୟ ଶାଳକକୁ ଗୋବିନ୍ଦପୁର ଥାନାରେ ଅଟକ ରଖାଯାଇଛି।

● ବିବାହିତା ମହିଳାଙ୍କୁ ପ୍ରେମ କରିବା ମହଙ୍ଗା ପଡ଼ିଲା

## ଖାପ୍ ପଞ୍ଚାୟତରେ ମାଡ଼ ପରେ ଯୁବକଙ୍କ ଆତ୍ମହତ୍ୟା

ମାଲକାନଗିରି,୧।୯(ସଂଚାର ବ୍ୟୁରୋ): ମାଲକାନଗିରିରେ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ଜିଲ୍ଲାର ଏମ୍‌ଭି ୯୨ ଗ୍ରାମରେ ଏକ ଖାପ୍ ପଞ୍ଚାୟତ ବୈଠକରେ ଜଣେ ଯୁବକଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ମୋଟା ଅଙ୍କର ଜରିମାନା ଲଗାଯାଇଛି। ପରେ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥିବା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଗ୍ରାମର ସାଗର ସରକାର ନାମକ ୨୨ ବର୍ଷୀୟ ଯୁବକ କିଛି ଦିନ ପୂର୍ବେ ଆନ୍ଧ୍ର ପ୍ରଦେଶରେ କାମ କରିବା ସମୟରେ ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରିବା ସହ ତାଙ୍କୁ ଗାଁକୁ ଆଣିଥିଲେ। ଏହି ଖବର ଗାଁରେ ପ୍ରଚାର ହେବା ପରେ ସ୍ଥାନୀୟ ଗାଁ କମିଟି ପକ୍ଷରୁ ଏକ ବୈଠକ ଡକାଯାଇଥିଲା। ଏହି ବୈଠକରେ ଉପସ୍ଥିତ ରହିବା ସକାଶେ ଯୁବକ ସାଗର ସରକାର ଓ ତାଙ୍କ ବାପା ରବି ସରକାରଙ୍କୁ ବି ଡକାଯାଇଥିଲା। ବୈଠକ ଚାଲିଥିବା ସମୟରେ ଜଣେ ବିବାହିତା ମହିଳାଙ୍କୁ ପ୍ରେମ କରି ଆଣିଥିବା ଅଭିଯୋଗରେ ଗାଁ କମିଟି ସଦସ୍ୟମାନେ ସାଗରଙ୍କୁ ନିର୍ଘୃମ ମାଡ଼ ମାରିଥିଲେ। କେବଳ ସେତିକି ନୁହେଁ, ଦଣ୍ଡବିଧାନ ସ୍ୱରୂପ ତାଙ୍କୁ ୪୫ ହଜାର ଟଙ୍କା ଜରିମାନା ଦେବା ସକାଶେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ସମ୍ପୃକ୍ତ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସହ ମଧ୍ୟ ପଠାଇ ଦିଆଯାଇଥିଲା। ଗାଁ କମିଟି ସମ୍ମୁଖରେ ହୋଇଥିବା ଏପରି ମାରପିଟ୍, ସର୍ବସାଧାରଣରେ ଅପମାନ ଓ ଜରିମାନା ଚାପକୁ ସହିପାରି ନ ଥିଲେ ସାଗର। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ମାନସିକ ଯନ୍ତ୍ରଣାରେ ଅତିଷ୍ଠ ହୋଇ ସାଗର ଆତ୍ମହତ୍ୟା କରିଛନ୍ତି। କିନ୍ତୁ ଗାଁ କମିଟି ସଭାପତି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

### ଏକାମ୍ର ବିଧାୟକଙ୍କ ପ୍ରୟାସରେ ପ୍ରଣବ କିଶୋର ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଉତ୍ସବ

## ଶ୍ୟାମାମଣି ଦେବୀଙ୍କୁ 'ପ୍ରଣବ ପଟ୍ଟନାୟକ ସ୍ମାରକୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର,୧।୯(ସଂଚାର ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତର କିମ୍ବଦନ୍ତୀ କଣ୍ଠଶିଳ୍ପୀ ସ୍ୱର୍ଗତ ପ୍ରଣବ କିଶୋର ପଟ୍ଟନାୟକଙ୍କ ସ୍ମୃତିରେ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ

**'ଶେଷ ଶ୍ରାବଣର ଅଫେରା ମାଝୀ'ରେ ଝଙ୍କୃତ ହେଲା ଅମର ସ୍ୱର**

ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ 'ଶେଷ ଶ୍ରାବଣର ଅଫେରା ମାଝୀ' ଶୀର୍ଷକ ଏକ ବୃହତ୍ ସାର୍ବଜନୀନ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସନ୍ଧ୍ୟାର ଆୟୋଜନ କରିଥିଲେ ଏକାମ୍ର-ଭୁବନେଶ୍ୱରର ମାନ୍ୟବର ବିଧାୟକ ବାବୁ ସିଂ। କାର୍ଯ୍ୟକ୍ରମକୁ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ। ଏହି




ଅବସରରେ କଳା, ସାହିତ୍ୟ ଓ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ, କଳାକାର ଓ ସଙ୍ଗୀତପ୍ରେମୀ ଉପସ୍ଥିତ ରହି ସ୍ୱର୍ଗତଃ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ସିଂ କହିଥିଲେ ଯେ ପ୍ରଣବ ପଟ୍ଟନାୟକ କେବଳ ଜଣେ ଗାୟକ ନୁହନ୍ତି, ସେ ଓଡ଼ିଆ ଜାତିର ସଙ୍ଗୀତ ଐତିହ୍ୟର ଏକ ଅମୂଲ୍ୟ ସମ୍ପଦ। ତାଙ୍କ ସ୍ୱର ଆମ ହୃଦୟରେ ସବୁଦିନ ଜୀବନ୍ତ ରହିବ। ଏକାମ୍ର-ଭୁବନେଶ୍ୱରର ବାସିନ୍ଦା ଭାବେ ତାଙ୍କ ପରଲୋକ ପରେ ରାଜଧାନୀରେ ପ୍ରଥମ ସାର୍ବଜନୀନ ଶ୍ରଦ୍ଧାଞ୍ଜଳି ଉତ୍ସବ 'ଶେଷ ଶ୍ରାବଣର ଅଫେରା ମାଝୀ' ଆୟୋଜନ କରିବା ଆମ ପାଇଁ ସୌଭାଗ୍ୟର ବିଷୟ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ଅବସରରେ ପ୍ରଥମ 'ପ୍ରଣବ ପଟ୍ଟନାୟକ ସ୍ମାରକୀ ସ୍ମୃତି ସମ୍ମାନ' ସୁର ସାମ୍ରାଜ୍ଞୀ ଶ୍ରୀମତୀ ଶ୍ୟାମାମଣି ଦେବୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ସାଧନା ଓ ଓଡ଼ିଆ ସଙ୍ଗୀତ ଜଗତ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରି ଏହି ସମ୍ମାନ ପ୍ରଦାନ କରାଯାଇଛି। ଶ୍ରଦ୍ଧାଞ୍ଜଳି ସନ୍ଧ୍ୟାରେ ପ୍ରଣବ ପଟ୍ଟନାୟକଙ୍କ ଅମର ଗୀତଗୁଡ଼ିକୁ ପରିବେଷଣ କରିଥିଲେ ତୃପ୍ତି ଦାସ, ଅନିନ୍ଦିତା ଦାସ, ସୌରଭ ନାୟକ, ସିଦ୍ଧାର୍ଥ ମିଶ୍ର, ସିଦ୍ଧାନ୍ତ ଶତପଥୀ, ପ୍ରତିଭା ପ୍ରଧାନ, ମିତାଲି ଚିନରା, ନିଶାଦ ମିଶ୍ର, ଲିରିକା ସିଂ, ଶାନ୍ତନୁ ନାୟକ, ସୁଧୀରଞ୍ଜନ ମିଶ୍ର ଓ ଛନ୍ଦା ମିଶ୍ର। ଏହି ଅବସରରେ ଇତି ସାମନ୍ତ, ତୃପ୍ତି ଦାସ, ଲକ୍ଷ୍ମୀକାନ୍ତ ପାଲିତ, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଡ଼. ଶ୍ରୀନିବାସ ଘଟୁଆରୀ ଓ ମଞ୍ଚ ପରିଚାଳନା କରିଥିଲେ ଅତୀଶ ମହାନ୍ତି।

## ଲିଫ୍ଟ ମାଗି ଛୁରି ଭୁସିଲେ, ଛାତ୍ରଙ୍କ ବାଇକ୍ ଲୁଟିନେଲେ

ଝାଁଲା,୧।୯(ସଂଚାର ବ୍ୟୁରୋ): ଇନ୍‌ଫୋ ଭ୍ୟାଲି ଥାନା ଅଞ୍ଚଳରେ ରାସ୍ତାରେ ଗତକାଲି ରାତି ପ୍ରାୟ ୧୧ଟାରେ ଜଣେ ଦୁର୍ବୃତ୍ତ ଲିଫ୍ଟ ମାଗି ଉକ୍ତ ବାଇକ୍ ଚାଳକଙ୍କୁ ଛୁରି ଭୁସିଦେବା ସହ ତାଙ୍କ ବାଇକ୍ ଲୁଟି ନେଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଜଣେ ଛାତ୍ର ଓ ତାଙ୍କ ନାମ ସୁଜିତ ଦାସ ବୋଲି ଜଣାପଡ଼ିଛି। ସୁଜିତ୍ ସ୍ଥାନୀୟ ଏକ ଇଞ୍ଜିନିୟରିଂ କଲେଜରେ ପଢୁଥିବା ବେଳେ ତାଙ୍କ ଘର ବୟାଳିଶ ମୌଜାରେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ସୁଜିତ୍ କୌଣସି କାମରେ ବାଇକ୍ ଯୋଗେ ଇନ୍‌ଫୋଭ୍ୟାଲି ଅଞ୍ଚଳକୁ ଆସୁଥିଲେ। ତେବେ ଗୋହିରା ଛକ ନିକଟରେ ଜଣେ ଅପରିଚିତ ଯୁବକ ତାଙ୍କୁ ଲିଫ୍ଟ ମାଗିଥିଲେ। ସୁଜିତ ତାଙ୍କୁ ବାଇକରେ ବସାଇ ଆସୁଥିବା ସମୟରେ ଅଲକର ରାସ୍ତାରେ ଯୁବକ ଜଣଙ୍କ ବାହାନା କରି ଅଟକି ଥିଲେ। ପରେ ପକେଟ୍‌ରୁ ହଠାତ୍ ଛୁରି ବାହାର କରି ସେ ସୁଜିତଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଭୁସିଥିଲେ। ଏଥିରେ ସୁଜିତ୍ ତଳେ ପଡ଼ିଯିବା ପରେ ଯୁବକ ଜଣଙ୍କ ତାଙ୍କ ବାଇକ୍ ନେଇ ସେଠାରୁ ଚମ୍ପଟ୍ ମାରିଥିଲା। ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ସେହି ବାଟ ଦେଇ ଯାଉଥିବା ବେଳେ ସୁଜିତ ପଡ଼ିଥିବା ଦେଖି ସେମାନେ ଇନଫୋଭ୍ୟାଲି ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସୁଜିତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ୍ ଉକ୍ତ ଦୁର୍ବୃତ୍ତର କୌଣସି ଟେର୍ ପାଇପାରିନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଲକ୍ଷେରୁ କମ୍‌ରେ ଆସିଲା ଆଥର୍‌ର ନୂଆ ଇଲେକ୍ଟ୍ରିକ୍ ସ୍କୁଟର

ନୂଆଦିଲ୍ଲୀ, ୧।୯: ଆଥର ଏନର୍ଜି ଏହାର ସବୁଠାରୁ ଶସ୍ତା ସ୍କୁଟି ଆଥର କୋଣାର୍କ (KONARC) ଲଞ୍ଚ କରିଛି। ଯାହା ଆଥର EL ପ୍ଲାଟଫର୍ମ ଉପରେ ଆଧାରିତ ବ୍ରାଣ୍ଡର ପ୍ରଥମ ସ୍କୁଟର। ଏହି ସ୍କୁଟରକୁ କମ୍ପାନୀ ମେଟାଲ ବଡ଼ି ଏବଂ ମଲ୍ଟିପଲ୍ ନୂଆ ଫିଚର୍ସ ସହିତ ଲଞ୍ଚ କରିଛି। ସ୍କୁଟରଟିରେ ସ୍ମାର୍ଟ ରିମୋଟ୍ କୀ ରହିଛି। କମ୍ପାନୀ ଏହି କୋଣାର୍କ ସ୍କୁଟରରେ ମଲ୍ଟିପଲ୍ ଫିଚର୍ସ ପ୍ରଦାନ କରିଛି। ଏୟାରଓ୍ୱାର୍କ ଭଳି ଫିଚର୍ସ ମଧ୍ୟ ଏଥିରେ ସାମିଲ ରହିଛି। ଯାହା ସାହାଯ୍ୟରେ ସ୍କୁଟରକୁ ସହଜରେ ଆଗ ପଛ ମୁଭ୍ କରାଯାଇପାରିବ।

ଆଥର କୋଣାର୍କ ପ୍ରଥମ ସ୍କୁଟର, ଯାହା ମେଟାଲ ବଡି ସହିତ ଆସିଥାଏ। କମ୍ପାନୀ ଏଥିରେ ଅନେକ ସ୍ମାର୍ଟ ଫିଚର୍ସ ପ୍ରଦାନ କରିଛି। S ଲାଇନ୍‌ରେ ୨୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ମିଳିବ। ପ୍ରତି ଘଣ୍ଟାକୁ ଏହି ସ୍କୁଟରର ଟପ୍ ସ୍ପିଡ୍ ୭୦ କିଲୋମିଟର ରହିବ। ଏହାକୁ ଆପଣ ୪ଟି କଲର୍ ଅପ୍ସନ୍‌ରେ କିଣିପାରିବେ। ସେହିପରି Z-ଲାଇନ୍ ବିଷୟରେ କହିବାକୁ ଗଲେ, ଏହି ରେଞ୍ଜର IDC-କ୍ଲେମ୍ଡ ରେଞ୍ଜ ୧୬୧ କିଲୋମିଟର ରହିଛି। ଏହାର ଟପ୍ ସ୍ପିଡ୍ ୮୦ କିଲୋମିଟର ପ୍ରତି ଘଣ୍ଟା ହେବ ଏବଂ ଏହା ୫ଟି କଲର୍ ଅପ୍ସନ୍‌ରେ ଉପଲବ୍ଧ ହେବ। ଏଣ୍ଟ୍ରି-ଲେଭଲ୍ Ather Konarkରେ ୨.୧kWh ବ୍ୟାଟେରୀ ଦିଆଯାଇଛି। ସେହିପରି ମିଡ୍ ଭାରିଆଣ୍ଟରେ ୨.୭kWh ବ୍ୟାଟେରୀ ମିଳୁଥିବା ବେଳେ ଟପ୍ ଭାରିଆଣ୍ଟରେ ୩.୫kWh ବ୍ୟାଟେରୀ ଦିଆଯାଇଛି। ଏହି ସ୍କୁଟର ୟୁନିବଡି ଚେସିସ୍ ସହିତ ଆସୁଛି। ଏଥିରେ ଅଟୋହୋଲ୍ଡ, ଫଲ୍ ସେଫ୍, ଏୟାରଓ୍ୱାକ୍, ବ୍ଲୁଟୁଥ୍ କଲ୍ ଏବଂ ମ୍ୟୁଜିକ୍ ଆଲର୍ଟ ଭଳି ଫିଚର୍ସ ମିଳୁଛି। ଏଥିରେ Ather Connected, ଥେଫ୍ଟ ଏବଂ ଟୋ ଆଲର୍ଟ, Find My Scooter ଏବଂ OTA ଅପଡେଟ୍ସ ଭଳି ଫିଚର୍ସ ମଧ୍ୟ ରହିଛି। Konarkରେ ୩୧ ଲିଟରର ଅଣ୍ଡରସିଟ୍ ଷ୍ଟୋରେଜ୍ ସହିତ USB Type-C ଚାର୍ଜର ମିଳୁଛି। ସ୍କୁଟରରେ TFT ଇନ୍‌ଷ୍ଟ୍ରୁମେଣ୍ଟ କନ୍‌ସୋଲ୍ ଦିଆଯାଇଛି। ଯାହା ସ୍ମାର୍ଟଫୋନ୍ ସହିତ କନେକ୍ଟ କରାଯାଇପାରିବ। Konarkରେ ଭଏସ୍ କଣ୍ଟ୍ରୋଲ୍, ଫୁଲ୍-ଫ୍ଲେଜ୍ଡ ନେଭିଗେସନ୍, ପଟହୋଲ୍ ଆଲର୍ଟ ଏବଂ କ୍ରାଶ୍ ଆଲର୍ଟ ଭଳି ସୁବିଧା ମିଳୁଛି। ଏଥିରେ କିଲେସ୍ ଇଗ୍ନିସନ୍, କିଲେସ୍ ବୁଟ୍ ରିଲିଜ୍ ଏବଂ ହିଲ୍-ହୋଲ୍ଡ ଆସିଷ୍ଟ ଭଳି ସୁବିଧା ମଧ୍ୟ ରହିଛି। କମ୍ପାନୀ ୧ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଆଥର କୋଣାର୍କ ଲଞ୍ଚ କରିଛି। ଏହାର ଏକ୍ସ ଶୋରୁମର ମୂଲ୍ୟ ୯୯,୯୯୯ଟଙ୍କାରୁ ଆରମ୍ଭ ହେଉଛି। S-Line ପାଇଁ ୨୧ ସେପ୍ଟେମ୍ବରରେ ଡେଲିଭରୀ ହେବା ଆରମ୍ଭ ହେବ। ଏହି ସ୍କୁଟରଟି S-Line ଏବଂ Z-Line ଭାରିଆଣ୍ଟରେ ଲଞ୍ଚ କରାଯାଇଛି। ଯେତେବେଳେ Z-Lineରେ ଦୁଇଟି ଭାରିଆଣ୍ଟ ରହିବ ସେତେବେଳେ S-Lineରେ ଚାରୋଟି ଭାରିଆଣ୍ଟର ରହିବ। ହେଲେ ଏପର୍ଯ୍ୟନ୍ତ ସୁଦ୍ଧା Ather Konarkର ସମସ୍ତ ଭାରିଆଣ୍ଟ ଉପଲବ୍ଧ ହୋଇନାହିଁ। Ather Konark S ର ମୂଲ୍ୟ ୧୦୦ କିଲୋମିଟର ରେଞ୍ଜ ଭାରିଆଣ୍ଟ ପାଇଁ ୯୯,୯୯୯ଟଙ୍କା, ୧୨୫ କିଲୋମିଟର ରେଞ୍ଜ ଭାରିଆଣ୍ଟ ପାଇଁ ୧,୨୧,୯୯୯ ଟଙ୍କା ଏବଂ ୧୬୧ କିଲୋମିଟର ରେଞ୍ଜ ଭାରିଆଣ୍ଟ ପାଇଁ ୧,୪୪,୯୯୯ଟଙ୍କା ଏକ୍ସ ଶୋରୁମର ମୂଲ୍ୟ ରହିଛି। ଅନ୍ୟ ତିନୋଟି ଭାରିଆଣ୍ଟର ମୂଲ୍ୟ କମ୍ପାନୀ ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ। S-ସିରିଜ୍ ଚାରୋଟି ଭାରିଆଣ୍ଟରେ ଉପଲବ୍ଧ ହେବ। ବେସ୍ ଭାରିଆଣ୍ଟ ୧୦୦ କିଲୋମିଟର ରେଞ୍ଜ ପ୍ରଦାନ କରେ। ଏହି ସ୍କୁଟରର ଡେଲିଭରି ଆସନ୍ତା ବର୍ଷର ପ୍ରଥମ ତିନିମାସ ଅର୍ଥାତ୍ ଜାନୁଆରୀ, ଫେବୃଆରୀ ଏବଂ ମାର୍ଚ୍ଚରେ ଆରମ୍ଭ ହେବ। ୧୨୫ କିଲୋମିଟର ଏବଂ ୧୬୧ କିଲୋମିଟର S-ଲାଇନ୍ ସ୍କୁଟରର ଡେଲିଭରି ସେପ୍ଟେମ୍ବରରେ ଆରମ୍ଭ ହେବ। ୨୦୦ କିଲୋମିଟର ରେଞ୍ଜ ସ୍କୁଟର ଆସନ୍ତା ବର୍ଷର ତୃତୀୟ ତ୍ରୟମାସରେ ଆସିବ। Z-ସିରିଜ୍ ୨୦୨୭ ଦ୍ୱିତୀୟ ତ୍ରୟମାସରେ ଆସିବ।



# ଚିନି ଷ୍ଟକ୍ ଲିମିଟ୍ ୨୦୦୦ କ୍ୱିଣ୍ଟାଲକୁ କମିଲା



ନୂଆଦିଲ୍ଲୀ, ୧।୯: ଦେଶରେ ଚିନି ଦରକୁ ନିୟନ୍ତ୍ରିତ କରିବା ଲାଗି ସରକାର ଆଜି ଆଉ ଏକ ପଦକ୍ଷେପ ନେଇଛନ୍ତି। ଡିଲରମାନଙ୍କ ପାଇଁ ଷ୍ଟକ୍ ଲିମିଟ୍ ୨୦୦୦ କ୍ୱିଣ୍ଟାଲକୁ କମାଇ ଦେଇଛନ୍ତି। ଆସନ୍ତା ୧୫ ତାରିଖରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଅଗଷ୍ଟ ପହିଲାରୁ ଏହି ସୀମା ୪ ହଜାର କ୍ୱିଣ୍ଟାଲ ରହିଛି। ସରକାର ଆଜି କରିଥିବା ନୂଆ ନିୟମ ଅନୁଯାୟୀ, ଡିଲରମାନେ ୩୦ ଦିନରୁ ଅଧିକ ଦିନ ପାଇଁ ଷ୍ଟକ୍ ରଖିପାରିବେ ନାହିଁ। ସେହିଭଳି କୌଣସି ସମୟରେ ୨୦୦୦ କ୍ୱିଣ୍ଟାଲରୁ ଅଧିକ ଚିନି ରଖିପାରିବେ ନାହିଁ। କିନ୍ତୁ କୋଲକାତା ଓ ଏହି ମହାନଗରର ସମ୍ପ୍ରସାରିତ ଅଞ୍ଚଳରେ ଷ୍ଟକ୍ ଲିମିଟ୍ ସୀମା ୪୦୦୦ କ୍ୱିଣ୍ଟାଲ ରଖାଯାଇଛି। ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରୁ ଚିନି ଆସିଥାଏ ଏବଂ ସେଠାରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯାଇଥାଏ। ତାହାକୁ ଦୃଷ୍ଟିରେ ରଖି କୋଲକାତା ପାଇଁ ନିୟମ କୋହଳ କରାଯାଇଛି। ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଫଳରେ ଗତ କିଛିଦିନ ମଧ୍ୟରେ ଚିନିକଳରେ ଚିନି ଦର ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି ବୋଲି କୁହାଯାଇଛି।

# ଅଗଷ୍ଟରେ ୧.୯୯ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

ନୂଆଦିଲ୍ଲୀ,୧।୯:ଅଗଷ୍ଟ ମାସରେ ଦେଶରେ ୧,୯୯,୮୫୩ କୋଟି ଟଙ୍କାର ଜିଏସ୍‌ଟିଆଦାୟ ହୋଇଛି। ଗତବର୍ଷ ଅଗଷ୍ଟରେ ଆଦାୟ ହୋଇଥିବା ୧.୭୪ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ତୁଳନାରେ ଏହା ୧୪.୮ ପ୍ରତିଶତ ଅଧିକ। ତେବେ ଚଳିତବର୍ଷ ଜୁଲାଇରେ ଆଦାୟ ହୋଇଥିବା ୨.୧୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ତୁଳନାରେ ଏହା ପ୍ରାୟ ୧୨ ହଜାର କୋଟି ଟଙ୍କା କମ୍। ୨୦୨୬ ଅଗଷ୍ଟରେ ଆଦାୟ ହୋଇଥିବା ୧.୯୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଶିରେ ଘରୋଇ ଜିଏସ୍‌ଟି ପରିମାଣ ୧,୩୭,୨୪୯ କୋଟି ଟଙ୍କା ହୋଇଥିବାବେଳେ ଆମଦାନି ବାବଦରେ ଆଦାୟ ହୋଇଥିବା ଜିଏସ୍‌ଟି ରାଶି ୬୨,୬୦୪ କୋଟି ଟଙ୍କାରେ ରହିଛି। ଗତବର୍ଷ ଅଗଷ୍ଟ ତୁଳନାରେ ଚଳିତବର୍ଷ ଅଗଷ୍ଟରେ ଆମଦାନି ବାବଦ ଜିଏସ୍‌ଟି ରାଶିରେ ୨୯ ପ୍ରତିଶତ ବୃଦ୍ଧି ଦେଖାଦେଇଥିବାବେଳେ ଘରୋଇ ଜିଏସ୍‌ଟି ଆଦାୟ ରାଶିରେ ୯.୩ ପ୍ରତିଶତ ବୃଦ୍ଧି ଘଟିଛି। ଅଗଷ୍ଟ ମାସରେ ସରକାର ଜିଏସ୍‌ଟି ରିଫଣ୍ଡ ବାବଦରେ ୩୧,୭୯୫ କୋଟି ଟଙ୍କା ପ୍ରଦାନ କରିଛନ୍ତି, ଯାହାକି ଗତବର୍ଷର ଅଗଷ୍ଟ ତୁଳନାରେ ୬୭.୯ ପ୍ରତିଶତ ଅଧିକ। ଘରୋଇ ଜିଏ୍‌ଟି ରିଫଣ୍ଡରେ ୭୨.୬ ପ୍ରତିଶତ ବୃଦ୍ଧି ଘଟି ୧୮,୪୯୦ କୋଟି ଟଙ୍କାରେ ରହିଛି। ରିଫଣ୍ଡ୍ ପରେ ସରକାରଙ୍କ ନିଟ୍ ଜିଏସ୍‌ଟି ରାଜସ୍ୱ ଅଗଷ୍ଟ ମାସରେ ୧,୬୮,୦୫୭ କୋଟି ଟଙ୍କା ହୋଇଛି, ଯାହାକି ଗତବର୍ଷ ଅଗଷ୍ଟରେ ୧,୫୫,୧୮୧ କୋଟି ଟଙ୍କାରେ ରହିଥିଲା।



# ବାଣିଜ୍ୟିକ ଏଲ୍‌ପିଜି, ସିଏନ୍‌ଜି, ବିମାନ ଇନ୍ଧନ ଦର ବଢ଼ିଲା




ନୂଆଦିଲ୍ଲୀ,୧।୯: ରାଷ୍ଟ୍ରାୟତ୍ତ ତୈଳ କମ୍ପାନିଗୁଡ଼ିକ ବାଣିଜ୍ୟିକ ଏଲ୍‌ପିଜି ଦରବଢ଼ାଇଛନ୍ତି। ୧୯ କିଗ୍ରା ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରରେ ପାଖାପାଖି ୧୦ ଟଙ୍କା ବୃଦ୍ଧି ହୋଇଛି। ଏଥିସହିତ ୫ କେଜିଆ ସିଲିଣ୍ଡର ପିଛା ଏଲ୍‌ପିଜି ଦର ୨ ଟଙ୍କା ବୃଦ୍ଧି ଘଟିଛି। ଏହି ବୃଦ୍ଧି ଫଳରେ ଭୁବନେଶ୍ୱରରେ ୧୯ କିଗ୍ରା ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର ୨୯୧୯ ଟଙ୍କା ହୋଇଛି। ସେହିଭଳି ୫ କେଜିଆ ଏଲ୍‌ପିଜି ସିଲିଲଣ୍ଡର ଦର ୮୧୦ ଟଙ୍କା ହୋଇଛି। ତେବେ ଘରୋଇ ଏଲ୍‌ପିଜି ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭୁବନେଶ୍ୱରରେ ସିଏନ୍‌ଜି ଦର ଆଜି କିଲୋଗ୍ରାମ ପିଛା ୧ ଟଙ୍କା ବଢ଼ିଛି। ପୂର୍ବରୁ ସିଏନ୍‌ଜି ଦର କିଲୋଗ୍ରାମ ପିଛା ୯୪ ଟଙ୍କା ଥିବାବେଳେ ଆଜି ଏହା ୯୫ ଟଙ୍କା ହୋଇଛି। ବିମାନ ଇନ୍ଧନ ବା ଏଟିଏଫ୍ ଦର ଲିଟର ପିଛା ୬ ଟଙ୍କା ୨୮ ପଇସା ବା ୫.୪୬ ପ୍ରତିଶତ ବୃଦ୍ଧି ଘଟି ୧୨୧ ଟଙ୍କା ୨୮ ପଇସା ହୋଇଛି। ଅଗଷ୍ଟ ପହିଲାରେ ବିମାନ ଇନ୍ଧନ ଦର ଲିଟର ପିଛା ୫ ଟଙ୍କା ବଢ଼ିଥିଲା। ଉଲ୍ଲେଖଯୋଗ୍ୟ ବିମାନର ପରିଚାଳନା ଖର୍ଚ୍ଚରେ ଇନ୍ଧନର ଅଂଶ ପ୍ରାୟ ୪୦ ପ୍ରତିଶତ ରହିଥାଏ। ତେଣୁ ଏହାର ଦରବୃଦ୍ଧି ଗୋଟିଏ ପଟେ ଏୟାରଲାଇନ୍ସଗୁଡ଼ିକର ଲାଭକୁ ପ୍ରଭାବିତ କରିଥାଏ। ଅନ୍ୟମାନେ ଏଥିପାଇଁ ବିମାନ ଭଡ଼ାବୃଦ୍ଧିର ଆଶଙ୍କା ସୃଷ୍ଟି ହୋଇଥାଏ।

# ସ୍ମାର୍ଟଫୋନ୍ ବିନା କରିପାରିବେ ୟୁପିଆଇ ପେମେଣ୍ଟ

ସ୍ମାର୍ଟଫୋନ୍ ନାହିଁ ବୋଲି ଏବେ ୟୁପିଆଇ ପେମେଣ୍ଟରୁ ଦୂରେଇ ରହିବାକୁ ପଡ଼ିବ ନାହିଁ। ଫିଚର୍ ଫୋନ୍ ବ୍ୟବହାର କରୁଥିବା ଲୋକଙ୍କ ପାଇଁ ଫୋନ୍‌ପେ ଆଣିଛି ନୂଆ ସୁବିଧା। ଏହା ମାଧ୍ୟମରେ ବିନା ଇଣ୍ଟରନେଟ୍‌ରେ ମଧ ୟୁପିଆଇ ପେମେଣ୍ଟ କରିହେବ। ଫୋନ୍‌ପେ ଏହାର ୟୁପିଆଇ 123Pay ସର୍ଭିସ୍‌କୁ ଏବେ ସପୋର୍ଟ କରୁଥିବା ଫିଚର୍ ଫୋନ୍‌ରେ ଉପଲବ୍ଧ କରାଇଛି। ଏଥିପାଇଁ ସ୍ମାର୍ଟଫୋନ୍ କିମ୍ବା ଇଣ୍ଟରନେଟ୍ କନେକ୍ସନ୍ ଜରୁରୀ ନୁହେଁ। ଏହି ସର୍ଭିସ୍‌ରେ ଟଙ୍କା ପଠାଇବା, ଦୋକାନରେ ପେମେଣ୍ଟ କରିବା, ବ୍ୟାଙ୍କ ବାଲାନ୍ସ ଚେକ୍ କରିବା ଏବଂ ଟ୍ରାଞ୍ଜାକ୍ସନ୍ ହିଷ୍ଟ୍ରି ଦେଖିବା ଭଳି ସୁବିଧା ମିଳିବ। ଏସ୍‌ଏମ୍‌ଏସ୍ ମାଧ୍ୟମରେ ଏହି ସେବା କାମ କରିବ। ତେଣୁ ଯେଉଁଠାରେ 2G ନେଟୱର୍କ ମଧ ଦୁର୍ବଳ, ସେଠାରେ ଏହା ଉପଯୋଗୀ ହୋଇପାରେ। ଫୋନ୍‌ପେ ଅନୁସାରେ, ଏହି ସୁବିଧା ଦେଶର ୨୦ କୋଟିରୁ ଅଧିକ ଫିଚର୍ ଫୋନ୍ ୟୁଜର୍‌ଙ୍କ ପାଖରେ ୟୁପିଆଇ ପେମେଣ୍ଟର ସୁବିଧା ପହଞ୍ଚାଇବାରେ ସାହାଯ୍ୟ କରିବ। ବର୍ତ୍ତମାନ ୟୁପିଆଇ 123Payରେ ଟଙ୍କା ପଠାଇବା, ମର୍ଚ୍ଚାଣ୍ଟ ପେମେଣ୍ଟ, ବ୍ୟାଙ୍କ ବାଲାନ୍ସ ଚେକ୍ ଓ ଟ୍ରାଞ୍ଜାକ୍ସନ୍ ହିଷ୍ଟ୍ରି ଭଳି ସୁବିଧା ରହିଛି। ଆଗାମୀ ଦିନରେ ବିଲ୍ ପେମେଣ୍ଟ, ମୋବାଇଲ୍ ରିଚାର୍ଜ ଓ ଆଧାର ମାଧ୍ୟମରେ ୟୁପିଆଇ ରେଜିଷ୍ଟ୍ରେସନ୍ ଭଳି ସୁବିଧା ମଧ ଯୋଡ଼ାଯିବ ବୋଲି ଫୋନ୍‌ପେ କହିଛି। ଏଚ୍‌ଏମ୍‌ଡି ଏହାର କିଛି ଫିଚର୍ ଫୋନ୍‌ରେ ଫୋନ୍ ପେ ୟୁପିଆଇ 123Payର ସପୋର୍ଟ ନିଶ୍ଚିତ କରିଛି। ଏଥିରେ ଏଚ୍‌ଏମ୍‌ଡି ୧୦୫ 2G, ଏଚ୍‌ଏମ୍‌ଡି ୧୧୦ 2G, ନୋକିଆ ୧୦୫ କ୍ଲାସିକ୍, ନୋକିଆ ୧୦୫ ସିଙ୍ଗଲ ସିମ୍, ନୋକିଆ ୧୦୫ ଡୁଆଲ୍ ସିମ୍, ନୋକିଆ ୧୦୬ ଓ ନୋକିଆ ୧୨୩ ସିଲ୍‌ଡ ଭଳି ମଡେଲ୍ ରହିଛି। ଏହାଛଡ଼ା ଏଚ୍‌ଏମ୍‌ଡି, ନୋକିଆ, ଲାଭା ଇଣ୍ଟରନ୍ୟାସନାଲ୍ ଓ ଆଇଟେଲ୍ ମୋବାଇଲ୍‌ର କିଛି ଚୟନିତ ଫିଚର୍ ଫୋନ୍‌ରେ ମଧ ଏହି ସୁବିଧା ମିଳୁଛି। ଆଗାମୀ ମାସଗୁଡ଼ିକରେ ଆହୁରି ଅନେକ ଫିଚର୍ ଫୋନ୍‌ରେ ଏହି ସେବା ଉପଲବ୍ଧ ହୋଇପାରେ।




କମ୍ପାଟିବଲ୍ ଫିଚର୍ ଫୋନ୍‌ରେ ପୂର୍ବରୁ ଇନ୍‌ଷ୍ଟଲ୍ ଥିବା ଫୋନ୍‌ପେ ଆପ୍ ମାଧ୍ୟମରେ ଏହି ସର୍ଭିସ୍ ସେଟ୍‌ଅପ୍ କରିହେବ। ଏଥିପାଇଁ ପ୍ରଥମେ ନିୟମ ଓ ସର୍ତ୍ତାବଳୀକୁ ଗ୍ରହଣ କରିବାକୁ ପଡ଼ିବ। ଏହାପରେ ବ୍ୟାଙ୍କ ଚୟନ କରି ଡେବିଟ୍ କାର୍ଡର ଶେଷ ୬ଟି ଅଙ୍କ ଏବଂ କାର୍ଡର ଏକ୍ସପାୟରି ଡେଟ୍ ଦେବାକୁ ହେବ। ଶେଷରେ ୟୁପିଆଇ ପିନ୍ ସେଟ୍ କରିବାକୁ ପଡ଼ିବ। ରେଜିଷ୍ଟ୍ରେସନ୍ ସରିଗଲେ କଣ୍ଟାକ୍ଟ, ମୋବାଇଲ୍ ନମ୍ବର କିମ୍ବା ୟୁପିଆଇ ଆଇଡି ମାଧ୍ୟମରେ ଟଙ୍କା ପଠାଇପାରିବେ। ଫିଚର୍ ଫୋନ୍‌ରେ କ୍ୟାମେରା ଥିଲେ କ୍ୟୁଆର୍ କୋଡ୍ ସ୍କାନ୍ କରି ପେମେଣ୍ଟ କରିବା ପୂର୍ବରୁ ପ୍ରାପ୍ତକର୍ତ୍ତାଙ୍କ ତଥ୍ୟ ଭଲଭାବେ ଯାଞ୍ଚ କରିବାକୁ ହେବ। ଏହାପରେ ଟଙ୍କାର ପରିମାଣ ଦେଇ ୟୁପିଆଇ ପିନ୍ ପକାଇଲେ ପେମେଣ୍ଟ କନ୍‌ଫର୍ମ ହୋଇଯିବ। ୟୁଜର୍‌ଙ୍କୁ ସହାୟତା କରିବା ପାଇଁ ଫୋନ୍‌ପେ ଏକ ଏଆଇ ଆଧାରିତ ଭଏସ୍ ହେଲ୍‌ପଲାଇନ୍ ମଧ ଆରମ୍ଭ କରିଛି। ଏଥିରେ ଇଂରାଜି ସହ ୧୨ଟି ଭାରତୀୟ ଭାଷାର ସପୋର୍ଟ ରହିଛି। ଏହି ହେଲ୍ପଲାଇନ୍ ମାଧ୍ୟମରେ ୟୁପିଆଇ 123Pay ସେଟ୍‌ଅପ୍ କରିବାର ପୂରା ପ୍ରକ୍ରିୟା ଜାଣିହେବ। ଏହାସହ ୟୁପିଆଇ ସମ୍ପର୍କିତ ସାଧାରଣ ପ୍ରଶ୍ନର ଉତ୍ତର ମଧ ପାଇପାରିବେ। ସ୍ମାର୍ଟଫୋନ୍ ନଥିଲେ ମଧ ଫିଚର୍ ଫୋନ୍ ୟୁଜର୍‌ମାନେ ଏବେ ଡିଜିଟାଲ୍ ପେମେଣ୍ଟର ସୁବିଧା ନେଇପାରିବେ। ଏହାଦ୍ୱାରା ଦେଶର ଅଧିକ ସଂଖ୍ୟକ ଲୋକ ୟୁପିଆଇ ସେବା ସହ ଯୋଡ଼ି ହୋଇପାରିବେ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୬,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୮୭୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ସକ୍ଷମ ପକ୍ଷରୁ 'ଅଙ୍ଗଦାନ ମହୋତ୍ସବ' ପାଳିତ

ଭୁବନେଶ୍ୱର,୧୯ (ସଂଚାର ବ୍ୟୁରୋ): ଜୀବନ ରକ୍ଷାକାରୀ ଅଙ୍ଗ ପ୍ରତିରୋପଣ ନିମନ୍ତେ ଆବଶ୍ୟକ ମାତ୍ରାର ଅଙ୍ଗର ଘୋର ଅଭାବ ଯୋଗୁଁ ଭାରତରେ ପ୍ରତିଦିନ ହାରାହାରି ୨୦ ଜଣ ରୋଗୀଙ୍କ ମୃତ୍ୟୁ ଘଟୁଛି। ଅଙ୍ଗଦାନର ଗୁରୁତ୍ୱ ସମ୍ପର୍କରେ ସମାଜରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ବୋଲି କହିଛନ୍ତି ଓଡ଼ିଶା ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ)ର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ବିଭୂତି ଭୂଷଣ ନାୟକ।

ସୋମବାର ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ଆୟୋଜିତ 'ଅଙ୍ଗଦାନ ମହୋତ୍ସବ'ରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡକ୍ଟର ନାୟକ କହିଛନ୍ତି ଯେ ଅଙ୍ଗଦାନ ଦ୍ୱାରା ଅନେକ ଜୀବନ ବଞ୍ଚାଇ ହେବ। ତେଣୁ ଲୋକଙ୍କ ମଧ୍ୟରେ ଅଙ୍ଗଦାନ ସମ୍ପର୍କରେ ସଠିକ୍ ସୂଚନା ଓ ସଚେତନତା ପହଞ୍ଚାଇବା ଅତ୍ୟନ୍ତ ଆବଶ୍ୟକ।

ମଲ୍ଟି-ସୁପରସ୍ପେସିଆଲିଟି ଓ କ୍ୱାଟର୍ନାରୀ କେୟାର ହସ୍ପିଟାଲ୍ ସକ୍ଷମ ପକ୍ଷରୁ ଆୟୋଜିତ




ଏହି ସଚେତନତା କାର୍ଯ୍ୟକ୍ରମରେ ସୋଆର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ଏହି ଅବସରରେ ସକ୍ଷମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ଶ୍ୱେତପଦ୍ମା ଦାଶ କହିଥିଲେ ଯେ, ଅଙ୍ଗଦାନର ମହତ୍ୱ ସମ୍ପର୍କରେ ସମାଜରେ ସାମୂହିକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହସ୍ପିଟାଲ୍ ପକ୍ଷରୁ ୨୦୨୩ ମସିହାରୁ 'ଅଙ୍ଗଦାନ ମହୋତ୍ସବ' ପାଳନ କରାଯାଉଛି। "ଅଙ୍ଗଦାନ ହେଉଛି ଜୀବନ ଦାନ। ତେଣୁ ଦେଶରେ ହଜାର ହଜାର ରୋଗୀ ଜୀବନ ରକ୍ଷାକାରୀ ଅଙ୍ଗ ପ୍ରତିରୋପଣ ପାଇଁ ଅପେକ୍ଷାରତ ଥିବା ବେଳେ ଜଣେ ମୃତ ଅଙ୍ଗଦାତା ଏକାଧିକ ବ୍ୟକ୍ତିଙ୍କୁ ନୂଆ ଜୀବନ ଦେଇପାରନ୍ତି ବୋଲି ସେ କହିଥିଲେ।

ଅଙ୍ଗଦାନ ପ୍ରୋତ୍ସାହନ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ମଲ୍ଟି ଅର୍ଗାନ୍ ଟ୍ରାନ୍ସପ୍ଲାଂଟେସନ୍ ଆଣ୍ଡ ହ୍ୟୁମାନ୍ ଆଣ୍ଡ ଏଜୁକେସନାଲ୍ ରିସର୍ଚ୍ଚ (ମଦର)ର ପ୍ରତିଷ୍ଠାତା ଇଞ୍ଜିନିୟର ତ୍ରୈଲୋକ୍ୟ ନାଥ ପଣ୍ଡା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଅଙ୍ଗ ପ୍ରତିରୋପଣ ସଫଳତାର ସହ କରାଯାଇପାରେ ଏବଂ ଏହା ଦ୍ୱାରା ଅନେକ ଜୀବନ ବଞ୍ଚାଇ ହେବ ବୋଲି ଲୋକଙ୍କୁ ବୁଝାଇବା ଆବଶ୍ୟକ। ଓଡ଼ିଶାରେ ପ୍ରଥମ ଅଙ୍ଗଦାନ ଓ ଅଙ୍ଗ ପ୍ରତିରୋପଣ ୧୯୮୫ ମସିହାରେ ବୁର୍ଲାସ୍ଥିତ ଭିଏସ୍ଏସ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍ସରେ ହୋଇଥିଲା ବୋଲି ସେ କହିଥିଲେ।

ଶିକ୍ଷା ଓ ଅନୁସନ୍ଧାନର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ "ଅଙ୍ଗଦାନ ହେଉଛି ମାନବିକତାର ସର୍ବୋଚ୍ଚ ପ୍ରକାଶ। ଜୀବନ ପରେ ମଧ୍ୟ ଜୀବନ ଦେବାର ଏକ ମହାନ ଉପହାର। ସୋଆ ହସ୍ପିଟାଲ୍ ଗୁଡ଼ିକ ମାଧ୍ୟମରେ ଆମେ ଏପରି ଏକ ସଂସ୍କୃତି ଗଢ଼ି ତୋଳିବାକୁ ପ୍ରତିବଦ୍ଧ, ଯେଉଁଠାରେ ଅଙ୍ଗଦାନର ସାହସ, ଦୟା, କରୁଣା ଓ ମାନବିକତାର ଏକ ମହାନ ପରଂପରା ସୃଷ୍ଟି ହୋଇପାରିବ ଏବଂ ଅନ୍ୟମାନଙ୍କୁ ଅମୂଲ୍ୟ ଜୀବନ ବଞ୍ଚିବାର ସୁଯୋଗ ମିଳିବ।"

## ବେନୁପୁର-ଚାଷାପଡ଼ା ରାସ୍ତା ଶୋଚନୀୟ

### ୭ ଗାଁର ଲୋକେ ହନ୍ତସନ୍ତ, ତୁରନ୍ତ ମରାମତି ଦାବି



ବାଲିକୁଦା, ୧୯ (ସଂଚାର ବ୍ୟୁରୋ): ଜନସାଧାରଣଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ବେନୁପୁର-ଚାଷାପଡ଼ା ରାସ୍ତା ଏବେ ଖାଲଖମାରେ ପରିଣତ ହୋଇଛି। ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତ ଅଧୀନ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ବର୍ଷାଦିନେ ଗର୍ତ୍ତରେ ପାଣି ଜମି ରହିବାରୁ ରାସ୍ତାର ଅବସ୍ଥା ଆହୁରି ଦୟନୀୟ ହୋଇପଡୁଛି। ବାଇକ୍ ଚାଳକଙ୍କ ସମେତ ଛାତ୍ରଛାତ୍ରୀ, ଚାଷୀ ଓ ସାଧାରଣ ଲୋକେ ନିତିଦିନ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ବିଶେଷକରି ରୋଗୀଙ୍କୁ ଜରୁରୀ ସମୟରେ ଚିକିତ୍ସାଳୟକୁ ନେବା ବେଳେ ରାସ୍ତାର ଦୁରବସ୍ଥା ଚିନ୍ତାର କାରଣ ପାଲଟିଛି।

ଏହି ରାସ୍ତା ଉପରେ ପ୍ରାୟ ୭ଟି ଗାଁର ଲୋକ ନିର୍ଭରଶୀଳ। ତେଣୁ ରାସ୍ତାର ଖାଲଖମା ତୁରନ୍ତ ପୂରଣ କରି ମରାମତି କରିବା ସହ ଦୀର୍ଘମିଆଦି ଭିତ୍ତିରେ ରାସ୍ତାର ଉନ୍ନତୀକରଣ କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଦେଶ ପାଇଁ ରଗବି ଖେଳିବେ ସଫେଇ କର୍ମଚାରୀଙ୍କ ଝିଅ ସୁମିତ୍ରା




ବାରିପଦା,୧୯ (ସଂଚାର ବ୍ୟୁରୋ): ପରିବାରର ଆର୍ଥିକ ଅନଟନ ଓ କଠିନ ପରିସ୍ଥିତିକୁ ପଛରେ ପକାଇ ଆନ୍ତର୍ଜାତୀୟ କ୍ରୀଡ଼ା ଜଗତରେ ମୟୂରଭଞ୍ଜର ନାଁ ଚମକାଇଛନ୍ତି ବାରିପଦା ବ୍ଲକ ଅନ୍ତର୍ଗତ ରାଜାବସା ଶିକାରଘାଟିର ଝିଅ ସୁମିତ୍ରା ମୁର୍ମୁ । ଆସନ୍ତା ସେପ୍ଟେମ୍ବର ମାସ ୫ ଓ ୬ ତାରିଖରେ ଚୀନ୍‌ର କିଙ୍ଗଡାଓଠାରେ ଅନୁଷ୍ଠିତ ହେବାକୁ ଥିବା ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଚାମ୍ପିଅନସିପ୍-୨୦୨୬ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ତାଙ୍କର ଏହି ସଫଳତା ସମଗ୍ର ଜିଲ୍ଲା ଏବଂ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଦେଇଛି।

ବାପା ରାମ ମୁର୍ମୁ ବାରିପଦା ମ୍ୟୁନିସିପାଲଟିରେ ଜଣେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବାବେଳେ ମା' ଶଙ୍ଖୀ ମୁର୍ମୁ ପାରମ୍ପରିକ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଅଭାବ ଅନଟନ ଭିତରେ ସଂଘର୍ଷ କରି ସୁମିତ୍ରା ଏହି ଶୀର୍ଷରେ ପହଂଚିପାରିଛନ୍ତି ବୋଲି ଫ୍ୟୁଚାର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଓ ତାଙ୍କ ମାର୍ଗଦର୍ଶକ ଦିବ୍ୟରଞ୍ଜନ ଦାସ ପ୍ରକାଶ କରିଛନ୍ତି।

ରାଣୀଭୋଳ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପଢୁଥିବା ସମୟରୁ ସୁମିତ୍ରା ରଗ୍‌ବୀ ଖେଳିବା ଆରମ୍ଭ କରିଥିଲେ। ମୟୂରଭଞ୍ଜର ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ପ୍ରଶିକ୍ଷଣ ଏହି ସଫଳତାରେ ଏକ ବଡ଼ ଭୂମିକା ଗ୍ରହଣ କରିଛି।

୨୦୦୮ ମସିହା ଡିସେମ୍ବର ୩୧ ତାରିଖରେ ଜନ୍ମଗ୍ରହଣ କରିଥିବା ସୁମିତ୍ରା ନିଜର ପ୍ରଚେଷ୍ଟା ବଳରେ ଜୁନିୟର ଜାତୀୟ ରଗ୍‌ବୀ (୨୦୨୬) ହାଇଦ୍ରାବାଦରେ ସ୍ୱର୍ଣ୍ଣ ପଦକ, ସିନିୟର ଜାତୀୟ ରଗ୍‌ବୀ (୨୦୨୬) ବିହାରର ରାଜଗିରରେ ସ୍ୱର୍ଣ୍ଣ ପଦକ, ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା (୨୦୨୫-୨୬) ଦିଲ୍ଲୀରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଏବଂ ବିଭିନ୍ନ ଜାତୀୟ ଜୁନିୟର ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ମଧ୍ୟ ଅର୍ଜନ କରିଛନ୍ତି । ସୁମିତ୍ରାଙ୍କ ଏହି ଗୌରବଜନକ ସଫଳତା ଏବଂ ଫ୍ୟୁଚର୍ ଷ୍ଟାର୍ ସ୍ପୋର୍ଟସ୍ ଏକାଡେମୀର ଏହି ଗର୍ବର ମୁହୂର୍ତ୍ତ ପାଇଁ ସବୁସ୍ତରରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବସ୍ତା ବିଧାୟିକା



ବାଲିଆପାଳ,୧୯ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଅଧିନସ୍ଥ ରାମନଗର-ରସଲପୁର ଗ୍ରାମର ୧୯, ୨୦ ଓ ୨୧ ନଂ ୱାର୍ଡର ବନ୍ୟା ପ୍ରଭାବିତ ଅଞ୍ଚଳ ସୋମବାର ବିଭାଗୀୟ ଅଧିକାରୀଙ୍କ ପରିଦର୍ଶନ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ସୁବର୍ଣ୍ଣରେଖା ନଦୀର ବନ୍ୟା ଯୋଗୁଁ ରାମନଗର-ରସଲପୁର ବିଶେଷ ଭାବେ ପ୍ରଭାବିତ ହୋଇଥିବା ବେଳେ ବିଧାୟିକା ଶ୍ରୀମତୀ ଜେନା ପହଞ୍ଚି ବିପନ୍ନଙ୍କ ଦୁଃଖ ବୁଝିଥିଲେ। ବନ୍ୟା ଯୋଗୁଁ ଗ୍ରାମରେ ଉପୁଜିଥିବା ପିଇବା ପାଣିର ସମସ୍ୟା, ଚାଷ ଜମିରେ ଜଳ ନିଷ୍କାସନ ଆଦି ବିଭିନ୍ନ ସମସ୍ୟା ବାବଦରେ ସ୍ଥାନୀୟ ଜନସାଧାରଣଙ୍କଠାରୁ ଅବଗତ ହୋଇ ତାହାର ସ୍ଥାୟୀ ସମାଧାନ ନିମନ୍ତେ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଯେତେ ଶୀଘ୍ର ସମ୍ଭବ କାମ ଆରମ୍ଭ କରିବାକୁ ବିଧାୟିକା ଶ୍ରୀମତୀ ଜେନା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାଶ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ବାଲିଆପାଳ ଆଇ ଆଇ ସି ସାଲଖାନ ମୁର୍ମୁ, ଭୋଗରାଇ ଜେଇ, ଜାମକୁଣ୍ଡା ଆର ଆଇ, ପିଇଓ, ଏଡ଼ିଓ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ କ୍ଷବିଧାୟିକାଙ୍କ ସହ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ମନ୍ମଥ ଗିରି, ଯୁବ ନେତା ସରୋଜ ଦାସ, ତପନ ଦେ, ନାରୀନେତ୍ରୀ ଲିଲିମା ସାସମଲ, ଦୁର୍ଜୟ ନାୟକ, ପରେଶ ବେହେରା, ସନ୍ତୋଷ ବେହେରା, ଭାରତ ଭୂଷଣ ପଣ୍ଡା ପ୍ରମୁଖ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ

## ରମେଶ ଜେନାଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ



ହିଞ୍ଜିଳିକାଟୁ, ୧୯ (ସଂଚାର ବ୍ୟୁରୋ): ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଶେରଗଡ଼ ଓ ହିଞ୍ଜିଳି ବ୍ଲକର ନେତୃବୃନ୍ଦଙ୍କୁ ନେଇ କୁକୁଡ଼ାଖଣ୍ଡି ବଉଳଝୋଳି ଫାର୍ମହାଉସଠାରେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ହିଞ୍ଜିଳିକାଟୁ ଅଞ୍ଚଳର ଯୁବ ସମାଜସେବୀ ଶିବରାମ ପ୍ରଧାନଙ୍କ ସଂଯୋଜନାରେ ଅତିଥି ଭାବେ ବିଧାୟକ ଶ୍ରୀ ଜେନା ଯୋଗ ଦେଇଥିଲେ। ହିଞ୍ଜିଳି ନିର୍ବାଚନମଣ୍ଡଳୀର ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ଜନପ୍ରତିନିଧିମାନେ ଅବହେଳା କରୁଥିବା ନେଇ ସେ ବର୍ଷିଥିଲେ । ଶେରଗଡ଼ ବ୍ଲକର ଯୁବନେତା କୁନା ବିଷୋୟୀ, ହିଞ୍ଜିଳିର ଯୁବନେତା ପ୍ରଦୀପ ମହାରଣା, ଜଗନ୍ନାଥ ଗୌଡ଼, ପ୍ରକାଶ ବିଷୋୟୀ, ସୀମାଞ୍ଚଳ ଗୌଡ଼, ପ୍ରଭାକର ପାଣିଗ୍ରାହୀ, ଭଗବାନ ପଣ୍ଡା ଓ ମହେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ




ଢେଙ୍କାନାଳ,୧୯ (ସଂଚାର ବ୍ୟୁରୋ): ୨ ତାରିଖ ଦିନ ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ବରିଷ୍ଠ ନାଗରିକମାନେ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ପ୍ରାପ୍ତି ନିମନ୍ତେ ବାରଣାସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ଏହି ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମସ୍ତ ବରିଷ୍ଠ ନାଗରିକଙ୍କୁ ଗୋଲାପ ଫୁଲ ଦେଇ ସମସ୍ତଙ୍କର ମଙ୍ଗଳମୟ ଯାତ୍ରା କାମନା କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଦୀପ୍ତ କୁମାର ସାହୁ ପ୍ରମୁଖ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ ।

## ଫୁଲବାଣୀ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ




ଫୁଲବାଣୀ,୧୯ (ସଂଚାର ବ୍ୟୁରୋ): ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଫୁଲବାଣୀ ପୌର ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ମହାଆଡ଼ମ୍ବର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଫୁଲବାଣୀ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଉମା ଚରଣ ମଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସହରାଂଚଳର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିଭଳି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ସମସ୍ତ ଦେଖିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଫୁଲବାଣୀ ପୌର ପରିଷଦର ଏକାଧିକ ପ୍ରକଳ୍ପ ଶୁଭଉଦ୍ ଘାଟନ ହୋଇଥିଲା । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରଶାରଣ ଅବସରରେ ମୁଖ୍ୟମନ୍ତ୍ରୀ ଫୁଲବାଣୀ ପୌର ପରିଷଦର ୯ ନମ୍ବର ୱାର୍ଡ଼ର ହିତାଧିକାରୀ ରୁନୁ କହଁରଙ୍କ ସହିତ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ବିଭିନ୍ନ ଯୋଜନା ଉପରେ ପଚାରିବୁଝିଥିଲେ । ଏହି ଅବସରରେ ପୌର ପରିଷଦର ଏକାଧିକ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ସଭାକାର୍ଯ୍ୟ ପରେ ପରେ ପୌର ପରିଷଦ ଅନ୍ତର୍ଗତ ବଡ଼ବନ୍ଧର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣର ସମସ୍ତ ଅତିଥିମାନଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ ସହିତ ଦୁଇଗୋଟି ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଓ ଗାନ୍ଧୀଛକ ନିକଟେ ଗୋଟିଏ ଅତ୍ୟାଧିନିକ ଯାତ୍ରୀ ପ୍ରତିକ୍ଷାଳୟର ଶୁଭ ଉଦଘାଟନ କରାଯାଇଥିଲା । ସେହିଭଳି କରୋନେସନ ପଡ଼ିଆ ଠାରେ ପୌର ପରିଷଦ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅବସରରେ ଆଜି ସୁରଜ ଏଫ୍.ସି କନ୍ଧମାଳ ଏବଂ ରବର୍ସ କ୍ଲବ କଟକ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରବର୍ସ କ୍ଲବ ବିଜୟ ଲାଭ କରି ୧୫ ହଜାର ଟଙ୍କା ସହିତ ସ୍ୱତନ୍ତ୍ର ଟ୍ରଫି ଓ ରସର୍ନ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

### ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସଫଳତା

## କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଲେ ଅନିଲ୍




କେନ୍ଦ୍ରାପଡ଼ା,୧୯ (ସଂଚାର ବ୍ୟୁରୋ): ହାଇଦ୍ରାବାଦ୍‌ରେ ଦୁଇ ଦିନ ଧରି ଅନୁଷ୍ଠିତ ଜାତୀୟସ୍ତରୀୟସୁନ୍ଦରସ୍ୱାସ୍ଥ୍ୟପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ମାଟିର ପୁଅ ଅନିଲ ପ୍ରକାଶ ଧଳ ପଦକ ଜିତିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ବାରିମୂଳ ଗ୍ରାମର ପଦ୍ମଲୋଚନ ଧଳଙ୍କ ପୁଅ ଅନିଲ ପେଶାରେ ଜଣେ ବ୍ୟବସାୟୀ। ତାଙ୍କର ଏକ କପଡ଼ା ଦୋକାନ ଅଛି। ନିଶା କିନ୍ତୁ ତାଙ୍କର ବଡି ବିଲ୍ଡିଂ କରିବା। କର୍ମମୟ ଜୀବନ ଭିତରେ ଦିନକୁ ଦୁଇ ଘଣ୍ଟା ସେ ଜିମ୍‌ରେ ଝାଳ ବୁହାନ୍ତି। ଗତ ୨୯ ଓ ୩୦ତାରିଖ ଦୁଇ ଦିନ ଧରି ହାଇଦ୍ରାବଦ୍‌ରେ ଆଇସିଏନ୍ ଇଣ୍ଡିଆ ପକ୍ଷରୁ ଜାତୀୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ୩୯ବର୍ଷୀୟ ଅନିଲ୍‌ଙ୍କୁ ମିଶାଇ ବିଭିନ୍ନ ରାଜ୍ୟରୁ ପାଖାପାଖି ୧୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଅନିଲ୍ ଦୁଇଟି ପ୍ରତିଯୋଗିତା(ପୁରୁଷ କ୍ଲାସିକ୍ ଫିଜିକ୍ସ ଓ ପୁରୁଷ ଫିଜିକ୍ସ)ରେ ଭାଗ ନେଇଥିଲେ। ଉଭୟରେ ସେ ଚତୁର୍ଥ ସ୍ଥାନ ଅଧିକାର କରି ପଦକ ଜିତିବା ସହିତ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଛନ୍ତି।

ଏଭଳି ସଫଳତା ପରେ ଅନିଲ୍ କହିଛନ୍ତି ଯେ ଦୀର୍ଘ ନଅ ମାସର କଠିନ ପରିଶ୍ରମର ଫଳ ମିଳିଛି। ଜୀବନରେ ପ୍ରଥମଥର ପାଇଁ କୌଣସି ଏକ ପ୍ରତିଯୋଗିତାରେ ଭାଗ ନେଲି ଆଉ ସଫଳ ହେଲି। ବାପା-ମା' ଏବଂ ଗୁରୁ ଜଗନ୍ନାଥ ସାହୁଙ୍କ ଆଶୀର୍ବାଦ ଏବଂ ପତ୍ନୀ ଓ ଦୁଇ ଝିଅଙ୍କ ସମର୍ଥନ ଯୋଗୁ ଏଭଳି ସଫଳତା ମିଳିଲା। ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ କରି ରାଜ୍ୟ ତଥା ଜିଲ୍ଲା ପାଇଁ ସୁନାମ ଆଣିବେ ବୋଲି ଅନିଲ୍ କହିଛନ୍ତି।

## ବର୍ଷାରେ ଭୁଶୁଡ଼ିଲା ଘର କାନ୍ଥ, ଅଳ୍ପକେ ବର୍ତ୍ତିଲେ ପରିବାର



ଫୁଲବାଣୀ,୧୯ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକରେ ଗତ କିଛିଦିନ ହେବ ଝିପି ଝିପି ବର୍ଷା ଲାଗି ରହିଛି ବର୍ଷାରେ ଅନେକ ଘର ଭାଙ୍ଗିଥିବା ବେଳେ ବହୁତ ଜାଗାରେ ଏବଂ ରାସ୍ତାରେ ଗଛ ପଡି ବହୁ କ୍ଷୟ କ୍ଷତି ହେବାସହ ଗଛ ପଡି ଜୀବନ ହାନି ମଧ୍ୟ ଘଟିଛି ଆଜି ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ରାଇଗୁଡ଼ା ଗାଁର ବନମାଳୀ ରଣା ଙ୍କ ଘର କାନ୍ଥ ଭୁଶୁଡି ପଡି ବିଭିନ୍ନ ଜିନିଷ ନଷ୍ଟ ହୋଇଛି ତେବେ ସୂଚନା ଅନୁସାରେ ଆଜି ଦିନ ୨ ଟା ସମୟରେ ଝିପି ଝିପି ବର୍ଷା ହେଉଥିବା ବେଳେ ପରିବାର ର ପାଞ୍ଚ ସଦସ୍ୟ ଘର ଭିତରେ ଥିଲେ ହଠାତ ଘର କାନ୍ଥ ଭୁଶୁଡି ପଡ଼ିଥିବା ବେଳେ କୌଣସି କ୍ଷୟ କ୍ଷତି କିମ୍ବା ଜୀବନ ହାନି ଘଟି ନାହିଁ । ବାଲନ୍ଦାପଡା ରାଜସ୍ୱ ନିରୀକ୍ଷକ ବିପିନବିହାରୀ ଭୂୟାଁ ଘଟଣା ସ୍ଥଳ ରେ ପହଁଞ୍ଚି ଅନୁଧ୍ୟାନ କରିଛନ୍ତି । ତେବେ ପରିବାର ତରଫରୁ ନିଜେ ବନମାଳୀ ରଣା ବର୍ତ୍ତମାନ ଘରେ ରହିବା ବିପଦ ପୂର୍ଣ୍ଣ ଥିବାରୁ ସରକାର ଙ୍କ ତରଫରୁ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ଭବାନୀପାଟଣାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ–୨୦୨୬ ପାଳିତ




ଭବାନୀପାଟଣା,୧୯ (ସଂଚାର ବ୍ୟୁରୋ): ଭବାନୀପାଟଣା ପୌରପାଳିକା ଆନୁକୂଲ୍ୟରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ସୋମବାର ଦିନ ବିଭିନ୍ନ କାର୍ଯ୍ୟକ୍ରମ ଓ ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଦିନବ୍ୟାପୀ ଆୟୋଜିତ ଏହି ଉତ୍ସବରେ ପୌରପାଳିକାର କର୍ମଚାରୀ, ଜନପ୍ରତିନିଧି, ଅଧିକାରୀ, ବୁଦ୍ଧିଜୀବୀ ଓ ସହରବାସୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ମୂଳଦୁଆ। ଲୋକଙ୍କ ନିକଟରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା, ସହରାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାରେ ପୌରପାଳିକାର ଗୁରୁତ୍ୱ ରହିଛି। ଏହି ବାର୍ତ୍ତାକୁ ନେଇ ଚଳିତ ବର୍ଷର ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା।

ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ବିବେକାନନ୍ଦ ମହାନନ୍ଦ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ରୂପ ସିଂହ ରାଉତ ଯୋଗଦେଇଥିଲେ। ସଭାରେ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ପାଢ଼ୀ ଓ ନଗରପାଳ ଶ୍ରୀ ବିଷ୍ଣୁ ପ୍ରଧାନଙ୍କ ସମେତ ସମସ୍ତ ୱାର୍ଡ କାଉନ୍ସିଲର, ପାରିଷଦବୃନ୍ଦ ଏବଂ ପୌରପାଳିକାର କର୍ମଚାରୀମାନେ ଉପସ୍ଥିତ ଥିଲେ।

ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରି ବକ୍ତାମାନେ କହିଥିଲେ ଯେ, ସ୍ଥାନୀୟ ସ୍ୱାୟତ୍ତ ଶାସନ କେବଳ ପ୍ରଶାସନିକ ବ୍ୟବସ୍ଥା ନୁହେଁ, ଏହା ହେଉଛି ଜନସାଧାରଣଙ୍କ ସହ ସରକାରୀ ବ୍ୟବସ୍ଥାର ସିଧାସଳଖ ସମ୍ପର୍କର ଏକ ମୁଖ୍ୟ ମାଧ୍ୟମ। ସହରର ରାସ୍ତା, ପାନୀୟଜଳ, ପରିମଳ, ଆଲୋକୀକରଣ, ନିଷ୍କାସନ ବ୍ୟବସ୍ଥା, ସ୍ୱଚ୍ଛତା ଓ ଅନ୍ୟାନ୍ୟ ନାଗରିକ ସୁବିଧା ଯୋଗାଇବାରେ ପୌରପାଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ନାଗରିକମାନଙ୍କ ଭୂମିକା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

## ହୃଦଘାତରେ ରିଟେଲରଙ୍କ ପରଲୋକ

ବାଲିଆପାଳ,୧୯ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚରୁଖୀ ଗ୍ରାମର ବାସିନ୍ଦା ତଥା ଖଗଡ଼ାପାଳ ଅଞ୍ଚଳର ରିଟେଲର ରବୀନ୍ଦ୍ର ଜେନା (୬୫)ଙ୍କର ଆଜି ସକାଳେ ହୃଦଘାତ ଯୋଗୁଁ ପରଲୋକ ଘଟିଛି।ସୂଚନା ଅନୁଯାୟୀ, କାଲି ସାନ୍ଧ୍ୟ ରେ ବସିଥିବା ସମୟରେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ରେଫର କରିଥିଲେ ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ଗ୍ରାମ ର ମୁଖିଆ ରାମନାରାୟଣ ପଣ୍ଡା, ଶ୍ରୀଧର ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ମାଳତୀ ଜେନା ଏବଂ ଦୁଇ ପୁଅ ଯଶୋବନ୍ତ ଜେନା ଓ ଜୟନ୍ତ ଜେନା ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ।ତାଙ୍କ ବିୟୋଗରେ ପଞ୍ଚରୁଖୀ ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।



## ପଟ୍ଟାମୁଣ୍ଡାଇରେ ସ୍ୱାୟତ୍ତଶାସନ ଦିବସ ପାଳିତ



ପଟ୍ଟାମୁଣ୍ଡାଇ, ୧୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଧୋୟାଞ୍ଚଳର ବନ୍ୟା ସମସ୍ୟା ଓ ସହରର ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହିତ ସହରରୁ ଚୋରୀ ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଠିର ସହର ମଧ୍ୟରେ ସିସିଟିଭି ବ୍ୟବସ୍ଥା କରାଯାଇଛି ବୋଲି ଆଜି ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ।

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ପୌର ପରିଷଦ ପ୍ରେକ୍ଷାଳୟ ଠାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ବିଧାୟକ ଶ୍ରୀସାହୁ କହିଲେ ବନ୍ୟା ନିୟନ୍ତ୍ରଣ ପାଇଁ ରିଂବନ୍ଧ ନିର୍ମାଣ ଓ ଜଳନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନିର୍ମାଣ ସହ ବର୍ଷାଜଳକୁ ଗୋବରୀ ନଦୀରେ ଛଡା ଯିବା ପାଇଁ ପଦକ୍ଷେପ ନିଆଯାଉଛି । ପଟ୍ଟାମୁଣ୍ଡାଇ ସହରରୁ ଚୋରି ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଠିରୁ ଏସଡିପିଓ ଅଫିସ ଠାରୁ ପୋଲ ପାଖ ମହାବୀର ବଜାର ପର୍ଯ୍ୟନ୍ତ ସିସିଟିଭି କାର୍ଯ୍ୟକ୍ରମ ଲୋକାର୍ପଣ କରାଯାଇଛି । ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ନିର୍ମାଣ, ପ୍ରଶାସନିକ ଭବନ ଓ ଡାକ୍ତର କ୍ୱାଟର ନିର୍ମାଣ ପାଇଁ ପ୍ରାୟ ୧୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ପଟ୍ଟାମୁଣ୍ଡାଇ ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା ଏହାକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । କାଉନସିଲର ସର୍ବଶ୍ରୀ ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ମଳୟ ଓଝା ମୃତ୍ୟୁଞ୍ଜୟ ପାଢ଼ୀ ସମ୍ରାଟ ଜେନା ସାନିଆ ପରମିନ ସାହେବା, ରୀନାରାଣୀ ମଳିକ ପ୍ରମୁଖ ବହୁ କାଉନସିଲର ମଞ୍ଚାସୀନ ଥିଲେ।

ଏଇ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସହଯୋଗ ଯୋଜନାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୌର ପରିଷଦ ସି ଓ ତପସ୍ୱିନୀ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ ବିଭିନ୍ନ ସ୍କୁଲ କଲେଜର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା । ସଭା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କରାଯିବା ସହିତ ଏମ ଏନ ହାଇସ୍କୁଲ ନିକଟରେ ପୋଖରୀ ଉନ୍ନତି ସୌନ୍ଦର୍ଯ୍ୟ କରଣ ଶିଳାନ୍ୟାସ ଓ ଅଳଭା ଠାରେ ପୋଖରୀ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଶିଳାନ୍ୟାସ ଓ ପଟ୍ଟାମୁଣ୍ଡାଇ ସହରରେ ସି ସି ଟିଭି କାର୍ଯ୍ୟକ୍ରମ ଲୋକାର୍ପଣ, ମାଟିଆପାଳରେ ଏଫ ଏସ ଟି ପ୍ଲାଣ୍ଟ ଗୃହ ଉଦଘାଟନ ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ବିଧାୟକ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ପୌର ଅଧକ୍ଷ ନିର୍ବାହୀ ଅଧିକାରୀ ଓ କାଉନସିଲର ମାନେ ଯୋଗ ଦେଇଥିଲେ ।




# ଋତୁସ୍ରାବ ସମୟରେ ଓ ପରେ ପେଟରେ ଅସହ୍ୟ ଯନ୍ତ୍ରଣା



ଋତୁସ୍ରାବ ସମୟରେ ଗଭୀର ଯନ୍ତ୍ରଣା, ପରିସ୍ରା ଓ ଝାଡ଼ା ସମୟରେ ଯନ୍ତ୍ରଣା, ସମ୍ଭୋଗରେ ଯନ୍ତ୍ରଣା ହୋଇ କ୍ରମାଗତ ଯନ୍ତ୍ରଣା ଲାଗି ରହିବା, ଦୁର୍ବଳତା ଅନୁଭବ ଆଦିକୁ ଅଧିକାଂଶ ମହିଳା ଅଣଦେଖା କରିଥାନ୍ତି। ହେଲେ ଏହା ଏଣ୍ଡୋମେଟ୍ରିଓସିସ୍ରୋଗର ଲକ୍ଷଣ ହୋଇପାରେ। ଗର୍ଭାଶୟର ଥିବା ଟିସୁ ଅଣ୍ଡାଶୟ, ଗର୍ଭାଶୟର ପଛପାର୍ଶ୍ୱ କିମ୍ବା ମୂତ୍ରାଶୟରେ ବଢ଼ିପାରେ। ଦିନକୁ ଦିନ ଏହି ରୋଗ ଅଧିକ ବ୍ୟାପିବା ସହ ଏହା ଜୀବନଶୈଳୀକୁ ପ୍ରଭାବିତ କରୁଛି। ବିଶେଷ କରି କାର୍ଯ୍ୟରତ ୨୫ରୁ ୪୦ ବର୍ଷର ମହିଳାମାନଙ୍କଠାରେ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଅଧିକ ଦେଖାଯାଇଥାଏ। ଆଉ ୧୦ ଜଣରେ ଜଣେ ମହିଳା ଏଣ୍ଡୋମେଟ୍ରିଓସିସ୍ ରୋଗରେ ଶିକାର ହୋଇଥାନ୍ତି। ତେଣୁ ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ମହିଳାମାନେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁତାବକ, ଏଣ୍ଡୋମେଟ୍ରିଓସିସ୍ ଏପରି ଏକ ରୋଗ, ଏହା ମହିଳାଙ୍କ ଗର୍ଭାଶୟକୁ ପ୍ରଭାବିତ କରିଥାଏ। ଏଣ୍ଡୋମେଟ୍ରିଓସିସ୍, ଏଣ୍ଡୋମେଟ୍ରିଆଲ ଭଳି ଟିସୁ (ଏଣ୍ଡୋମେଟ୍ରିୟମ୍ : ଗର୍ଭାଶୟର ଲାଇନିଂ) ଏହା ଗର୍ଭାଶୟର ବାହାର ପାର୍ଶ୍ୱରେ ବୃଦ୍ଧି ପାଇଥାଏ। ଡିମ୍ବାଶୟ ଉପରେ ମାଂସ (ସିଷ୍ଟ) ହେବାରୁ ସେଥିରୁ ଅଣ୍ଡା ନିର୍ଗତ ହୋଇପାରେ ନାହିଁ। ଏହା ଗର୍ଭବତୀ ହେବାରେ ଏହା ସମସ୍ୟା ସୃଷ୍ଟି କରେ। ଏହି ରୋଗ ପ୍ରଥମ ଋତୁସ୍ରାବରୁ ଆରମ୍ଭ ହୋଇ ରଜନୀବୃତ ଯାଏଁ ରହିପାରେ। ଜରାୟୁ ମଧ୍ୟରେ ଥିବା ଅନ୍ତଃଝିଲ୍ଲୀ, ଋତୁସ୍ରାବ ସମୟରେ ରକ୍ତ ସହିତ ମିଶି ଗର୍ଭନଳୀ ଦେଇ ପେଟ ଭିତରକୁ ଯାଇଥାଏ। ଏହି ଅନ୍ତଃଝିଲ୍ଲୀରେ ଥିବା ଗ୍ରନ୍ଥିଗୁଡ଼ିକ ପେଟ ଭିତରେ ରହି ରୋଗ ସୃଷ୍ଟି କରନ୍ତି। ବଂଶଗତ, ଦୂଷିତ ଖାଦ୍ୟ, ଦୂଷିତ ପରିବେଶ, ବହୁବାର ଗର୍ଭନଷ୍ଟ, ଅଧିକ ବୟସରେ ବିବାହ, ମାସିକ ଋତୁସ୍ରାବ ସମୟରେ ସହବାସ, ଅଧିକ ବ୍ୟାୟାମ କରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ଯୋଗୁଁ ୧୦% ମହିଳାଙ୍କ ପେଟ ଭିତରେ ଏହି ନିସୃତ ରକ୍ତରେ ଥିବା ଅନ୍ତଝିଲ୍ଲି ଗ୍ରନ୍ଥିଗୁଡ଼ିକ ନଷ୍ଟ ହୋଇ ପେଟରେ ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି।

**ଲକ୍ଷଣ:** ଏହି ରୋଗରେ ବିଭିନ୍ନ ଲକ୍ଷଣ ଦେଖା ଯାଇଥାଏ। ଋତୁସ୍ରାବ ସମୟରେ ଓ ପରେ ପେଟରେ ଅସହ୍ୟ ଯନ୍ତ୍ରଣା, ଝାଡ଼ା, ପରିସ୍ରା ଓ ସହବାସ ସମୟରେ ଏହି ଯନ୍ତ୍ରଣା ଅଧିକ ବଢ଼ିଯାଏ। ରୋଗରେ ପୀଡ଼ିତ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଯାଏ। ପ୍ରାୟତଃ ୩୦ରୁ ୪୦ ପ୍ରତିଶତ ମହିଳା ଯେଉଁମାନଙ୍କ ଠାରେ ଏହି ସମସ୍ୟା ରହିଥାଏ ସେମାନଙ୍କ ଗର୍ଭଧାରଣ କ୍ଷମତାରେ ଡିମ୍ବାଣୁର ଗୁଣବତ୍ତା ଦୁର୍ବଳ ହୋଇଯାଏ ଓ ଗର୍ଭାଶୟ ପ୍ରଭାବିତ ହୁଏ। ଅଧିକ ଦିନ ଏହି ସମସ୍ୟା ଲାଗି ରହି ଗର୍ଭାଶୟ କର୍କଟ ସୃଷ୍ଟିର କାରଣ ସାଜିପାରେ ବୋଲି ଡାକ୍ତରମାନେ ପରାମର୍ଶ ଦିଅନ୍ତି।

**ସୁସ୍ଥ ଜୀବନଶୈଳୀ ଜରୁରି:** ମୁଖ୍ୟତଃ ହରମୋନ୍ ଅସନ୍ତୁଳନ ଏବଂ ଆନୁବଂଶିକ କାରଣରୁ ହେଉଥିବାରୁ ସୁସ୍ଥ ଜୀବନଶୈଳୀ ଆପଣାଇ ଏହି ରୋଗର ତୀବ୍ରତାକୁ କମ୍ କରାଯାଇପାରେ। ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟପେୟ ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯାଞ୍ଚ କରିବା ନିହାତି ଜରୁରି।

**ଔଷଧ ଓ ଅସ୍ତ୍ରୋପଚାର ବିକଳ୍ପ:** ଏହି ରୋଗ ପାଇଁ ଔଷଧ ଏବଂ ଅସ୍ତ୍ରୋପଚାରର ବିକଳ୍ପ ରହିଥିବାବେଳେ ପ୍ରାରମ୍ଭିକ ଅବସ୍ଥାରେ ରୋଗକୁ ଚିହ୍ନଟ କରି ଔଷଧ ସେବନ କରିବା ହିତକର। ଡାକ୍ତର ସ୍ୱତନ୍ତ୍ର ଇଞ୍ଜେକସନ୍ ଦେଇ ପେଟର ଯନ୍ତ୍ରଣାକୁ କମ୍ କରିପାରନ୍ତି। ବେଳେବେଳେ ହରମୋନ୍ ବଟିକା ଓ ଇଞ୍ଜେକସନ୍ ଦିଆଯାଏ। ପେଲ୍ଭିକ୍ ଅଲଟ୍ରାସାଉଣ୍ଡ ଦ୍ୱାରା ଚକୋଲେଟ୍ ସିଷ୍ଟ ନିରୂପଣ କରାଯାଉଥିବା ବେଳେ ଏମ୍ଆରଆଇ ଦ୍ୱାରା ପେଟ ଏବଂ ଗର୍ଭାଶୟର ସମସ୍ୟାକୁ ନିରୂପଣ କରାଯାଇଥାଏ। ତେବେ ଡାକ୍ତର ରୋଗର ସ୍ଥିତି ଓ ଲକ୍ଷଣ ଅନୁଯାୟୀ ଚିକିତ୍ସା କରିଥାନ୍ତି। ଅସ୍ୱାଭାବିକ ସିଷ୍ଟକୁ ଲାପ୍ରୋସ୍କୋପିକ୍ ସାହାଯ୍ୟରେ କଢ଼ାଯାଇଥାଏ। ଆବଶ୍ୟକ ପଡ଼ିଲେ ଅସ୍ତ୍ରୋପଚାର ମଧ୍ୟ କରାଯାଏ।

# କୋଲେଷ୍ଟ୍ରଲ ପରୀକ୍ଷଣ ପୂର୍ବର ସତର୍କତା



ବର୍ତ୍ତମାନ ସମୟରେ କୋଲେଷ୍ଟ୍ରଲ ବୃଦ୍ଧି ଏକ ବଡ଼ ସମସ୍ୟା। କୋଲେଷ୍ଟ୍ରଲ ସ୍ତର ବଢ଼ିଲେ, ହୃଦ୍ଘାତ, ହୃତପିଣ୍ଡ ଅଚଳ, ଷ୍ଟ୍ରୋକ୍ ଆଦି ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ରକ୍ତରେ କୋଲେଷ୍ଟ୍ରଲ ସ୍ତର ନିର୍ଦ୍ଦିଷ୍ଟ ମାତ୍ରାରେରଖିବାକୁ ସମୟେ ସମୟେ ଯାଞ୍ଚ ଆବଶ୍ୟକ। ହୃତ୍ପିଣ୍ଡ ସୁସ୍ଥତା ପାଇଁ କୋଲେଷ୍ଟ୍ରଲ ପରୀକ୍ଷା ଅତ୍ୟନ୍ତ ଜରୁରି। ଏହି ପରୀକ୍ଷା ଦ୍ୱାରା ହୃଦ୍ରୋଗର ତୀବ୍ରତା ଓ ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୋଲେଷ୍ଟ୍ରଲ ଯାଞ୍ଚ ପାଇଁ ଡାକ୍ତର ଲିପିଡ୍ ପ୍ରୋଫାଇଲ୍ ପ୍ୟାନଲ ଟେଷ୍ଟ କରିବାକୁ ପରାମର୍ଶ ଦିଅନ୍ତି। ଏଥିରେ ରକ୍ତରେ ଅସ୍ୱାସ୍ଥ୍ୟକର ଏବଂ ହିତକର କୋଲେଷ୍ଟ୍ରଲ ସ୍ତର ଜାଣିହୁଏ। ତେଣୁ କୋଲେଷ୍ଟ୍ରଲ ଯାଞ୍ଚ ପୂର୍ବରୁ କେତେକ କଥା ଜାଣିବା ଉଚିତ। କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ କମ୍ ଚର୍ବିଯୁକ୍ତ ଖାଦ୍ୟ ଗ୍ରହଣ ଭଲ। ପାଖାପାଖି ୪୮ ଘଣ୍ଟା ପୂର୍ବରୁ ଡାଏଟ୍ରେ ଫ୍ୟାଟ୍ ମାତ୍ରାକୁ ସୀମିତ କରିବା ଆବଶ୍ୟକ। ଟେଷ୍ଟ ପୂର୍ବରୁ ଉପାସ କରିବା ଅଭ୍ୟାସ ରଖନ୍ତୁ। ୧୦ରୁ ୧୨ ଘଣ୍ଟା ଉପାସ ରହି ଟେଷ୍ଟ ଦ୍ୱାରା ଟ୍ରାଇଗ୍ଲିସେରାଇଡ୍ ଏବଂ ଏଲ୍ଡିଏଲ୍ କୋଲେଷ୍ଟ୍ରଲ ସ୍ତର ମାତ୍ରା ସଠିକ୍ ଜଣାପଡ଼େ। ଟେଷ୍ଟ ପୂର୍ବରୁ କେବେ ବି ମଦ୍ୟପାନ କି ନିଶାସେବନ କରିବା ଅନୁଚିତ। ଦୁଇଦିନ ପୂର୍ବରୁ ଏହି କୁଅଭ୍ୟାସକୁ ତ୍ୟାଗ କରିବା ଭଲ। ନଚେତ ଏହାଦ୍ୱାରା ଟେଷ୍ଟର ଫଳାଫଳ ମିଳେନାହିଁ। ସେହିପରି କୋଲେଷ୍ଟ୍ରଲ ଟେଷ୍ଟ ପୂର୍ବରୁ ଚିନ୍ତାମୁକ୍ତ ରହିବା ଜରୁରି। ନଚେତ୍ ଏହା ମଧ୍ୟ କୋଲେଷ୍ଟ୍ରଲ ସ୍ତରକୁ ପ୍ରଭାବିତ କରିପାରେ ଏବଂ ଫଳାଫଳ ଭୁଲ୍ ଆସିପାରେ। ସେଥିପାଇଁ ଟେଷ୍ଟର ୪୮ଘଣ୍ଟା ପୂର୍ବରୁ ଖୁସି ଓ ଶାନ୍ତି ରହିବା ନିହାତି ଆବଶ୍ୟକ। ବିଶେଷ କଥା ହେଉଛି, ପରୀକ୍ଷାରସଠିକ୍ ଫଳାଫଳ ଜାଣିବାକୁ ପ୍ରଚୁର ମାତ୍ରାର ପାଣି ପିଅନ୍ତୁ। ଦୈନିକ ୨ରୁ ୩ଲିଟର ପାଣି ପିଅନ୍ତୁ। ଯଦି କୋଲେଷ୍ଟ୍ରଲ ମାତ୍ରା ଅଧିକ ରହୁଛି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ମଧୁମେହ, ରକ୍ତଚାପ ଓ ହୃଦ୍ରୋଗରେ ପୀଡ଼ିତ ରୋଗୀ ନିୟମିତ ବ୍ୟବଧାନରେ ଟେଷ୍ଟ କରିବା ଉଚିତ।

# ରୋଗ ପ୍ରତିଷେଧକର ମହୌଷଧି ଦୂବ



ଦୂବ ଘାସରେ ଆଣ୍ଟି ଇନ୍ଫ୍ଲାମେଟରୀ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି। ଔଷଧୀୟ ଗୁଣରେ ଭରପୂର ଦୂବ ଏହା କାଶ, କଫ, ପିତ୍ତ, ରକ୍ତଶୋଧକ, ଅପସ୍ମାର, ଚର୍ମରୋଗ, ନାସା କ୍ଷତ ରକ୍ତସ୍ରାବର ପ୍ରତିଷେଧକ ଭାବେ କାମ କରିଥାଏ। ଏକଜିମା, ସୋରାୟସିସ୍ ଏବଂ କବକ ସଂକ୍ରମଣ ପାଇଁ ଏହା ବହୁତ ଲାଭପ୍ରଦ। ଦୁବକୁ ବାଟିକରି ତା'ର ରସକୁ କାଢ଼ି ଔଷଧ ରୂପେ ବ୍ୟବହାର କରାଯାଇଥାଏ। ସେହିପରି ଦୂବରସ ଦ୍ୱାରା ବାନ୍ତି ଦୂର ହୋଇଥାଏ। ଖଣ୍ଡିଆ ବା କ୍ଷତସ୍ଥାନରୁ ରକ୍ତସ୍ରାବକୁ ବନ୍ଦ କରିବାକୁ ଦୁବକୁ ବ୍ୟବହାର କରାଯାଇଥାଏ। ସାଧାରଣତଃ ନାକରୁ ରକ୍ତ ପଡ଼ିବା ଏକ ଗମ୍ଭୀର ସମସ୍ୟା, ଏପରି ସ୍ଥିତିରେ ଦୁବର ରସକୁ ନିର୍ଦ୍ଦିଷ୍ଟ ଅନୁପାତରେ ନାକରେ ପକାଇବା ଦ୍ୱାରା ରକ୍ତ ପଡ଼ିବା ବନ୍ଦ ହୋଇଯାଏ। ଅର୍ଶ ରୋଗ ପାଇଁ ଦୁବ ଅତି ହିତକର।

# ରୋଗ ନିୟନ୍ତ୍ରଣ କରେ ନିମ



ନିମ ପରିବେଶ ପାଇଁ ଯେତିକି ଭଲ, ସ୍ୱାସ୍ଥ୍ୟ ପାଇଁ ସେତିକି ଉପକାରୀ। ଏହି ଗଛର ପ୍ରତ୍ୟେକ ଅଂଶ ଯଥା- ଫୁଲ, ଫଳ, ଛେଲିରେ ଔଷଧୀୟ ଗୁଣ ଭରିରହିଛି। ନିମରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗାଲ, ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ତେଣୁ ଏହା ବିଭିନ୍ନ ରୋଗ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ଫୁସ୍ଫୁସ୍ ବିଷାକ୍ତକରଣ ଦୂର ପାଇଁ ନିମପତ୍ର ଅଧିକ ପ୍ରଭାବୀ କୁହାଯାଏ। ସେହିପରି ନିମ ପତ୍ରରେ ଥିବା ଔଷଧୀୟ ଗୁଣ ଯୋଗୁଁ ଏହାକୁ ଡାକ୍ତରଙ୍କ ପରାମର୍ଶରେ ସେବନ ଦ୍ୱାରା ରକ୍ତଶର୍କରା କମ୍ ହୁଏ। ନିମପତ୍ରରେ ଆଣ୍ଟିମେଲେରିଆଲ ଗୁଣ ମିଳିଥାଏ, ତେଣୁ ଏହା ମେଲେରିଆ ପାଇଁ ବହୁତ ଉପଯୋଗୀ। ଆୟୁର୍ବେଦରେ ପେଟର ଘା' କିମ୍ବା ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ନିମପତ୍ର ବେଶ୍ ଉପଯୋଗୀ। ଏହା ଶରୀରୁ ବିଷାକ୍ତ ପଦାର୍ଥ ବାହାର କରିପାରେ। ନିମପତ୍ର ଯକୃତକୁ ଡିଟକ୍ସ କରିବାକୁ ପ୍ରଭାବୀ ମନାଯାଏ। ଏହା ଅହିତକର କୋଲେଷ୍ଟ୍ରଲ କମ୍ କରେ। ନିମ ପତ୍ରକୁ ନଖ ଉଷୁମ ପାଣିରେ ଫୁଟାଇ ଏହାକୁ କେଶମୂଳ ଗାଧୋଇବା ଅଧଘଣ୍ଟା ପୂର୍ବରୁ ଲଗାଇ ସ୍ନାକଲେ, ରୂପି ସମସ୍ୟା ଦୂର ହୁଏ। କାଛୁ, କୁଣ୍ଡିଆ ଆଦି ଚର୍ମରୋଗ ଥôଲେ, ଏହି ପତ୍ରକୁ କଞ୍ଚାହଳଦୀରେ ବାଟି ଲେପନ କଲେ ଚର୍ମରୋଗ ଦୂର ହୁଏ। ନିମପତ୍ର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ବଢ଼ାଇଥାଏ। ତେଣୁ ସକାଳୁ ଖାଲି ପେଟରେ ନିମପତ୍ର, ତୁ,ସୀପତ୍ର ଏବଂ ଗୁଡୁଚିପତ୍ରକୁ ସେବନ ଦ୍ୱାରା ଏହା ପ୍ରାକୃତିକ ରୂପେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିପାଏ। ନିମ୍ବ ପତ୍ର ଓ ଫୁଲରେ ପ୍ରଚୁରମାତ୍ରାରେ ପ୍ରୋଟିନ୍, ଫ୍ୟାଟ୍, କ୍ୟାଲସିୟମ ଏବଂ ଆମିନୋଏସିଡ ଥôବାରୁ ଏହା ପାଚନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ।

# ନିମ୍ନ ରକ୍ତଚାପର ଚିକିତ୍ସା

ରକ୍ତ ସଞ୍ଚାଳନ ଦ୍ୱାରା ଶରୀର ସୁସ୍ଥ ରୁହେ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ତେବେ ସ୍ୱାଭାବିକ ଭାବେ ୭୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ। ଉଚ୍ଚରକ୍ତଚାପ ପରି ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଅନ୍ଧାର ଦେଖାଯିବା, ଦୁର୍ବଳ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏପରି ହେଉଥିଲେ ଏହାକୁ ଅଣଦେଖା କରିବା ଅନୁଚିତ। ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ ପିଇବା ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍ମିସ, ଆଲମଣ୍ଡ, ଅଖରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହେବାରେ ସହାୟକ କରିଥାଏ। ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କଲେ ନିମ୍ନରକ୍ତଚାପରେ ଉପକାର ହୁଏ। ନିମ୍ନ ରକ୍ତଚାପ ପାଇଁ ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖାଇଲେ ଉପକାର ମିଳେ। ପ୍ରତିଦିନ ଅତିକମ୍ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ ଧ୍ୟାନ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମ ଯୁକ୍ତ ଖାଦ୍ୟ ଖାଆନ୍ତୁ। ଫ୍ରୁଟ୍ସ୍ ଓ ଓଆର୍ଏସ୍ ପିଇପାରିବେ।




# ସ୍ମରଣ ଶକ୍ତି ବୃଦ୍ଧି କରେ ବ୍ରାହ୍ମୀ



ବ୍ରାହ୍ମୀ ବିଶେଷତଃ ସନ୍ତସନ୍ତିଆ ଓ ଓଦା ଭୂଇଁରେ ବଢ଼େ। ଏହା ଜଳବ୍ରାହ୍ମୀ ବା ଥାଲୁକୁଡ଼ି ନାଁରେ ପରିଚିତ। ଏହି ପତ୍ରଗୁଡ଼ିକ ଏକାନ୍ତର, ବୃକ୍କ ଆକୃତି ହୋଇଥାଏ। ସ୍ୱାଦରେ ତିକ୍ତ, କଟୁ ଓ ସାମାନ୍ୟ ସୁଗନ୍ଧି ହୋଇଥାଏ। ଏଥିରେ ଔଷଧୀୟ ଗୁଣ ଭରି ରହିଥିବାରୁ ଏହାକୁ ଚିକତ୍ସକଙ୍କ ପରାମର୍ଶରେ ପାନ କରାଗଲେ, ଏହା ମଣିଷକୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବା ସହ ଦୀର୍ଘାୟୁ କରିଥାଏ। ୧୦ରୁ ୨୦ ମିଲି ସ୍ୱରସକୁ ପାନ କଲେ, ସ୍ମରଣଶକ୍ତି ହ୍ରାସ, ମନ୍ଦାଗ୍ନି, ଶ୍ୱସନ ସମସ୍ୟା, ଚର୍ମରୋଗ ଆଦିରେ ଉପକାର ମିଳେ। ଚର୍ମରୋଗ ହୋଇଥିଲେ ବ୍ରାହ୍ମୀକୁ ବାଟି ଲେପ କରାଯାଏ। ଶିଶୁମାନଙ୍କର ଥଣ୍ଡା, କାଶ ଆଦିରେ ବ୍ରାହ୍ମୀ ସ୍ୱରସ ଏକ ଚାମଚ ପ୍ରୟୋଗ କଲେ ଉପଶମ ମିଳେ। ପ୍ରତିଦିନ ଏହି ପତ୍ର ଖାଇବା ସ୍ମରଣ ଶକ୍ତି ବୃଦ୍ଧି ହୁଏ। ଶିରାରେ ରକ୍ତ ପ୍ରବାହ ସ୍ୱାଭାବିକ ହୁଏ। ମାନସିକ ଦୁର୍ବଳତା ଥିବା ବ୍ୟକ୍ତିଙ୍କୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଏହାର ପତ୍ରକୁ ୫ ଗ୍ରାମ୍ ଚୂର୍ଣ୍ଣ କରି ଦିନକୁ ଦୁଇଥର ଦିଆଯାଇଥାଏ। ପେଟ ଜନିତ ରୋଗ ଦୂର ପାଇଁ ବ୍ରାହ୍ମୀ, ତ୍ରିଫଳା ଚୂର୍ଣ୍ଣ ଆଦି ସମମାତ୍ରାରେ ନେଇ ଅଳ୍ପ ଶୁଣ୍ଠି ଚୂର୍ଣ୍ଣ ମିଶାଇ ଦୁଇଥର ସେବନ କଲେ ରୋଗରୁ ଉପଶମ ମିଳେ। ଏହି ପତ୍ର ରସକୁ ସେବନ କରିବା ଦ୍ୱାରା ଶରୀରରୁ ଅଦରକାରୀ ତତ୍ତ୍ୱ ମୂତ୍ର ଆକାରରେ ବାହାରିଯାଏ। ବିଶେଷ କରି ବୃକ୍କ ସୁସ୍ଥ ରୁହେ। ମୂତ୍ରଜନିତ ରୋଗ ଆଦୌ ହୁଏ ନାହିଁ। ତିଦିନ ଚାରିପାଞ୍ଚଟି ପତ୍ରକୁ ଖାଲିପେଟରେ ଖାଇଲେ ରକ୍ତ ପରିଷ୍କାର ରହେ। ହଜମଶକ୍ତି ବୃଦ୍ଧି, ଆର୍ଥ୍ରାଇଟିସ୍ରୁ ଆରାମ ମିଳେ। ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଏହା ସବୁଠୁ ପ୍ରଭାବୀ। ଧ୍ୟାନ ଦେବେ, ବ୍ରାହ୍ମୀ ଅତ୍ୟଧିକ ସେବନ ଦ୍ୱାରା ତରଳଝାଡ଼ା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେଣୁ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।

ବୁଢ଼ାବଳଙ୍ଗରେ ତୃତୀୟ ବନ୍ୟା

# ବ୍ୟାପକ କ୍ଷୟକ୍ଷତି, ଜିଲ୍ଲାପାଳଙ୍କ ସମୀକ୍ଷା

**ବୈଶିଙ୍ଗା,୧୯ (ସଂଚାର ବ୍ୟୁରୋ):** ରବିବାର ସନ୍ଧ୍ୟା ଓ ସୋମବାରର ଲଗାତାର ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ପରିସ୍ଥିତି ଗୁରୁତର ହୋଇପଡ଼ିଛି। ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ତଥା ଉପରମୁଣ୍ଡରେ ଅତ୍ୟଧିକ ବର୍ଷା ପାଇଁ ବିଭିନ୍ନ ନଦୀରେ ବନ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ପ୍ରଭାବିତ ବ୍ଲକ ଯଥା ସରସକଣା, ବାଙ୍ଗିରିପୋଷି, ବିଶୋଇ, କୁଳିଅଣା, ବଡ଼ସାହି ଏବଂ ବେତନଟି ବ୍ଲକ୍ ର ସବୁ ସ୍କୁଲ୍ ବନ୍ଦ ରହିବା ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ପାଇଁ ବିଦ୍ୟାର୍ଥୀଙ୍କ ଛୁଟି ଘୋଷଣା ହୋଇଛି। ପାଣିପାଗ ରେଡ ଓ୍ୱାର୍ଣ୍ଣିଂ ପାଇଁ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇଥିବା ବେଳେ ଆଜି ଅରେଞ୍ଜ ଓ୍ୱାର୍ଣ୍ଣିଂ ରହିଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ଛୁଟି ଥିଲେ ମଧ୍ୟ ସମସ୍ତ ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବାଧ୍ୟତାମୂଳକ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ପ୍ରଶାସନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି।

ଗତ ସୋମବାର ଲଗାଣ ବର୍ଷାରେ ଫୁଲି ଉଠିଛି ବୁଢ଼ାବଳଙ୍ଗ। ଉପରମୁଣ୍ଡରେ ପ୍ରବଳ ବର୍ଷା ପରେ ଦ୍ରୁତଗତିରେ ବଢ଼ିଛି ବିଭିନ୍ନ ନଦୀର ଜଳସ୍ତର। ବଡ଼ସାହି ବ୍ଲକର ବେଲପାଳ ଓ ନାଖରା ରାସ୍ତା ଦେଇ ଗମନାଗମନ ବିଚ୍ଛିନ୍ନ ହୋଇଛି। ବନ୍ୟାଜଳର ତୃତୀୟ ପ୍ରଭାବ ଓ ବଡ଼ବନ୍ୟାର ଆଶଙ୍କାରେ ନଦୀକୂଳିଆ ଅଞ୍ଚଳବାସୀ ଭୟଭୀତ ରହିଛନ୍ତି। ବେତନଟୀ ବ୍ଲକର ନାଖରା, ପାଟଳିପୁରା, ଶାଳଗାଁ, ଦାରିହା, କାଠପାଳ, ସିଂଲାମୁଣ୍ଡି ଭଳି ବିଭିନ୍ନ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ନାଖରା ପୋଲ ଉପରେ ଦୁଇ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ଯୋଗୁଁ ବୈଶିଙ୍ଗା - ମାଣତ୍ରୀ ଯୋଗା ଯୋଗ ବିଚ୍ଛିନ୍ନ ରହିଛି। ଆଜି ରାତି ସୁଦ୍ଧା ବନ୍ୟାର ପ୍ରକୋପ ବୃଦ୍ଧି ପାଇବ ବୋଲି କୁହାଯାଉଛି। କେବଳ ବୁଢ଼ାବଳଙ୍ଗ ନୁହେଁ, ଗଙ୍ଗାହାର ନଦୀର ଜଳସ୍ତର ମଧ୍ୟ ଦ୍ରୁତଗତିରେ ବଢ଼ୁଥିବା ଜଣାପଡ଼ିଛି। ଲଗାତର ବନ୍ୟା ଜଳ ଯୋଗୁଁ ନଦୀ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ବନ୍ୟାଜଳ ପଶିବା ଆରମ୍ଭ କରିଥିବାରୁ ଚାଷୀଙ୍କ କ୍ଷତିକୁ ବ୍ୟାପକ କରିଦେଇଛି।

ସୋମବାର ରାତିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀକୂଳ ଗ୍ରାମଗୁଡିକ ନଜର ରଖାଯାଇଛି ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ମୟୂରଭଞ୍ଜ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ରହି ବନ୍ୟା ସ୍ଥିତିକୁ ନଜର ରଖିଛନ୍ତି। ପୂର୍ବ ବା ଗତ କିଛିଦିନ ଆଗର ବନ୍ୟା ଓ ଚଳିତ ବନ୍ୟାପାଣି ଫଳରେ ବିପଦସଂକୁଳ ଅବସ୍ଥାରେ ଥିବା ନାଖରା ସେତୁ ଉପରେ ଭାରୀ ଯାନବାହନ ଚଳାଚଳ ବନ୍ଦକରିବା ସହ ପୋଲ ଉପରେ ଛିଡା ହୋଇ ବନ୍ୟା ଦେଖିବା ଲୋକଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ସେତୁର ଦୁଇ ପାର୍ଶ୍ୱରେ ପୁଲିସ ମୁତୟନ କରାଯାଇଛି। ମାଟିକାନ୍ଥ ଘରେ କେହି ନ ରହିବାକୁ ନିର୍ଦ୍ଦେଶ ରହିଛି। ବେତନଟୀ ବ୍ଲକର ଅତିରିକ୍ତ ବିଡିଓ, ଅତିରିକ୍ତ ତହସିଲଦାର, ସିଡିପିଓ, ଗ୍ରାମ ପଞ୍ଚାୟତ ଅଧିକାରୀ, ବ୍ଲକ ମଙ୍ଗଳ ଅଧିକାରୀ ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ ରହି ସ୍ଥିତି ସମୀକ୍ଷା କରିବା ସହିତ ବନ୍ୟା ପୀଡିତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରୁଛନ୍ତି।

# ଖଙ୍କିରା ଓ ବ୍ରାହ୍ମଣ ତଇଲାରେ ହାତୀ ଉପଦ୍ରବ, ଚିନ୍ତାରେ ଚାଷୀ



**ଢେଙ୍କାନାଳ,୧୯ (ସଂଚାର ବ୍ୟୁରୋ):** ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ଷଡଙ୍ଗୀ ରେଞ୍ଜର ଖଙ୍କିରା ସଂରକ୍ଷିତ ଜଙ୍ଗଲରେ ହାତୀ ଉପଦ୍ରବ ଦେଖାଦେଇଛି। ବିଳମ୍ବିତ ରାତିରେ ଏକ ହାତୀ ପଲ ଖଙ୍କିରା ଅଞ୍ଚଳରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି, ଯାହା ସ୍ଥାନୀୟ ଚାଷୀଙ୍କ ପାଇଁ ଏକମାତ୍ର ରୋଜଗାରର ପନ୍ଥା।

ପ୍ରକାଶ ଯେ, ଜଙ୍ଗଲର ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଥିଲେ ମଧ୍ୟ ବ୍ରାହ୍ମଣ ତଇଲା ନିକଟରେ ଥିବା ରାସ୍ତା ଦେଇ ହାତୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁ ସହଜରେ ଗାଁ ଭିତରକୁ ପଶି ଆସୁଛନ୍ତି। ଫଳରେ ପ୍ରତିବର୍ଷ ଏହି ଅଞ୍ଚଳରେ ହାତୀ ଉତ୍ପାତ ବୃଦ୍ଧି ପାଉଛି। ଚଳିତ ବର୍ଷ ବହୁ କଷ୍ଟରେ ଫଳିଥିବା ଧାନ ଫସଲ ଯଦି ଏହିପରି ହାତୀ ପାଦତଳେ ନଷ୍ଟ ହୁଏ, ତେବେ ଚାଷୀମାନେ ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଲାଗି ରହିଥିବା ଏହି ହାତୀ-ମଣିଷ ସଂଘର୍ଷ କେବେ ଶେଷ ହେବ ଏବଂ ଏଥିପାଇଁ ପ୍ରକୃତରେ ଦାୟୀ କିଏ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ରାହ୍ମଣ ତଇଲା ଅଞ୍ଚଳରେ ଟ୍ରେଞ୍ଚ ଖୋଳିବା ପାଇଁ ସ୍ଥାନୀୟ ଚାଷୀମାନେ ଦୀର୍ଘ ଦିନ ଧରି ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଚାଷୀ ତଥା ବୁଦ୍ଧିଜୀବୀ ମହଲରୁ ଦୃଢ଼ ଦାବି ହେଉଛି। ପ୍ରଶାସନ କେବେ ନିଦ୍ରାରୁ ଉଠିବ ଓ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବ, ତାହା ଏବେ ଦେଖିବାକୁ ବାକି ରହିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୫୭ ହିତାଧିକାରୀ ପଞ୍ଜୀକୃତ



**ଗରଡପୁର,୧୯ (ସଂଚାର ବ୍ୟୁରୋ):** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗରଡପୁର ବ୍ଲକ ଅନ୍ତର୍ଗତ ନଇଜିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୬ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏହି ଶିବିରକୁ ବିଡ଼ିଓ ଆଲୋକ କୁମାର ସେଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଉକ୍ତ ଶିବିର ଦିବ୍ୟାଙ୍ଗ ମାନଙ୍କ ପ୍ରତି ସହାୟକ ହେବ ବୋଲି କହିଥିଲେ।

ଏହି ଶିବିରରେ ସମୁଦାୟ ୨୫୭ ଜଣ ହିତାଧିକାରୀ ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ମାନସିକ ଅନଗ୍ରସର ରେ ୫୦ ଜଣ ଚକ୍ଷୁ ବିଭାଗରେ ୨୯ ଅସ୍ଥିଶଲ୍ୟରେ ୧୩୨ ଓ ଶିଶୁ କଲ୍ୟାଣ ବିଭାଗ ରେ ୨୨ ଓ ଶ୍ରବଣ ବାଧିତ ବିଭାଗରେ ୨୪ ଙ୍କୁ ମିଶାଇ ସମୁଦାୟ ୨୫୭ ଜଣ ସେମାନେ ବିଭିନ୍ନ ରୋଗ ପରୀକ୍ଷା କରିବା ସହ କେତେକ ଯୋଗ୍ୟ ହିତାଧିକାରୀ ସେମାନଙ୍କ ପ୍ରମାଣ ପତ୍ର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

# ବୋରିଗୁମ୍ମା ଏନଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

**ବୋରିଗୁମ୍ମା,୧୯ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ନୂତନ ଏନଏସି ଭାବେ ଘୋଷଣା ହେବା ପରେ ଆଜି ପ୍ରଥମଥର ଭାବେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ନୂତନ ଏନଏସି ର ଅସ୍ଥାୟୀ କାର୍ଯ୍ୟାଳୟ (ପଞ୍ଚାୟତ କାର୍ଯ୍ୟାଳୟ, ବୋରିଗୁମ୍ମା) ଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ବିଧାୟକ ଶ୍ରୀ ବାହିନୀପତି ନିଜ ବକ୍ତବ୍ୟ ରେ କହିଥିଲେ ଯେ ବୋରିଗୁମ୍ମାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ମିଳିବା ପାଇଁ ଦୀର୍ଘଦିନ ଧରି ଆମ ଲଢ଼େଇ ଜାରି ରହିଥିଲା। ଏହି ନ୍ୟାୟସଙ୍ଗତ ଦାବି ପାଇଁ ବୋରିଗୁମ୍ମା ମାଟିରେ ଅନଶନରେ ବସିବା, ରାସ୍ତାରେ ଆନ୍ଦୋଳନ କରିବା ଏବଂ ବିଧାନସଭାରେ ଦୃଢ଼ତାର ସହ ଏହି ଦାବିକୁ ଉପସ୍ଥାପନ କରିବା, ଆଜି ସେହି ସଂଘର୍ଷ ଓ ଜନଆକାଂକ୍ଷା ଫଳପ୍ରଦ ହୋଇଛି। ଆଜି ନୂତନ ଭାବେ ଘୋଷିତ ବୋରିଗୁମ୍ମା ବିଜ୍ଞାପିତ ଅଞ୍ଚଳରେ ପତାକା ଉତ୍ତୋଳନ କରିବା ମୋ ପାଇଁ କେବଳ ଏକ ଔପଚାରିକତା ନୁହେଁ; ଏହା ମୋ ପାଇଁ ସଂଘର୍ଷର ସଫଳତା,



ବୋରିଗୁମ୍ମାବାସୀଙ୍କ ଭଲପାଇବା ଓ ଆଶୀର୍ବାଦର ଏକ ଅମୂଲ୍ୟ ମୁହୂର୍ତ୍ତ।

ବର୍ତ୍ତମାନ ନୂତନ ଏନଏସି ରେ ସଫେଇ କାର୍ଯ୍ୟ ୫୦ ଜଣ ସଫେଇ କର୍ମଚାରୀ ମାନଙ୍କୁ ନେଇ ଚାଲୁ ରହିଛି। ବୋରିଗୁମ୍ମା ସହର ସାରା ଆଲୋକିକରଣ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଏକ ସୁନ୍ଦର ଏନଏସି କାର୍ଯ୍ୟାଳୟ ନିର୍ମାଣ କରାଯାଇ ଭିତ୍ତିଭୂମି କୁ ସୁଦୃଢ଼ କରାଯିବ ବୋଲି କହିଥିଲେ। ବୋରିଗୁମ୍ମା ଏନଏସି ର ପ୍ରାରମ୍ଭିକ ଭାବେ ରାସ୍ତା ନିର୍ମାଣ ପାଇଁ ବିଧାୟକ ପାଣ୍ଠି ରୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଶ୍ରୀ ବାହିନୀପତି ଘୋଷଣା କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ବୋରିଗୁମ୍ମା ଏନଏସି ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଶୋଭନା କୁମାର ବେହେରା, ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, କଂଗ୍ରେସ ଯୁବ ନେତା ବିଜୟ ନାରାୟଣ ସାହୁ ଙ୍କ ସମେତ ବ୍ଲକ ର ସମସ୍ତ କର୍ମଚାରୀ, ସହରବାସୀ ଯୋଗ ଦେଇଥିଲେ।ଏହି ପରିପ୍ରେକ୍ଷୀରେ ଟାଉନ ହଲ ଠାରେ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାର୍ଶାଘାଇ,୧୯ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କୁରୁତୁଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପୂର୍ବତନ ସିଆରସିସି ଦେବେନ୍ଦ୍ରନାଥ ଦାସ ଏବଂ ବରେଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସୂତାରଙ୍କୁ ସୋମବାର ମାର୍ଶାଘାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧିତ କରାଯାଇଛି।



ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଉଭୟ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କାର୍ଯ୍ୟକାଳର ଅନ୍ତିମ ଦିବସରେ ସରକାରଙ୍କ ନିୟମ ମୁତାବକ ଫାଇନାଲ ପେନସନ ପତ୍ର ପ୍ରଦାନ କରିଥିଲେ । ଉଭୟ ପ୍ରଧାନ ଶିକ୍ଷକଙ୍କ ଅବସର ସମୟ ଶାନ୍ତି ଏବଂ ସୁଖମୟ ହେଉ ବୋଲି ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ବେଉରା ପ୍ରାର୍ଥନା କରିବା ସହିତ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟତମ ଏବିଇଓ ହିରଣ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସ୍ମୃତିରଞ୍ଜନ ପଟ୍ଟନାୟକ, ମନୋଜ କୁମାର ସେଠୀ, କିଶୋର ସାମଲ ଉମାକାନ୍ତ ଜେନାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଧାମନଗର ପୁଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ




**ଧାମନଗର, ୧୯ (ସଂଚାର ବ୍ୟୁରୋ):** ଧାମନଗର ସରକାରୀ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ଏବଂ କ୍ଷେତ୍ରପୁର ହାଇସ୍କୁଲ ପରିସରରେ ଧାମନଗର ପୋଲିସ ପକ୍ଷରୁ ନିଶାମୁକ୍ତ ଓଡିଶା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଏହି ଅବସରରେ ଧାମନଗର ଥାନା ଶୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏଥିରେ ଏସଡିପିଓ ବିଷ୍ଣୁ ଚରଣ ବାରିକ ଯୋଗ ଦେଇ ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ଶପଥ ଗ୍ରହଣ କରିଥିବା ବେଳେ 'ନିଶାକୁ ନା, ଜୀବନକୁ ହଁ' ବାର୍ତ୍ତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଯୁବପିଢ଼ି ନିଶା ସେବନଠାରୁ ଦୂରେଇ ସୁସ୍ଥ ଓ ଶୃଙ୍ଖଳିତ ଜୀବନଶୈଳୀ ଆପଣାଇବାକୁ ପୁଲିସ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଥିଲା। ଯେଉଁମାନେ ନିଶା କାରବାର କରୁଛନ୍ତି ସେମାନଙ୍କୁ ଟାରଗେଟ କରିବୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଯେଉଁ ମାନେ ପଛପଟରୁ ଥାଇ ଅର୍ଥ ବ୍ୟୟବରାଦ କରୁଛନ୍ତି ତାଙ୍କ ପ୍ରତି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛନ୍ତି। ଏଥିସହିତ ଧାମନଗର ଅଞ୍ଚଳରେ ନିଶାମୁକ୍ତ କରାଯିବ।

## ରାଜମିସ୍ତ୍ରି ସଂଘର ସଭାପତି ହେଲେ ହଳଧର ସୁଚେନ



**ଲକ୍ଷ୍ମୀପୁର, ୧୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ରାଜମିସ୍ତ୍ରୀ ସଂଘର ସାଧାରଣ ବୈଠକ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରତିମାସର ୧ ତାରିଖରେ ହେଉଥିବା ଏହି ବୈଠକରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ରାଜମିସ୍ତ୍ରୀ ଯୋଗଦେଇଥିଲେ। ଦୀର୍ଘ ୧୬ ବର୍ଷ ଧରି ସଂଘ ରାଜମିସ୍ତ୍ରୀମାନଙ୍କ ସ୍ୱାର୍ଥ, ଅଧିକାର ଓ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିଆସୁଛି।

ସଂଘ ଗଠନ ସମୟରେ ହଳଧର ସୁଚେନ ସଭାପତି ଭାବେ ଚୟନ ହୋଇ ଦୀର୍ଘ ୧୨ ବର୍ଷ ଧରି ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ ସ୍ୱର୍ଗତ ଧବଳ ସାହୁ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱର୍ଗତ ଧବଳ ସାହୁ ଦୀର୍ଘ ୪ ବର୍ଷ ଧରି ସଂଘର ସଭାପତି ରହି ସଦସ୍ୟମାନଙ୍କ ସ୍ୱାର୍ଥ ତଥା ସଂଘର କାର୍ଯ୍ୟକଳାପକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ତାଙ୍କ ଅକାଳ ବିୟୋଗରେ ବୈଠକ ଆରମ୍ଭରେ ସଂଘ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନୂତନ ସଭାପତି ଚୟନ ନେଇ ଆଲୋଚନା ହୋଇଥିଲା। ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ହଳଧର ସୁଚେନଙ୍କୁ ପୁନର୍ବାର ସଂଘର ସଭାପତି ଭାବେ ଚୟନ କରାଯାଇଥିଲା।ଏଥିସହ ସାହେବ ମିଣିଆକା ଉପସଭାପତି, ବିବିଷଣ ଗରଡା ସମ୍ପାଦକ, ଜଗବନ୍ଧୁ ମେଲେକା ସହସମ୍ପାଦକ, ରାଜେନ୍ଦ୍ର ମୁସ୍କା ଲିଗାଲ୍ ଆଡଭାଇଜର ଏବଂ ପାତ୍ର ତୁରୁକ୍ ସଦସ୍ୟ ଭାବେ ସର୍ବସମ୍ମତିକ୍ରମେ ଚୟନ ହୋଇଥିଲେ।

ନବନିର୍ବାଚିତ ସଭାପତିଙ୍କ ସମେତ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସଂଘର ସଦସ୍ୟମାନେ ଫୁଲମାଳ ପିନ୍ଧାଇ ଉଷ୍ମ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଆଗାମୀ ଦିନରେ ରାଜମିସ୍ତ୍ରୀମାନଙ୍କ ସମସ୍ୟା, ସ୍ୱାର୍ଥ ଓ ଅଧିକାର ପାଇଁ ସଂଘ ଆହୁରି ସୁଦୃଢ଼ ଭାବେ କାର୍ଯ୍ୟ କରିବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି।

# ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଗାଁରେ ନାହିଁ ପକ୍କା ସଡ଼କ

## କାଦୁଅ ପଚପଚ ରାସ୍ତାରେ ଯାଉଛନ୍ତି ୫୦ ପରିବାର

**ଆନନ୍ଦପୁର,୧୯ (ସଂଚାର ବ୍ୟୁରୋ):** ଦେଶ ଆଜି ସ୍ୱାଧୀନତାର ୮୦ତମ ଦିବସ ପାଳନ କରୁଥିବା ବେଳେ ନିଜର ମୌଳିକ ସୁବିଧାରୁ ବଞ୍ଚିତ ପଚାଶ ପରିବାର। ବିକାଶର ଡିଣ୍ଡିମ ପିଟୁଛନ୍ତି ସରକାର। ହେଲେ ଏବେ ବି ଏମିତି କିଛି ଅଞ୍ଚଳ ରହିଛି, ଯେଉଁଠି ଭଲ ରାସ୍ତାଟିଏ ପାଇଁ ଲୋକେ କରୁଛନ୍ତି ଅପେକ୍ଷା।



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଜଳସୁଆଁ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ବଡ଼ପଡ଼ିଆରେ ପ୍ରାୟ ୫୦ ପରିବାର ବସବାସ କରୁଛନ୍ତି। ହେଲେ ଏହି ଅଞ୍ଚଳବାସୀଙ୍କ ପାଇଁ ଆଜି ବି ଭଲ ରାସ୍ତାଟିଏ ସ୍ୱପ୍ନ ପାଲଟିଛି। ଏ ହେଉଛି ଜଗନ୍ନାଥପୁର ବଡ଼ପଡ଼ିଆର ରାସ୍ତାର ଚିତ୍ର। ରାସ୍ତା ନାଁରେ ରହିଛି କାଦୁଅ, ପଚପଚ ପାଣି ଆଉ ବଡ଼ ବଡ଼ ଖାଲ। ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ସଙ୍ଗୀନ ହୋଇପଡୁଛି। ଏହି କାଦୁଅ ଓ ପାଣି ଭିତରେ ପଶି ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ଓ କଲେଜ୍ ଯିବାକୁ ପଡୁଛି। କେବଳ ପାଠପଢ଼ା ନୁହେଁ, ନିକଟସ୍ଥ ନଳକୂପରୁ ପାଣି ଆଣିବା ପାଇଁ ମଧ୍ୟ ଲୋକଙ୍କୁ ଏହି ରାସ୍ତା ଉପରେ ହିଁ ନିର୍ଭର କରିବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ରାସ୍ତା ମରାମତି ପାଇଁ ପଞ୍ଚାୟତ ନିକଟରେ ଦାବି କରାଯାଉଛି। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହୋଇଛି।

ପ୍ରଶ୍ନ ଉଠୁଛି, ବିକାଶର ଦାବି କରୁଥିବା ସମୟରେ ପ୍ରାୟ ୫୦ ପରିବାର ପାଇଁ ଖଣ୍ଡେ ଭଲ ରାସ୍ତା ନିର୍ମାଣ ହୋଇପାରୁନି କାହିଁକି? କାହିଁକି ଏହି ଅଞ୍ଚଳବାସୀଙ୍କ ଦାବି ପ୍ରତି ଦୃଷ୍ଟି ଦିଆଯାଉନାହିଁ? ତେଣୁ ଲୋକଙ୍କ ଦାବି, ଏହି ରାସ୍ତାର ତୁରନ୍ତ ମରାମତି କରାଯାଉ। ଏହା ସହିତ ସ୍ଥାୟୀ ସମାଧାନ ପାଇଁ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉ ବୋଲି ଯଦୁନାଥ ଜେନା, ରଞ୍ଜନ ଜେନା, ଭକ୍ତବନ୍ଧୁ ମାଝୀ, ସୁବଳ ଜେନା, ଦିବ୍ୟରଞ୍ଜନ ଓଝା, ବାଦଲ କୁମାର ଜେନା, ପ୍ରେମଲତା ଜେନା, ଗୁରମତୀ ଜେନା, ବିଳାସ ଜେନା ଓ ନନ୍ଦିନୀ ଜେନାଙ୍କ ସମେତ ସ୍ଥାନୀୟ ଲୋକେ ଏନେଇ ଦାବି କରିଛନ୍ତି।

ଏବେ ଦେଖିବାକୁ ବାକି ପ୍ରଶାସନ ଓ ପଞ୍ଚାୟତ କେବେ ଶୁଣୁଛନ୍ତି ଏହି ୫୦ ପରିବାରର ଦୁର୍ଦ୍ଦଶା।

## ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ଅବଧି ବୃଦ୍ଧି

**ବାରିପଦା,୧୯ (ସଂଚାର ବ୍ୟୁରୋ):** ଦ୍ୱାରଶୁଣୀ ଘାଟି ମଧ୍ୟ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି। ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ ।

# ସ୍ୱାବଲମ୍ବୀ ଭାରତ ଅଭିଯାନ ତରଫରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

**ମାର୍ଶାଘାଇ,୧୯ (ସଂଚାର ବ୍ୟୁରୋ):** ମାର୍ଶାଘାଇ ମହିଳା ମହା ବିଦ୍ୟାଳୟ ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ପରିପ୍ରେକ୍ଷୀରେ "ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ" ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଅଭିଯାନର ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଛାୟତ, ଜିଲ୍ଲା ଯୁବା ପ୍ରମୁଖ ତଥା ଯୁବ ଉଦ୍ୟୋଗୀ ଅଶ୍ୱିନୀ କୁମାର ବେହେରା, ଉତ୍କଳ ସାମ୍ବାଦିକ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ହିମାଂଶୁ ନାୟକ ଏବଂ ପୂର୍ଣ୍ଣକାଳୀନ




ରଶ୍ମିରଂଜନ ସେଠୀ ଉପସ୍ଥିତ ରହି ସମସ୍ତ ଯୁବକମାନେ ପାଠପଢା ପରେ କେବଳ ସରକାରୀ ଚାକିରୀ ପଛରେ ନ ପଡି ନିଜକୁ ଆତ୍ମନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନ କରିବାର ପନ୍ଥା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ଭାରତବର୍ଷକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ହେଲେ ସମସ୍ତ ଦେଶବାସୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ସହ "ଭୋକାଲ ଫର ଲୋକାଲ " ମାଧ୍ୟମରେ ଦେଶୀୟ ବସ୍ତୁର ଆଦର ଓ ପ୍ରୋତ୍ସାହନ ବଢାଇବା ସହ ଯୁବ ସମାଜକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ ଯାହାଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶିଷ କୁମାର ଦାସ , ଜୀବନ ପ୍ରଦୀପ ଦାସ,ତନୁଜ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

**ବାରିପଦା,୧୯ (ସଂଚାର ବ୍ୟୁରୋ):** ଚାରିଦିନ ହେଲା ଲଗାଣ ବର୍ଷା ଯୋଗୁଁ ବିଜାତଳା ତହସିଲ ଅଞ୍ଚଳରେ ନାହିଁ ନଥିବା କ୍ଷତି ହୋଇଛି। ବିଜାତଳା ତହସିଲ ଅନ୍ତର୍ଗତ ମାଣିକପୁର ପଞ୍ଚାୟତର ବନ୍ଧ ଗାଁର ବାଲେୟା ମୁଣ୍ଡା ଘର ସୋମବାର ରାତିରେ ଭୁଷୁଡିଯିବା ସହ ଆସବାବା ପତ୍ର ନଷ୍ଟ ହୋଇଯାଇଛି। ପରିବାରର ୭ ଜଣ ଏବଂ ଗୋରୁଗାଈ ଛେଳି ଖୋଲା ଆକାଶରେ ତଳେ ଦିନ କାଟୁଛନ୍ତି । ମୁଣ୍ଡ ଗୁଞ୍ଜିବାକୁ ଜାଗା ନନାହିଁ। ବିଜାତଳା ତହସିଲଦାର ଏବଂ ବିଡ଼ିଓ ତୁରନ୍ତ ଏଥିପ୍ରତି କିଛି ନା କିଛି ସହାୟତା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।



ସେହିପରି ଅନ୍ୟ ଏକ ଘଟଣାକ୍ରମେ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଅଛି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ସିମାନ୍ତ ତିରିଂ ଥାନା ଅଞ୍ଚଳର ଲଘୁଚାପ ଜନିତ ବର୍ଷା ଯୋଗୁଁ ବଡଭୁଞ୍ଜୁ ପଞ୍ଚାୟତର ମାତଖମାଣ୍ଡି ଗ୍ରାମର ଜନୈକ ମହିଳା କାନ୍ଥ ପଡ଼ି ମହିଳା ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

# ରେଳ ବିଭାଗ ଓ ଡ୍ରେନେଜ୍ ବିଭାଗର ମିଳିତ ପରିଦର୍ଶନ ଓ ସମୀକ୍ଷା

**ଡେରାବିଶ,୧୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ରେଳ ବିଭାଗର ବିକାଶ ଓ ରେଳ ଲାଇନ୍ ଯୋଗୁଁ ବ୍ଲକ ଅଞ୍ଚଳର ବିଭିନ୍ନ ଚାଷଜମିରୁ ଜଳନିଷ୍କାସନରେ ସମସ୍ୟାର ସୁଧାର ନିମନ୍ତେ ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡ଼ା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଆଜି ପୂର୍ବାହ୍ନରେ ରେଳ ବିଭାଗ ପକ୍ଷରୁ ହରିଦାସପୁର-ପାରାଦ୍ୱୀପ ରେଲୱେ କମ୍ପାନୀ ଲିମିଟେଡ୍‌ର କମ୍ପାନୀ ସେକ୍ରେଟେରୀ ସୁଶାନ୍ତ କୁମାର ଶତପଥି, ରେଳବିକାଶ ନିଗମ ଲିମିଟେଡ୍‌ର ମ୍ୟାନେଜର ମାଇକେଲ ଟେଟେଙ୍କ ସହିତ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଜଳନିଷ୍କାସନ କେନ୍ଦ୍ରାପଡ଼ା ଡିଭିଜନ୍‌ର ଅଧିକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶେଖର, ଉପଖଣ୍ଡ ଅଧିକାରୀ ଇଂ ଲିପକ କୁମାର ସ୍ୱାଇଁ, , ସହକାରୀ ଯନ୍ତ୍ରୀ ଇଂ ରାଜେନ୍ଦ୍ର କୁମାର ବରିହା, କନିଷ୍ଠ ଯନ୍ତ୍ରୀ ଇଂ ଦିପ୍ତିମୟୀ ସାହୁ, ଇଂ ସୁରଜ କୁମାର ମଲିକ ମିଳିତ ଭାବେ ଆଜି ଡେରାବିଶ ବ୍ଲକ ଅଞ୍ଚଳକୁ ପରିଦର୍ଶନରେ ଆସିଥିଲେ।



ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ପ୍ରଥମେ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଠାରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକର ନୂଆହାଟ ପାଟ ସହିତ ରେଳ ଲାଇନ୍ ପାଶ୍ୱରେ ଜଳନିଷ୍କାସନ ପଥ ନିର୍ମାଣ ଓ ନିଷ୍କାସନ ପଥର ମରାମତି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀପଡ଼ା ଠାରେ ହରିଦାସପୁର-ପାରାଦ୍ୱୀପ ରେଳପଥର ୬୪ ନଂ ପୋଲ ତଳେ ଅତିକ୍ରମ କରିଥିବା ୧୬ ନଂ ପାଟନାଳୀ ବନ୍ଧ ରେଳପଥ ନିର୍ମାଣ ସମୟରେ ନଷ୍ଟ ହୋଇଥିବା ଯୋଗୁଁ ଉଦବୃତ ବର୍ଷାଜଳ ପଶି ହଜାର ହଜାର ଏକର ଚାଷଜମି ପାଣିରେ ବୁଡ଼ିରହିଥିବା ବୁଲି ଦେଖିଥିଲେ। ରେଳ ବିଭାଗ ପକ୍ଷରୁ ଏଠାରେ କଂକ୍ରିଟ ଗାର୍ଡ୍‌ୱାଲ ନିର୍ମାଣ ପାଇଁ ଦିଆଯାଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

ସେହିପରି ବାଜିପଡ଼ା ରେଳଷ୍ଟେସନ୍ ନିକଟରେ ରେଳଲାଇନ୍ ତଳେ ଜଳନିଷ୍କାସନ ପାଇଁ ସାଇଫନ୍ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ବାଜିପଡ଼ା ଷ୍ଟେସନ୍‌ରେ ଯାତ୍ରୀବାହୀ ଟ୍ରେନ ପ୍ଲାଟଫର୍ମ-୨ରେ ଲାଗୁଥିବାରୁ ସେଠାରେ ପ୍ଲାଟଫର୍ମ ସେଡ୍, ଅଧିକ ବେଞ୍ଚ ଓ ପ୍ଲାଟଫର୍ମ, ୨ ଓ ୩ର ଉନ୍ନତିକରଣ, ଗାଡ଼ି ପାର୍କିଂ ସ୍ଥଳ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ଲିଫ୍ଟ ଓ ର୍‌ୟାମ୍ପ ନିର୍ମାଣ, ଷ୍ଟେସନ୍ ଠାରୁ ହଳଦିଆ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍, ଷ୍ଟେସନ୍‌ରେ ଟି-ଷ୍ଟଲ ନିର୍ମାଣ ପାଇଁ ଶ୍ରୀ ପରିଡ଼ା ଦାବି କରିଥିଲେ।

ଏହାଛଡ଼ା ରେଳଲାଇନ୍‌କୁ ଲାଗିଥିବା ଠାକୁରପାଟଣା ପଞ୍ଚାୟତ ଉଚ୍ଚବାଳିକ ବିଦ୍ୟାଳୟ ପାଶ୍ୱରେ ରେଳ ବିଭାଗର ପକ୍ଷରୁ ବାଉଣ୍ଡରୀ ୱାଲ ନିର୍ମାଣ ପାଇଁ ଶ୍ରୀ ପରିଡ଼ା ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ।

## ବନ୍ୟା ପାଣିରେ ଭାସିଯାଇଥିବା ଖବର କାଗଜ ବିକ୍ରେତାଙ୍କ ମୃତଦେହ ଉଦ୍ଧାର

**ବାରିପଦା,୧୯ (ସଂଚାର ବ୍ୟୁରୋ):** ବିଜାତଳା ବ୍ଲକର ଜଣାଶୁଣା ଖବର କାଗଜ ବିକ୍ରେତା ସୃଷ୍ଟିଧର ଗିରି(୬୫) ଗତକାଲି ଖବର କାଗଜ ବାଣ୍ଟିବାକୁ ଯାଉଥିବା ସମୟରେ ଆମଦାବେଡା - ନୁଆଗାଁ ପୋଲ ଉପରେ ପାରୋଉଥିବା ସମୟରେ ଉଛୁଳା ପାଣି ସୁଅରେ ଗତକାଲି ପୂର୍ବାହ୍ନ ୧୧ ଟା ପାଖାପାଖି ବେଳେ ଭାସି ଯାଇଥିଲେ । ସ୍ଥାନୀୟ ଲୋକେ, ଅଗ୍ନିଶମ ବିଭାଗ ଏବଂ ପୋଲିସ ଅନେକ ଖୋଜା ଖୋଜି କରି ନୟାନ୍ତ ହୋଇ ଯାଇଥିଲେ। ପରିବାରବର୍ଗ ଓ ଗ୍ରାମବାସୀ, ସାମ୍ବାଦିକମାନେ ଚିନ୍ତିତ ଥିଲେ। ଆଜି ପୁଣି ଅଗ୍ନିଶମ ବିଭାଗ,ପରିବାର



ଲୋକେ ଏବଂ ଗ୍ରାମବାସୀ ଖୋଜାଖୋଜି କରି ମଧ୍ୟାହ୍ନରେ ସେହି ନାଳ ପୋଲ ତଳେ ଥିବା ପଥର ଖଞ୍ଜି ଓ ବୁର୍ଲାରେ ସୃଷ୍ଟିଧର ଗିରିର ମୃତଦେହ ଉଦ୍ଧାର କରିଥିଲେ। ପରେ ଗୋରୁମହିଷାଣି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।